୬ ଜୁନିଅର ପୁରୁଷ ହକି ଦଳର ମୁଖ୍ୟ କୋଚ୍ ହେଲେ ଶ୍ରୀଜେଶ୍




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା
TM
The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

ଦଶ୍ରଟ ଏବଂ ଦବକ ଷାନ ଠଣକ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

• ବର୍ଷ–୩୧ • ସଂଖ୍ୟା–୧୯୪ • ୧୦ ଅଗଷ୍ଟ ୨୦୨୪, ଶନିବାର • ଭୁବନେଶ୍ୱର • Vol -31 • Issue-194 • 10th August 2024, Saturday • Bhubaneswar | Licensed to post without pre-payment of postage No- BN-60/22-24

## ରାଜ୍ୟସ୍ତରୀୟ କ୍ରାନ୍ତି ଦିବସ

# କୁଟୁମ୍ବ ଯୋଜନାରେ ସଂଗ୍ରାମୀଙ୍କ ପରିବାରକୁ ଦିଆଯିବ ଭତ୍ତା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯।୮
ନ୍ୟୁଜ୍ ବ୍ୟୁରୋ

ବର୍ତ୍ତମାନ ସମୟର ସବୁ ସଫଳତା ଓ ସବୁ ଆନନ୍ଦ ପଛରେ ରହିଛି ଆମର ମହାନ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଚରମ ତ୍ୟାଗ ଓ ବଳିଦାନ। ତେଣୁ ରାଜ୍ୟ ସରକାର ସ୍ୱାଧୀନତା ସଂଗ୍ରାମୀମାନଙ୍କର ପରିବାରକୁ ଚିହ୍ନଟ କରି ସେମାନଙ୍କୁ ପରିଚୟ ଦେବା ସହିତ ଉପଯୁକ୍ତ ସମ୍ମାନ ପ୍ରଦାନ କରିବେ। ଶୁକ୍ରବାର ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଆୟୋଜିତ କ୍ରାନ୍ତି ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର କୁଟୁମ୍ବ ଯୋଜନାରେ ସ୍ୱାଧୀନତା ସଂଗ୍ରାମୀମାନଙ୍କର ପରିବାରକୁ ପେନ୍‌ସନ୍ ପ୍ରଦାନ କରିବା ପାଇଁ ମଧ୍ୟ ବିଚାର କରୁଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଥମେ ଶହୀଦ ସ୍ତମ୍ଭରେ ପୁଷ୍ପ ପ୍ରଦାନ କରି ଶହୀଦ ସଂଗ୍ରାମୀମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ଉପସ୍ଥିତ ସ୍ୱାଧୀନତା ସଂଗ୍ରାମୀମାନଙ୍କର ପରିବାରର ସଦସ୍ୟମାନଙ୍କୁ ସମ୍ମାନିତ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ଅଗଷ୍ଟ ୯ ଭାରତର ସଂଗ୍ରାମ ଇତିହାସର ଏକ ପବିତ୍ର ଦିନ। ଅଗଷ୍ଟ କ୍ରାନ୍ତି ଦେଶର ଇତିହାସର ଦିଗ ପରିବର୍ତ୍ତନ କରିଥିଲା ଏବଂ ସ୍ୱାଧୀନତା ପାଇଁ ପଥ ଉନ୍ମୁକ୍ତ କରିଥିଲା। ଆଜିର ଦିନଟି ହେଉଛି ଦେଶ ପାଇଁ ଅସୀମ ତ୍ୟାଗ କରିଥିବା ସଂଗ୍ରାମୀମାନଙ୍କ ସଂଘର୍ଷ ଓ ବଳିଦାନକୁ ସ୍ମରଣ କରି ସେମାନଙ୍କ ଜୀବନରୁ ପ୍ରେରଣା ନେବାର ଦିନ।



ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ୧୯୪୨ ମସିହା ଅଗଷ୍ଟ ୯ ତାରିଖରେ ଯେଉଁ ଆନ୍ଦୋଳନ ଆରମ୍ଭ ହୋଇଥିଲା ତାହା ସାରା ଭାରତର କୋଣ ଅନୁକୋଣରେ ପରିବ୍ୟାପ୍ତ ହୋଇଥିଲା। ଭାରତଛାଡ ଆନ୍ଦୋଳନ ଥିଲା ବାସ୍ତବରେ ଏକ ସର୍ବଭାରତୀୟ *(ପୃଷ୍ଠା ୭ରେ)*

## ଫୁଲୁଛି ମହାନଦୀ : ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା

# ୧୦ ଜିଲ୍ଲାପାଳଙ୍କୁ ସତର୍କ କରାଇଲେ ଏସ୍ଆରସି

ଭୁବନେଶ୍ୱର, ୯।୮
ନ୍ୟୁଜ୍ ବ୍ୟୁରୋ

ହୀରାକୁଦ ଡ୍ୟାମର ୧୪ଟି ଗେଟ ଖୋଲାଯିବା ପରେ ମହାନଦୀର ଜଳସ୍ତର ବୃଦ୍ଧିପାଇବାରେ ଲାଗିଛି । କଟକ ମୁଣ୍ଡଳୀରେ ମହାନଦୀ ଜଳସ୍ତର କ୍ରମାଗତ ବୃଦ୍ଧି ପାଉଥିବା ବେଳେ ଶୁକ୍ରବାର କଟକର ମୁଣ୍ଡଳୀ ଦେଇ ୫.୭୮ ଲକ୍ଷ କ୍ୟୁସେକ ବନ୍ୟା ପାଣି ପ୍ରବାହିତ ହେଉଛି । ମହାନଦୀର ଜଳସ୍ତର ବଢୁଥିବାରୁ ଅବବାହିକାରେ ଥିବା ୧୦ ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର।

ଏସବୁ ଜିଲ୍ଲାଗୁଡ଼ିକ ହେଲା ସମ୍ବଲପୁର, ସୋନପୁର, ନୟାଗଡ଼, ଅନୁଗୋଳ, ବୌଦ୍ଧ, ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର ଓ କେନ୍ଦ୍ରାପଡା। ଏଥିସହ ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଛି । ପାଣି ପ୍ରବାହିତ ହେଉଥିବା ରାସ୍ତା, ବ୍ରିଜ ଉପରେ ଯାଆସ ନକରିବାକୁ ବାରଣ କରାଯାଇଛି।

ମହାନଦୀ ଜଳସ୍ତର ବୃଦ୍ଧି ପାଇବା ଫଳରେ *(ପୃଷ୍ଠା ୭ରେ)*



# ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୯।୮ : ନ୍ୟୁଜ୍ ବ୍ୟୁରୋ

ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଉପକୂଳ ଜିଲ୍ଲାମାନଙ୍କରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗର ସୂଚନା ମୁତାବକ ଆଗାମୀ ୨୪ ଘଣ୍ଟା ମଧ୍ୟରେ କିଛି ସ୍ଥାନରେ ହାଲୁକା ବର୍ଷା ଥିବାବେଳେ ଆଉ କିଛି ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ପାଣିପାଗ ବିଭାଗର ସୂଚନାନୁସାରେ ଆଗାମୀ ୧୩ ତାରିଖରୁ ପ୍ରବଳ ବର୍ଷା ପରିମାଣ ବଢିବାର ସମ୍ଭାବନା ରହିଛି। ଚଳିତ ବର୍ଷ ୧୬ ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ୪ ଜିଲ୍ଲାରେ ଅତି ପ୍ରବଳ ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

## ବର୍ଷା ଜନିତ କ୍ଷୟକ୍ଷତି ରିପୋର୍ଟ ଦେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୯।୮
ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ବିଭିନ୍ନ ସ୍ଥାନରେ ଲଘୁଚାପ ଜନିତ ପ୍ରବଳ ବର୍ଷା ଲାଗି ରହିଛି । ଏହି ବର୍ଷା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ଦେବାକୁ ସବୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର। ଏନେଇ ଅତିରିକ୍ତ ଏସଆରସି ପଦ୍ମନାଭ ବେହେରା ସମସ୍ତ ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି। ବର୍ଷା କ୍ଷୟକ୍ଷତି ରିପୋର୍ଟ ତୁରନ୍ତ ପ୍ରଦାନ କରିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି।

## ଭୁବନେଶ୍ୱର-ପୁରୀ ଏବଂ ବଡବିଲ୍-ଚଣ୍ଡିଖୋଲ ୬ ଲେନ୍ ହେବ

ଭୁବନେଶ୍ୱର, ୯।୮
ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର-ପୁରୀ (ଏନ୍‌ଏଚ୍ ୩୧୬) ହେବ ୬ ଲେନ୍। ସେହିପରି ବଡବିଲ୍-ଚଣ୍ଡିଖୋଲ ଜାତୀୟ ରାଜପଥ ମଧ୍ୟ ୬ ଲେନ୍ ବିଶିଷ୍ଟ ହେବ। ଏହି ଦୁଇ ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ଦୁଇ ଲେନ୍ ବିଶିଷ୍ଟ ସର୍ଭିସ୍ ରୋଡ୍ ମଧ୍ୟ ରହିବ। ଏ ସମ୍ପର୍କିତ ପ୍ରସ୍ତାବ ମଞ୍ଜୁର ହୋଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ରାଜ୍ୟସଭା ଅଧ୍ୟକ୍ଷ-ଜୟା ବଚ୍ଚନ ମୁହାଁମୁହିଁ

ନୂଆଦିଲ୍ଲୀ, ୯।୮

ଅଭିନେତ୍ରୀ ତଥା ରାଜନେତ୍ରୀ ଜୟା ବଚ୍ଚନ ଏବଂ ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡଙ୍କ ବିବାଦ ଥମିବାର ନାଁ ନେଉନାହିଁ। ସେମାନେ ପୁଣି ଥରେ ମୁହାଁମୁହିଁ ହୋଇଛନ୍ତି। ଧନଖଡ ତାଙ୍କ ସହ ଭଲ ସ୍ୱରରେ କଥା ହୋଇନାହାନ୍ତି ବୋଲି ରାଜ୍ୟସଭା ସାଂସଦ ଜୟା ବଚ୍ଚନ ଅଭିଯୋଗ ଆଣିବା ପରେ ବିରୋଧୀ ସଦସ୍ୟମାନେ ଅଧ୍ୟକ୍ଷଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରି ରାଜ୍ୟସଭାରୁ ବାହାରି ଯାଇଥିଲେ।

ସମାଜବାଦୀ ପାର୍ଟିର ସାଂସଦ ବଚ୍ଚନ ଶୁକ୍ରବାର ଦିନ ଗୃହରେ ଭାଷଣ ଦେଇ ଧନଖଡ ବ୍ୟବହାର କରିଥିବା କଣ୍ଠସ୍ୱର ଗ୍ରହଣୀୟ ନୁହେଁ ବୋଲି କହି ତାଙ୍କଠାରୁ କ୍ଷମା ମାଗିବାକୁ ଦାବି କରିଛନ୍ତି।

ଜୟା କହିଛନ୍ତି, ମୁଁ ଜଣେ କଳାକାର। ମୁଁ ଶରୀରର ଭାଷା ଏବଂ ଅଭିବ୍ୟକ୍ତିକୁ ବୁଝିପାରେ। ଆପଣଙ୍କ ସ୍ୱର ଠିକ ନଥିଲା, ଆମେ ଆପଣଙ୍କ *(ପୃଷ୍ଠା ୭ରେ)*





# ସରିଲା ବଜେଟ୍ ଅଧିବେଶନ : ଅନିର୍ଦ୍ଦିଷ୍ଟ କାଳ ପାଇଁ ସଂସଦ ମୁଲତବୀ

ନୂଆଦିଲ୍ଲୀ, ୯।୮

ଶୁକ୍ରବାର ସଂସଦର ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ସଂସଦର ବଜେଟ ଅଧିବେଶନ ଗତ ଜୁଲାଇ ୨୨ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୧୨ ତାରିଖରେ ଶେଷ ହେବାର ଥିଲା। ଲୋକସଭା ବାଚସ୍ପତି ଓମ ବିର୍ଲା କହିଛନ୍ତି, ୧୧୫ ଘଣ୍ଟା ଧରି ଚାଲିଥିବା ଏହି ଅଧିବେଶନରେ ୧୫ଟି ବୈଠକ ଅନୁଷ୍ଠିତ ହୋଇଥିଲା। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଜୁଲାଇ ୨୩ ତାରିଖରେ ୨୦୨୪-୨୫ ଆର୍ଥିକ ବର୍ଷପାଇଁ କେନ୍ଦ୍ର ବଜେଟ ଉପସ୍ଥାପନ କରିଥିଲେ, ଯାହା ଉପରେ ଗୃହରେ ୨୭ ଘଣ୍ଟା ୧୯ ମିନିଟ ଆଲୋଚନା ହୋଇଥିଲା। ଏହି ଅଧିବେଶନରେ ୧୨ଟି ସରକାରୀ ବିଲ୍ ଆଗତ ହୋଇଥିବା ବେଳେ ସେଥିରୁ ୪ଟି ଲୋକସଭାରେ ପାରିତ ହୋଇଛି। ବାଚସ୍ପତି କହିଛନ୍ତି, ଅଧିବେଶନ ସମୟରେ ଲୋକସଭା ୧୩୬% ଦକ୍ଷ ଭାବେ କାର୍ଯ୍ୟ କରିଛି । ଅର୍ଥ ବିଲ୍, ବିନିଯୋଗ ବିଲ୍, ଜମ୍ମୁ-କଶ୍ମୀର ବିନିଯୋଗ ବିଲ ଏବଂ ଭାରତୀୟ ବାୟୁଯାନ ବିଧେୟକ। ଏହି ଅଧିବେଶନ କାଳରେ ନିମ୍ନ ସଦନରେ ପାରିତ ହୋଇଥିଲା।

ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ କହିଛନ୍ତି, ରାଜ୍ୟସଭାରେ କେନ୍ଦ୍ର ବଜେଟ ଉପରେ ପ୍ରାୟ ୨୨ ଘଣ୍ଟା ଆଲୋଚନା ହୋଇଥିଲା। ସେ କହିଛନ୍ତି, ଅଧିବେଶନ ସମୟରେ ଗୃହ ୯୦ ଘଣ୍ଟା ଧରି ଚାଲିଥିଲା। ଆସନ୍ତା ଅଧିବେଶନ ଗୃହର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ଏବଂ ସମଗ୍ର ଦେଶର ହିତ ପାଇଁ ଲାଭଦାୟକ ହେବ ବୋଲି ସେ ଆଶା ଓ ବିଶ୍ୱାସର ସହ ଅପେକ୍ଷା କରିଛନ୍ତି।



## ଓଡିଶା ଖଣି ନିଗମର ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ଖଣିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଓ ଜନଜାତିଙ୍କ ନିଯୁକ୍ତି ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୯।୮
ନ୍ୟୁଜ୍ ବ୍ୟୁରୋ

ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡିଶା ଖଣି ନିଗମର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶା ଖଣି ନିଗମ ରାଜ୍ୟ ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ନିଗମ । ଖଣି କ୍ଷେତ୍ରକୁ ଆହୁରି ଦକ୍ଷତାର ସହ ପରିଚାଳନା କଲେ ଅଧିକ ରାଜସ୍ୱ ଆସିବା ସହିତ ଖଣି ଭିତ୍ତିକ ଶିଳ୍ପାନୁଷ୍ଠାନ ଗୁଡିକ ମଧ୍ୟ ଲାଭବାନ ହେବେ। ଓଡିଶାରେ ଖଣିଜ ସମ୍ପଦ ଭରପୁର ହୋଇ ରହିଛି । ଅତ୍ୟାଧୁନିକ ଜ୍ଞାନ କୌଶଳ ଦ୍ୱାରା ସର୍ଭେ କରାଯାଇ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ଖଣିଜ ସମ୍ପଦର ଆକଳନ କରାଯିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏଥି ସହିତ ରାଜ୍ୟରେ ଆହୁରି ଅଧିକ ଖଣି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ମଧ୍ୟ ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ କହିଥିଲେ । ରାଜ୍ୟରେ ଖଣି ଉତ୍ତୋଳନ ପାଇଁ ଖଣି ବିଭାଗ ଅଧୀନରେ ଥିବା ସଂସ୍ଥା ଗୁଡିକୁ ସୁଦୃଢ କରି ଅତ୍ୟାଧୁନିକ ଯନ୍ତ୍ରପାତି ସହିତ ଦକ୍ଷ ମାନବ ସମ୍ବଳ ବିନିଯୋଗ କଲେ ଲୌହ ଜାତୀୟ ଖଣିଜ ସମ୍ପଦର ଉତ୍ପାଦନ ବୃଦ୍ଧି ପାଇବ ବୋଲି ସେ କହିଥିଲେ । ଏଥି ସହିତ ଖଣି ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହେଉଥିବା ଲୋକମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ କହିଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ ଖଣି ଅଞ୍ଚଳରେ ପ୍ରାୟତଃ ଆଦିବାସୀ ଲୋକମାନେ ଅଛନ୍ତି । ସେମାନଙ୍କ ଆର୍ଥିକ ଓ ସାମାଜିକ ଉନ୍ନତି ପାଇଁ ଖଣି କ୍ଷେତ୍ରରେ ନିୟୋଜିତ କମ୍ପାନୀମାନେ ମଧ୍ୟ କାମ କରିବା *(ପୃଷ୍ଠା ୭ରେ)*

# ଉପାନ୍ତ ଅଞ୍ଚଳରେ ସରକାରୀ ସ୍ନାତକ ମହାବିଦ୍ୟାଳୟ ଆଣିବ ଶିକ୍ଷାକ୍ଷେତ୍ରରେ ବିପ୍ଳବ

ଭୁବନେଶ୍ୱର, ୯।୮
ନ୍ୟୁଜ୍ ବ୍ୟୁରୋ

ଶୁକ୍ରବାର ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଆଭାସୀ ମାଧ୍ୟମରେ ୮ଟି ଜିଲ୍ଲାରେ ୧୪ଟି ନୂତନ ସରକାରୀ ସ୍ନାତକ ମହାବିଦ୍ୟାଳୟର ଉଦ୍‌ଘାଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ।

ଏହି କାର୍ଯ୍ୟକ୍ରମ ଆଭାସୀ ଜରିଆରେ ମୟୂରଭଞ୍ଜ ଜିଲ୍ଲାର ତିରିଙ୍ଗ, କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର, ସୁନ୍ଦରଗଡ଼ ଜିଲ୍ଲାର ଗୁରୁଣ୍ଡିଆ ଓ ନୂଆଗାଁ, କୋରାପୁଟ ଜିଲ୍ଲାର ବନ୍ଧୁଗାଁ ଓ ନାରାୟଣପାଟଣା, ନବରଙ୍ଗପୁରର ଝରିଗାଁ, କୋସାଗୁମୁଡ଼ା, ରାଇଘର ଓ ତେନ୍ତୁଳିଖୁଣ୍ଟି, ରାୟଗଡା ଜିଲ୍ଲାର କାଶୀପୁର ଓ ରମଣଗୁଡା, ଗଞ୍ଜାମ ଜିଲ୍ଲାର ଧରାକୋଟ ଓ କନ୍ଧମାଳ ଜିଲ୍ଲାର ଖଜୁରୀପଦା ଆଦି ଅଞ୍ଚଳରେ ନୂତନ ସରକାରୀ ସ୍ନାତକ ମହାବିଦ୍ୟାଳୟର ଉଦ୍‌ଘାଟନ ହୋଇଛି।

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ଶିକ୍ଷା ହିଁ କେବେଳ ସେହି ମାଧ୍ୟମ ଯାହାଦ୍ୱାରା ଯୁବବର୍ଗ ମାନେ ନିଜକୁ ସଶକ୍ତ କରିବା ସହ ସମାଜରେ ପରିବର୍ତ୍ତନ ଆଣିପାରିବେ । ଉପାନ୍ତ ଅଞ୍ଚଳରେ ନବ ନିର୍ମିତ ଏହି ୧୪ଟି ସରକାରୀ ସ୍ନାତକ ମହାବିଦ୍ୟାଳୟ ଶିକ୍ଷାକ୍ଷେତ୍ରରେ ନିଶ୍ଚିତ ରୂପେ ବିପ୍ଳବ ଆଣିବ। ଏଥି ସହିତ ଛାତ୍ରଛାତ୍ରୀ ମାନଙ୍କର ଉଚ୍ଚଶିକ୍ଷା ପ୍ରତି ଆଗ୍ରହ ବଢିବା ସହିତ ଡ୍ରପ୍‌ଆଉଟ ପ୍ରତିଶତ ହ୍ରାସ ପାଇବ। ମନ୍ତ୍ରୀ ଶ୍ରୀ ସୂରଜ *(ପୃଷ୍ଠା ୭ରେ)*



## ଭାରତ-ବାଂଲାଦେଶ ସ୍ଥିତି ଉପରେ ନଜର ରଖିବା ପାଇଁ କମିଟି ଗଠିତ



ନୂଆଦିଲ୍ଲୀ, ୯।୮

ଭାରତ-ବାଂଲାଦେଶ ସୀମାରେ ସାମ୍ପ୍ରତିକ ସ୍ଥିତି ଉପରେ ନଜର ରଖିବା ପାଇଁ କେନ୍ଦ୍ର ସରକାର ଏକ କମିଟି ଗଠନ କରିଛନ୍ତି । ଏହି କମିଟି ବାଂଲାଦେଶରେ ଥିବା ଭାରତୀୟ ନାଗରିକ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବାଂଲାଦେଶ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବ। ପୂର୍ବ କମାଣ୍ଡର ବିଏସଏଫର ଅତିରିକ୍ତ ମହାନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏହି କମିଟି ଗଠନ କରାଯାଇଛି । ଦକ୍ଷିଣ ବଙ୍ଗ ଓ ତ୍ରିପୁରାର ସୀମା ସୁରକ୍ଷା ମୁଖ୍ୟାଳୟର ମହାନିରୀକ୍ଷକ ଏବଂ ବନ୍ଦର ପ୍ରାଧିକରଣର ଯୋଜନା ଓ ଉନ୍ନୟନ ସଚିବ ଏହାର ସଦସ୍ୟ ରହିବେ।

## ଏକାଳ ପକ୍ଷାଳ



କ୍ଷମତାରେ ଥିଲେ ଆକାଶେ ବାବୁ
ବୁଲୁଥିଲେ ଉଡି ଉଡି
ପାହୁଣ୍ଡେ ଯାଗାକୁ ହେଲିକାପଟର
ଯାଉଥିଲେ ପରା ଚଢି
ଏବେ ପଡୁଅଛି ମାଡି
ତଦନ୍ତ ହେବ ଖର୍ଚ୍ଚର ଶୁଣିକି
କରନ୍ତି ବିକଳେ ରଡି।

# ପଲିଥିନ ପରେ ପ୍ଲାଷ୍ଟିକ ପ୍ଲେଟ ସାଜିବ ବିପଦ



ଭୁବନେଶ୍ୱର, ୯।୮
ନ୍ୟୁଜ୍ ବ୍ୟୁରୋ

ପଲିଥିନ ସମସ୍ତଙ୍କ ପାଇଁ ଘାତକ ସାଜିଥିବା ବେଳେ ଏବେ ଏହା ଉପରେ ଭାରିପଡ଼ିଛି ପ୍ଲାଷ୍ଟିକ ପ୍ଲେଟ୍ । ଯାହାକି ପରିବେଶବିତ୍ ବା ବିଶେଷଜ୍ଞମାନଙ୍କର ମୁଣ୍ଡବିନ୍ଧାର କାରଣ ପାଲଟିଛି । ନବେ ଦଶକର ଆରମ୍ଭରୁ ପଲିଥିନର ବ୍ୟବହାର ଆରମ୍ଭ ହେଲା । ଯାହା ଏବେ ଏତେ ମାତ୍ରାରେ ବଢିଯାଇଛି ଯେ, ପରିବେଶ ପ୍ରେମୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏମିତି କି ମୃତ୍ତିକାରେ ପଲିଥିନ୍‌ଗୁଡ଼ିକ ମିଶି ନ ପାରିବାରୁ ପରିବେଶ ସନ୍ତୁଳନଠାରୁ ଆରମ୍ଭ କରି ଜୀବନଜୀବିକା ପ୍ରତି ବିପଦ ସୃଷ୍ଟି କରିବାରେ ଲାଗିଛି । ସାଧବବୋହୂ ଭଳି ବହୁ ପ୍ରକାର ଜୀବଜନ୍ତୁଙ୍କ ବଂଶ କ୍ରମେ ବିଲୋପ ପାଇବାକୁ ବସିଛି।

ଏସବୁ ପରେ ଏବେ ବଜାରରେ ପ୍ଲାଷ୍ଟିକ ପ୍ଲେଟ ପରିବେଶ ପ୍ରତି ବିପଦର କାରଣ ପାଲଟିଛି। ବିଶେଷକରି ପତ୍ରଖଲି ପ୍ରସ୍ତୁତ କରିବାକୁ ଜଙ୍ଗଲରୁ ପତ୍ର ସଂଗ୍ରହ ଏକ ସମସ୍ୟା ହୋଇଛି। ଅନେକ କ୍ଷେତ୍ରରେ ପତ୍ରଖଲି ପ୍ରସ୍ତୁତ କରିବାକୁ ଶ୍ରମିକମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି । ଅପରପକ୍ଷେ ମେସିନ୍ ଦ୍ୱାରା ଖଲି ପତ୍ର ପ୍ରସ୍ତୁତ କରିବା ଦ୍ୱାରା ଖଲି ଉଦ୍ୟୋଗୀଙ୍କୁ କ୍ଷତି ସହିବାକୁ ପଡ଼ୁଛି । ସେହିଭଳି ପତ୍ରଖଲି ଗୋଦାମରେ ଦୀର୍ଘଦିନ ଗଚ୍ଛିତ *(ପୃଷ୍ଠା ୭ରେ)*

# ନିଟ୍-ପିଜି ପରୀକ୍ଷାକୁ ସ୍ଥଗିତ ରଖିବାକୁ ମନା କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୯।୮

ରବିବାର ହେବାକୁ ଥିବା ନିଟ୍-ପିଜି ପରୀକ୍ଷାକୁ ସ୍ଥଗିତ ରଖିବାକୁ ଶୁକ୍ରବାର ମନା କରି ଦେଇଛନ୍ତି ସୁପ୍ରିମକୋର୍ଟ । ଏ ନେଇ ହୋଇଥିବା ଆବେଦନକୁ ଖାରଜ କରି ସୁପ୍ରିମକୋର୍ଟ ଏହି ପରୀକ୍ଷାକୁ ଘୁଞ୍ଚାଇବାକୁ ନିର୍ଦ୍ଦେଶ ଦେବାକୁ ମନା କରି ଦେଇଛନ୍ତି ।

– ପରୀକ୍ଷା ଜୁନ ୨୩ ତାରିଖରେ ହେବାର ଥିଲା। ତେବେ – ପରୀକ୍ଷା ବିବାଦକୁ ନେଇ ଏହାକୁ ସ୍ଥଗିତ ରଖାଯାଇଥିଲା । ଏହାକୁ ପୁଣି ଥରେ ସ୍ଥଗିତ ରଖିବାକୁ ଆବେଦନ କରିଥିବା କିଛି ଶିକ୍ଷାର୍ଥୀ ଯେଉଁ ଯୁକ୍ତି ଦର୍ଶାଇଥିଲେ, ସେଥିରୁ ଗୋଟିଏ ହେଉଛି ପରୀକ୍ଷା ହେବାକୁ ଥିବା ସହର ଓ କେନ୍ଦ୍ର ସଂପର୍କରେ ଅଧିକ ଦିନ ପୂର୍ବରୁ ସୂଚନା ଦେବାର ଆବଶ୍ୟକତା ଥିଲା।

ସେମାନେ କହିଥିଲେ ଯେ ଏହି ପରୀକ୍ଷା ଦେବା ପାଇଁ ପ୍ରସ୍ତୁତି ଚଲାଇଥିବା ଆଶାୟୀଙ୍କ ମଧ୍ୟରୁ ଅନେକଙ୍କର ପରୀକ୍ଷା କେନ୍ଦ୍ର ଯେଉଁ ସହରଗୁଡ଼ିକରେ *(ପୃଷ୍ଠା ୭ରେ)*







# ଲଗାଣ ବର୍ଷାରେ ବୌଦ୍ଧ ସହରକୁ ପ୍ରବେଶ କଲା ବନ୍ୟାଜଳ
## ମହାନଦୀରେ ସୃଷ୍ଟି ହେଲା ୩୦ ଫୁଟ୍ ଘାଇ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧରେ ମଧ୍ୟରାତ୍ରୀରୁ ତୁହାକୁ ତୁହା ଲଗାଣ ବର୍ଷା ଜାରି ରହିଛି। ଫଳରେ ନଦୀନାଳ ବିଲବାଡି କ୍ଷେତ ଖଳା ଯୁଆଡେ ଦେଖିଲେ ଜଳମୟ ଦେଖାଯାଉଛି । ଭରାନଈର ପାଣିଆସି କୂଳର ଅନେକ ସ୍ଥାନରେ ତୁଡା ଲାଗିରହିବାରୁ ବର୍ଷାପାଣି ନିଷ୍କାସନ ହୋଇନପାରି ସହରର ବିଭିନ୍ନ ଅଞ୍ଚଳକୁ ମୁହାଇଁବା ଆରମ୍ଭ କରିଛି। ସମ୍ପ୍ରତି ବନ୍ୟାଜଳ ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟ, କର୍ମଜୀବୀ ମହିଳା ଆବାସିକ କୋଠା, ଜିଏସ୍‌ଟି ଅଫିସ, ଜିଲ୍ଲା ଶିକ୍ଷ କେନ୍ଦ୍ର ଅଫିସ୍ ସମେତ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ ସରକାରୀ ବାସଭବନ ଏବଂ ପୋଲିସ୍ କ୍ୟାଣ୍ଟିନରେ ପ୍ରବେଶ କରିଥିଲା । ଅନ୍ୟପଟେ ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ମୁଖ ଦେଇ ଯାଇଥିବା ପୂର୍ତ୍ତ ରାସ୍ତା ଉପରେ ପ୍ରାୟ ୫ ଫୁଟ୍ ଉଚ୍ଚତାରେ ବନ୍ୟାଜଳ ପ୍ରବାହିତ ହେଉଥିଲା। ଯାହାଫଳରେ ଏହିରାସ୍ତା ଦେଇ ଗମନାଗମନ ଠପ୍ ହୋଇଥିଲା । ଏହା ଏବେ ସ୍ୱାଭାବିକ ହୋଇଛି । ଯାତାୟାତ ହେଲେ ଅନେକ ଚାଷ ଜମି ଏବେବି ପାଣିରେ ବୁଡ଼ି ରହିଛି । ସେପଟରେ ସହର ବର୍ଷା ପାଣି ଜମି ରହିଥିବା ବେଳେ ଜଳ ସେଚନ ବିଭାଗ ଦ୍ୱାରା ତାକୁ ଭଙ୍ଗା ଯାଇଛି । ଯାହାଫଳରେ ମହାନଦୀରେ ପ୍ରାୟ ୩୦ ଫୁଟ୍‌ର ଘାଇ ସୃଷ୍ଟି ହୋଇଛି । ସେପଟେ କୋଟି କୋଟି ଟଙ୍କାର ନିର୍ମାଣ କରୁଛି ଜଳ ସେଚନ ବିଭାଗ । ହେଲେ ତାହା ଚିରସ୍ଥାୟୀ ନାହିଁ । ଖାଲି ଠିକାଦାର ପୋଷଣ ନୀତିରେ ଚାଲିଛି ପ୍ରକଳ୍ପ । ସେପଟେ ଚାଷୀର ହଜାର ହଜାର ଚାଷ ଜମି ନଷ୍ଟ ହୋଇଯାଇଛି । ପ୍ରକଳ୍ପ କାହା ପାଇଁ ବୋଲି ପ୍ରଶ୍ନ କରିଛନ୍ତି ଚାଷୀ ।

# ପାରାଦ୍ୱୀପରେ ନକଲି ଆଇସ୍‌କ୍ରିମ୍ କାରଖାନା ଠାବ

**ପାରାଦ୍ୱୀପ, ନ୍ୟୁଜ୍ ବ୍ୟୁରୋ**

ଛୋଟ ପିଲାଙ୍କ ମନ ପସନ୍ଦର ଆଇସ୍‌କ୍ରିମ୍ ବି ନକଲି । ବିନା ଲାଇସେନ୍ସରେ ଆବଶ୍ୟକ ଖାଦ୍ୟ ସୁରକ୍ଷାର ମାନକୁ ଉଲ୍ଲଂଘନ କରି ଅମୁଲ୍ ଭିଟା ନାମରେ ବନ୍ଦର ନଗରୀ ପାରାଦ୍ୱୀପର ଉଦୟବଟ କଲୋନୀରେ ଚାଲିଥିଲା ଏହି କାରଖାନା । ପାରାଦ୍ୱୀପ ଫୁଡ୍ ସେଫ୍ଟି ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଯାଞ୍ଚ ସମୟରେ ଖାଦ୍ୟ ସୁରକ୍ଷାର ସମସ୍ତ ମାନକୁ ଏଠାରେ ଖୋଲା ଉଲ୍ଲଂଘନ କରାଯାଉଥିବା ଜଣାପଡ଼ିଥିଲା । ତେଣୁ ବିଭାଗ ପକ୍ଷରୁ ଏହି କାରଖାନାକୁ ବନ୍ଦ କରାଯାଇଛି । ଏହି କାରଖାନା ଦୀର୍ଘ ଦିନ ହେବ ଚାଲିବା ସହିତ ପାରାଦ୍ୱୀପ ଓ ଏହାର ଆଖପାଖ ଅଞ୍ଚଳରେ ବେପାର କରୁଥିଲା । ଆଇସ୍‌କ୍ରିମ୍‌ରେ ତିଆରିର ତାରିଖ, ଅବଧିର ତାରିଖ କିମ୍ବା ବ୍ୟାଚ୍ ନମ୍ବର ନଥିବା ଫୁଡ ସେଫ୍ଟି ଅଧିକାରୀ ପି.କେ ଦାସ ସୂଚନା ଦେଇଛନ୍ତି । ଏହି ଆଇସକ୍ରିମ୍‌କୁ ଛୋଟ ପିଲା ଖାଇଲେ ବିଭିନ୍ନ ରୋଗରେ ପଡ଼ିବାର ଆଶଙ୍କା ରହିଛି । ତେଣୁ ଚଢ଼ଉ ପରେ କାରଖାନାକୁ ବନ୍ଦ କରାଯାଇଥିବା ସେ ସୂଚନା ଦେଇଛନ୍ତି । ଏହା ସହିତ ଆଇସ୍‌କ୍ରିମ୍ ସାମ୍ପୁଲ ମଧ୍ୟ ପରୀକ୍ଷା ପାଇଁ ପଠାଯାଇଥିବା ସେ କହିଛନ୍ତି ।



# ମୁଖ୍ୟମନ୍ତ୍ରୀଙ୍କୁ ଭେଟି ତୈଳଚିତ୍ର ପ୍ରଦାନ କଲେ କେନ୍ଦ୍ରାପଡ଼ା ଚିତ୍ରଶିଳ୍ପୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ କ୍ରିଷ୍ଣା ଏକାଡେମୀ ଅଫ୍ ଆର୍ଟ ଆଣ୍ଡ କଲଚରର ପ୍ରତିଷ୍ଠାତା ସୌମ୍ୟରଞ୍ଜନ ପଟ୍ଟନାୟକ ୭ ତାରିଖ ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସ ଭବନର କାର୍ଯ୍ୟାଳୟରେ ଭେଟି ତାଙ୍କ କାନ୍‌ଭାସ୍ ଅଙ୍କିତ ତୈଳଚିତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଓଡ଼ିଶା ଓ କେନ୍ଦ୍ରାପଡାର ୫ଟି ବିଷୟରେ ଏକ ଦାବି ପତ୍ର ପ୍ରଦାନ କରିଥିବା ବେଳେ ଉକ୍ତ ବିଷୟ ଯଥା- ଓଡ଼ିଶାରେ ଥିବା ସମସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ୧୧ ବର୍ଷରୁ ଉର୍ଦ୍ଧ୍ୱ ସମୟ କାର୍ଯ୍ୟ କରୁଥିବା କଳା ଓ କ୍ରିଡା ଶିକ୍ଷକଙ୍କୁ ନିୟମିତ କରିବା, କେନ୍ଦ୍ରାପଡା ତୁଳସୀ କ୍ଷେତ୍ରର ଆରାଧ୍ୟ ଦେବ ଶ୍ରୀ ବଳଦେବଜୀୟୁଙ୍କ ମନ୍ଦିର ଉନ୍ନତି କରଣ, କେନ୍ଦ୍ରାପଡା ସହରରେ ସିଟି ହସ୍ପିଟାଲ, କେନ୍ଦ୍ରାପଡାରେ ମେଡିକାଲ କଲେଜ ଓ କଳା ସଂସ୍କୃତିର ଉନ୍ନତି କରଣ ପାଇଁ କେନ୍ଦ୍ରାପଡାରେ ଏକ ଲଳିତକଳା ଗ୍ୟାଲେରୀ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରାପଡା ବାସୀଙ୍କ ତରଫରୁ ଅନୁରୋଧ କରିଥିଲେ ।

# ଝାଡ଼ାବାନ୍ତି ନେଲା ୪ ଜୀବନ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକରେ ଗାଁରୁ ଗାଁ ବ୍ୟାପିବାରେ ଲାଗିଛି ଝାଡ଼ାବାନ୍ତି । ଡିମିରିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଭଟାଙ୍ଗପଦର ଗାଁରେ ପ୍ରକୋପ ସାମାନ୍ୟ ଥମିବା ପରେ ବୁଟକାବାଙ୍ଗୁ ଗାଁରେ ଭୟାବହ ପରିସ୍ଥିତି ସୃଷ୍ଟି ହୋଇଛି । ଗତ ୧୨ଦିନ ମଧ୍ୟରେ ବୁଟକାବାଙ୍ଗୁ ଗାଁର ୪ଜଣ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଆକ୍ରାନ୍ତଙ୍କ ମଧ୍ୟରୁ କେତେକଙ୍କ ଚିକିତ୍ସା ଜାରି ରହିଥିବା ଖବର ମିଳିଛି । ଜୁଲାଇ ୨୭ରେ ଦପିଡ଼ି ମାଝୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ଗ୍ରାମବାସୀ କହିଛନ୍ତି । ସେହିପରି ୨୮ ତାରିଖରେ ରୁଟା ମାଝୀ ଏବଂ କିସିକିଲି ମାଝୀ ମଧ୍ୟ ଝାଡ଼ାବାନ୍ତିରେ ପ୍ରାଣ ହରାଇଥିଲେ । ରୁଟା ମାଝୀଙ୍କ ପତ୍ନୀ ପାଡ଼େଲି ମାଝୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବାର କିଛି ଘଣ୍ଟା ପରେ ମୃତ୍ୟୁବରଣ କରିଥିଲେ । ଝାଡ଼ାବାନ୍ତି ବ୍ୟାପିବା ଖବର ପାଇ ସ୍ୱାସ୍ଥ୍ୟ ବିଭାଗର ଗୋଟିଏ ଟିମ୍ ଗାଁକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିବା ସହ ଡେରା ପକାଇଛି । ଘର ଘର ବୁଲି ଲୋକଙ୍କୁ ଔଷଧ ବଣ୍ଟନ କରିବା ସହ ସଚେତନ ମଧ୍ୟ କରାଯାଉଛି । ତେବେ ରୁଟା ଓ ପତ୍ନୀ ପାଡ଼େଲିଙ୍କ ମୃତ୍ୟୁ ପରେ ତାଙ୍କ ୩ ସନ୍ତାନ ଅନାଥ ହୋଇଯାଇଛନ୍ତି । ଏପରିକି ଦମ୍ପତିଙ୍କ ୧୨ ବର୍ଷର ପୁଅ କ୍ରିଷ୍ଣା ମାଝୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି । ବିଷମକଟକ ଖ୍ରୀଷ୍ଟିଆନ୍ ହସ୍‌ପିଟାଲ୍‌ରେ କ୍ରିଷ୍ଣାଙ୍କ ଚିକିତ୍ସା ଚାଲିଛି । ଅନାଥ ଶିଶୁଙ୍କ ସମ୍ପର୍କରେ ଖବରପାଇ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଅଧିକାରୀ ଗାଁରେ ପହଞ୍ଚିଥିଲେ । ଦୁଇ ଶିଶୁଙ୍କୁ ଉଦ୍ଧାର କରି ପ୍ରଶାସନର ହେପାଜତ୍‌ରେ ରଖାଯାଇଛି । ସେହିପରି କ୍ରିଷ୍ଣା ସୁସ୍ଥ ହୋଇ ଫେରିବା ପରେ ପ୍ରଶାସନ ପକ୍ଷରୁ ଥଇଥାନ ବ୍ୟବସ୍ଥା କରାଯିବ । ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ତତ୍ପର ଓ ସତର୍କ ରହିଥିବା ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଲାଲ ମୋହନ ରାଉତରାଏ କହିଛନ୍ତି । ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଧିକାରୀ ଡା. ଆଶିଷ କୁମାର ପଣ୍ଡାଙ୍କ ସମେତ ଅମ୍ବାଦଳାରୁ ଗୋଟିଏ ଡାକ୍ତରୀ ଦଳ ଗାଁରେ ରହି ସେବା ଯୋଗାଇ ଦେଉଛନ୍ତି । କେଉଁ କାରଣରୁ ମୃତ୍ୟୁ ହେଲା ଏଯାଏ ସ୍ପଷ୍ଟ ହୋଇନି । ତଦନ୍ତ ଚାଲିଥିବା ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଛନ୍ତି । ଅନ୍ୟପକ୍ଷରେ ବିଷମକଟକ ବିଧାୟକ ନୀଳମାଧବ ହିକକା ଗାଁକୁ ଯାଇ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି । ବୁଟକାବାଙ୍ଗୁ ପୂର୍ବରୁ ଭଟାଙ୍ଗପଦର ଗାଁରେ ଝାଡ଼ାବାନ୍ତି ବ୍ୟାପି ଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ ୫ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଥିଲା ସମସ୍ତ ଆକ୍ରାନ୍ତ ଚିକିତ୍ସିତ ହୋଇ ଫେରିବା ପରେ ପାଖ ଗାଁକୁ ଝାଡ଼ାବାନ୍ତି ବ୍ୟାପିବା ସ୍ୱାସ୍ଥ୍ୟ ବିଭାଗର ନିଦ ହଜାଇ ଦେଇଛି ।

# ରାସ୍ତାରେ ଅଟକିଥିବା ଟ୍ରକ୍‌କୁ ଧକ୍କା ଦେଇ ବାଇକ୍ ଚାଳକ ଗୁରୁତର

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ୫୭ନଂ ଜାତୀୟ ରାଜପଥ ମଣିପୁର ଛକ ନିକଟରେ ଏକ ସ୍କ୍ରାପ୍ ବୋଝେଇ ଟ୍ରକ୍‌କୁ ଧକ୍କା ଦେଇ ଗୁରୁତର ହୋଇଥିବା ବାଇକ୍ ଆରୋହୀକୁ ପୁରୁଣାକଟକ ଡାକ୍ତରଖାନାରୁ ବୌଦ୍ଧ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ରାସ୍ତା କଡରେ ଟ୍ରକ୍‌ଟି ଛିଡା ହୋଇଥିବା ବେଳେ ସକାଳ ପ୍ରାୟ ୫ଟା ସମୟରେ ପୁରୁଣାକଟକ ଥାନା ଉଦୟପୁର ଗ୍ରାମର ପହିଲି ରନବିଡା ନାମକ ଯୁବକ ନିକଟସ୍ଥ ବିଡିପିଏଲ ଘରୋଇ କମ୍ପାନୀକୁ ବାଇକ୍ ଯୋଗେ କାର୍ଯ୍ୟରେ ଯାଉଥିଲେ । ସକାଳୁ ବର୍ଷା ପ୍ରବଳ ହେଉଥିବାରୁ ଭାରସାମ୍ୟ ହରାଇ ବାଇକ୍‌ଟି ଟ୍ରକ୍ ପଛରେ ଧକ୍କା ହୋଇଥିଲା। ଫଳରେ ବାଇକ୍ ଆରୋହୀ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ସଙ୍ଗେସଙ୍ଗେ ଖବରପାଇ ଚାରିଛକ ଅଗ୍ନିଶମ ବାହିନୀ ଦୁର୍ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ନିକଟସ୍ଥ ପୁରୁଣାକଟକ ଡାକ୍ତରଖାନରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୌଦ୍ଧ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

# ଯାଜପୁର ଜିଲ୍ଲା ରେ ୨୦ ଲକ୍ଷ ୭ ହଜାର ୫୮୬ ଜଣଙ୍କୁ ଫାଇଲେରିଆ ବଟିକା ଖୁଆଯିବ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**




ସମୁହ ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାରେ ୨୦ଲକ୍ଷ ୭ ହଜାର ୫୮୬ ଜଣଙ୍କୁ ଫାଇଲେରିଆ ବଟିକା ଖୁଆଯିବ। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶୁଭାଶିଷ ମହାରଣାଙ୍କ ଅଧ୍ୟକ୍ଷତାରେ ଏକ ଗଣମାଧ୍ୟମ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମୁହ ଔଷଧ ସେବନ ଅଭିଯାନ କାର୍ଯ୍ୟକ୍ରମ ଅଗଷ୍ଟ ୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମରେ ୭୦୭୨ ଜଣ ଡ୍ରଗ୍ ଆଡମିଷ୍ଟେଟର୍ ନିୟୋଜିତ ହୋଇ ଲୋକମାନଙ୍କୁ ଏହି ଫାଇଲେରିଆ ବଟିକା ସିଧାସଳଖ ଖୁଆଇବେ। ଏହି କାର୍ଯ୍ୟ ତଦାରଖ ପାଇଁ ୬୬୩ ଜଣ ସୁପରଭାଇଜର ନିୟୋଜିତ ହେବେ। ଏହି ଫାଇଲେରିଆ ବଟିକାକୁ ୨ ବର୍ଷରୁ ଉର୍ଦ୍ଧ୍ୱ ଶିଶୁ ଓ ଲୋକମାନଙ୍କୁ ଦିଆଯିବ। ଏହି ବଟିକାକୁ ଗର୍ଭବତୀ ମହିଳା ଓ ଜଟିଳ ରୋଗରେ ଆକ୍ରାନ୍ତ ଲୋକ ଖାଇବେନାହିଁ । ଏହି ବଟିକା ସେବନ ଦ୍ୱାରା କିଛି ଲୋକଙ୍କୁ ବାନ୍ତି ଲାଗିବା ଓ ମୁଣ୍ଡ ବୁଲାଇବାର ସମ୍ଭାବନା ଥିବାରୁ ଏହାର ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ନିୟୋଜିତ କରାଯାଇଛି । ଏହି କାର୍ଯ୍ୟକ୍ରମ ଜିଲ୍ଲାର ୧୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୨ଟି ପୌରାଞ୍ଚଳରେ ଅନୁଷ୍ଠିତ ହେବ। ଯୋଉଁମାନେ ଏହି କାର୍ଯ୍ୟକ୍ରମରେ ବଟିକା ଖାଇନଥିବେ ସେମାନଙ୍କୁ ୫୪୮ ଟି ମୋବାଇଲ ଟିମ୍ ବଟିକା ଖୋଇବେ। ଏହି ବଟିକା ୨ ରୁ ୫ ବର୍ଷ ପିଲାଙ୍କୁ ୧ଟି, ୬ ରୁ ୧୪ ବର୍ଷ ପିଲାଙ୍କୁ ୨ଟି ଓ ୧୫ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ୩ଟି ବଟିକା ଖାଇବାକୁ ଦିଆଯିବ । ଏହି ସଚେତନତା କାର୍ଯ୍ୟକ୍ରମରେ ବହୁ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ ସାମ୍ବାଦିକମାନେ ଯୋଗ ଦେଇଥିଲେ । ଶେଷରେ ଡି.ପି.ଏମ୍ ବନବିହାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# କଲେଜ୍ ଛାତ୍ରଙ୍କ ଆତ୍ମହତ୍ୟା: ପରିବାର ଲୋକଙ୍କ ଧାରଣା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ଠାରେ ଥିବା ରେନେସା ଘରୋଇ ବିଜ୍ଞାନ କଲେଜର ଜଣେ ଛାତ୍ରଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ପରିବାର ସଦସ୍ୟ ଓ ଗ୍ରାମବାସୀମାନେ ନ୍ୟାୟ ପାଇବା ପାଇଁ ବୁଧବାର ଦିନ ଧାରଣାରେ ବସି ରହିଥିଲେ। କୁଆଖିଆ ଥାନା ଅନ୍ତର୍ଗତ ଓଡିଶୋ ପଞ୍ଚାୟତ ଅଣ୍ଡେଇଗୋଡା ଗ୍ରାମର ବାଙ୍କବିହାରୀ ପଣ୍ଡାଙ୍କ ପୁଅ ଆଶିଷ କୁମାର ପଣ୍ଡା +୨ ବିଜ୍ଞାନର ୨ୟ ବର୍ଷର ଛାତ୍ର ରେନେସା କଲେଜ ହଷ୍ଟେଲରେ ରହି ପାଠ ପଢୁଥିଲା। ମୋବାଇଲ ଚୋରି ଅଭିଯୋଗରେ କଲେଜ କର୍ତ୍ତୃପକ୍ଷ ତାକୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ହଷ୍ଟେଲରୁ ବାହାର କରିଦେଇଥିଲେ। ଯାହାଫଳରେ ସେ ନିଜ ଘରକୁ ଫେରି ଆତ୍ମହତ୍ୟା କରିଥିଲେ। ପରିବାରଙ୍କ ପକ୍ଷରୁ ଧର୍ମଶାଳା ଥାନାରେ ଅଭିଯୋଗ ପରେ ସମସ୍ୟାର ସମାଧାନ ନହେବାରୁ ପରିବାର ଓ ଗ୍ରାମବାସୀମାନେ ଧାରଣା ଦେଇଥିଲେ। ଖବରପାଇ ଯାଜପୁରରୋଡ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ଧର୍ମଶାଳା ଥାନା ଅଧିକାରୀ ତପନକୁମାର ନାୟକ, କୁଆଖିଆ ଥାନା ଅଧିକାରୀ ଅନିରୁଦ୍ଧ ନାୟକ ପହଞ୍ଚି ବୁଝାସୁଝା କରିବା ସହ ୭ ଦିନ ମଧ୍ୟରେ ଘଟଣାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଅବକାରୀ ଥାନାରେ ଝୁଲୁଛି ତାଲା:ବଢୁଛି ଚୋରା ମଦ ବେପାରୀଙ୍କ ପ୍ରାଦୁର୍ଭାବ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ନୂଆ ସରକାର ଆସନ୍ତା ଅଗଷ୍ଟ ୧୫ ତାରିଖରୁ ଚୋରାମଦ କାରବାର ବନ୍ଦ କରିବା ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ଯାଉଥିବା ବେଳେ ପାଟଣା ଅବକାରୀ ଥାନା ଅଞ୍ଚଳରେ ମାଳ ମାଳ ଚୋରା ମଦ ଭାଟି ସାଙ୍ଗକୁ ଗାଁରେ ଗାଁରେ ଚୋରାମଦ କାରବାର ବେଧଡକ ଭାବେ ବଢି ଚାଲିଛି। ଏପରିକି ଛୋଟ ମୋଟ ବଜାର ଇଲାକାରେ ବିଦେଶୀ ମଦ ମିଳି ଯାଉଥିବାରୁ ଏହା ଅସଲି କି ନକଲି କିଛି ନବୁଝିପାରି ଗ୍ରାହକ ତାକୁ କିଣି ପିଇବାରେ ହେଳା କରୁନାହାନ୍ତି। ପାଟଣା ବ୍ଲକ ମୁଖ୍ୟାଳୟରୁ ଅତୀତରେ ଚୋରା ବିଦେଶୀ ମଦ କାରଖାନା ତୁରୁମୁଙ୍ଗାରୁ ଡୋରା ବିଦେଶୀ ମଦ କାରଖାନାକୁ ବହୁ ବିଳମ୍ବରେ ଜିଲ୍ଲା ଅବକାରୀ ବିଭାଗ ଠାବ କରିବାରେ ସକ୍ଷମ ହୋଇଥିବା ବେଳେ ପାଟଣାରେ ଅବକାରୀ ଥାନା ସ୍ଥାପନର ଲକ୍ଷ କେତେ ସାଧିତ ସମ୍ଭବ ହୋଇଛି ବୋଲି ସଚେତନ ନାଗରିକମାନେ ପ୍ରଶ୍ନ ଉଠାଇଛନ୍ତି । କେବଳ ମଝିରେ ମଝିରେ ଛୋଟ ମୋଟ ମଦ ବିକ୍ରେତା ମାନଙ୍କୁ ଧରି ବିଭାଗ ବାହାସ୍ଫୋଟ ମାରୁଥିବା ବେଳେ ଏବେ ତାହା ମଧ୍ୟ ବନ୍ଦ ହୋଇଗଲା ଭଳି ଅନୁଭବ ହୋଇଛି। ପାଟଣାରେ ଜଣେ ମହିଳା ଅବକାରୀ ଥାନାଧିକାରୀ ରହିବା ଦିନଠାରୁ ବିଭାଗ ସ୍ଥାଣୁ ପାଲଟି ଯାଇଥିବା ଅଭିଯୋଗ ହେଉଛି। ଅବକାରୀ ଥାନାରେ ଅଧିକାଂଶ ଦିନ ତାଲା ଝୁଲୁଥିବା ବେଳେ ଏହି ଅଧିକାରୀଣୀଙ୍କର କୁଆଡେ ଉପର ମହଲରେ ହାତ ଥିବାରୁ ସେ ମନଇଚ୍ଛା ବିଭାଗକୁ ଚଳାଉଥିବା ଅଭିଯୋଗ ହେଉଛି। ଫଳରେ ସାହାରପଡା, ପାଟଣା, ତୁରୁମୁଙ୍ଗା ଇଲାକାରେ ଚୋରାମଦ ବିକ୍ରେତାଙ୍କ ପ୍ରାଦୁର୍ଭାବ ଅଳ୍ପ ଦିନ ଭିତରେ ବଢି ଚାଲିଥିବା ଦେଖାଯାଉଛି ।

# ବିଦ୍ୟାଳୟରୁ ଚୋରି

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ଥାନା ଅନ୍ତର୍ଗତ କୋଟିଲା ନୂଆଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ବୁଧବାର ରାତିରେ ବହୁ ସାମଗ୍ରୀ ଚୋରି ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପୀନାଥ ପ୍ରଧାନ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ରାତିରେ ଦୁର୍ବୃତ୍ତମାନେ ବିଦ୍ୟାଳୟର ସମସ୍ତ ଶ୍ରେଣୀଗୃହ ଓ ଅଫିସ୍ ଗୃହର ତାଲା ଭାଙ୍ଗି ଭିତରେ ପଶିବା ସହିତ ଅଫିସ୍ ଆଲମିରା ତାଲା ଭାଙ୍ଗି ତା ଭିତରେ ଥିବା ନଗଦ ୨ ହଜାର ଟଙ୍କା, ୮ହଜାର ଟଙ୍କା ମୂଲ୍ୟର ଏକ ପ୍ରୋଜେକ୍ଟର, ୧୭ହଜାର ଟଙ୍କା ମୂଲ୍ୟର ଏକ ମାଇକ୍ ସେଟ୍ ସମେତ ଅନ୍ୟାନ୍ୟ ବହୁ ସାମଗ୍ରୀ ଚୋରି କରି ନେଇଛନ୍ତି । ଏଥିସହିତ ବିଦ୍ୟାଳୟର ବିଭିନ୍ନ ଜିନିଷ ପତ୍ର ଏଣେ ତେଣେ ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଥିଲା । ଅଭିଯୋଗପାଇ ପୋଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି ।



# ଜାତୀୟ ରାଜପଥ ଉପରେ ଗଛପଡ଼ି ୪ଘଣ୍ଟା ଧରି ରାସ୍ତା ଅବରୋଧ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଭୋର୍ ସମୟରେ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଚାରିଛକ ଜାତୀୟ ରାଜପଥ ଉପରେ ଏକ ତେନ୍ତୁଳି ଗଛ ଢଳିପଡିଥିଲା । ଫଳରେ ୪ ଘଣ୍ଟା ଧରି ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଗାଡିମୋଟର ଅଟକି ରହିଥିଲା । ଖବରପାଇ ଅଗ୍ନିଶମ ବାହିନୀ ରାସ୍ତାରେ ଢଳି ପଡିଥିବା ଗଛକୁ କାଟିବା ଫଳରେ ଫୁଲବାଣୀକୁ ଚଳାଚଳ ସ୍ୱାଭାବିକ ହୋଇଥିଲା ।

# ଆବର୍ଜନାମୟ ଲୋକନାଥ ମନ୍ଦିର ପରିସର

**ପୁରୀ, ନ୍ୟୁଜ୍ ବ୍ୟୁରୋ**



ଶ୍ରାବଣ ମାସ ପାଇଁ ଲୋକନାଥ ମନ୍ଦିର ପରିସରରେ ପ୍ରତ୍ୟେକ ସୋମବାର କାଉଡ଼ିଆଙ୍କ ଭିଡ଼ ପରିଲକ୍ଷିତ ହୋଇଛି । ପ୍ରଭୁ ଲୋକନାଥଙ୍କ ମସ୍ତକରେ ପାଣି ଢ଼ାଳିବା ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଟିକଟ ସହ ଧାଡ଼ିରେ ଯିବାର ବ୍ୟବସ୍ଥା କରାଯାଇଛି। କିନ୍ତୁ ଏହାର ପରିସରକୁ ସଠିକ୍ ଭାବରେ ସଫେଇ କରାଯାଉନଥିବାରୁ ଚାରିଆଡ଼େ କୁଢ଼ କୁଢ଼ ଆବର୍ଜନା ଗଦା ହୋଇଛି । ଏହାକୁ ଦେଖି ଶ୍ରଦ୍ଧାଳୁ ଅସନ୍ତୋଷ ପ୍ରକାଶ କରିଛନ୍ତି । ଦୀର୍ଘ କିଛିଦିନ ହେଲା ମନ୍ଦିର ପରିସରରେ ଅଳିଆ ଗଦା ହୋଇଛି । ବର୍ଷା ପରେ ପଚିଯାଇ ସେଥିରୁ ଉତ୍କଟ ଗନ୍ଧ ବାହାରୁଛି । ଫଳରେ ପ୍ରତ୍ୟେକ ଦିନ ପ୍ରଭୁ ଲୋକନାଥଙ୍କୁ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଆବର୍ଜନା ସଫା କରିବାକୁ ନେଇ ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ଏବଂ ପୌରପାଳିକା କର୍ମଚାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ସୂଚନା ମୁତାବକ ଶ୍ରାବଣର ମାସର ପ୍ରତି ସୋମବାରରେ ପ୍ରଭୁ ଲୋକନାଥଙ୍କ ପୀଠରେ ହଜାର ହଜାର କାଉଡ଼ିଆ ପାଣି ଲାଗି କରିଥିଲେ । ପରେ ମନ୍ଦିର ପରିସରରୁ ବର୍ଜ୍ୟବସ୍ତୁକୁ ବାହାର କରି ପରିସରରେ ଗଦା କରି ରଖାଯାଇଛି । କୌଣସି କାରଣରୁ କିଛିଦିନ ହେଲା ମନ୍ଦିର ପରିସରରୁ ଆବର୍ଜନା ଉଠା ଯାଇନାହିଁ । କାଉଡ଼ିଆଙ୍କ ଠାରୁ ମନ୍ଦିର ପରିଚାଳନା କମିଟି ଲକ୍ଷାଧିକ ଟଙ୍କା ରୋଜଗାର କରୁଛି କିନ୍ତୁ ପରିଚାଳନା ଦାୟିତ୍ୱରେ ଥିବା ସଦସ୍ୟ ପରିସରକୁ ପରିଷ୍କାର ରଖିବା ଉପରେ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହେଉଛି । ଏନେଇ ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ଆବଛ ପରିଡ଼ା କହିଛନ୍ତି, ପରିସରରୁ ଆବର୍ଜନା ଉଠାଇବା ପାଇଁ ପୌରପାଳିକା କର୍ମଚାରୀଙ୍କୁ ଅବଗତ କରାଯାଇଛି । ସେମାନଙ୍କ କାର୍ଯ୍ୟରେ ଅବହେଳା ପାଇଁ କିଛିଦିନ ହେଲା ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଆସନ୍ତା ୨ଦିନ ମଧ୍ୟରେ ପରିସରରୁ ସମସ୍ତ ଆବର୍ଜନା ସଫା କରିବା ବ୍ୟବସ୍ଥା କରାଯିବ ।

# ମା' ମାର୍କମାଙ୍କ ହୁଣ୍ଡିରୁ ୪୦ ହଜାର ଟଙ୍କା ଓ ଅଳଙ୍କାର ଲୁଟ୍

**ବିଷମ କଟକ, ନ୍ୟୁଜ୍ ବ୍ୟୁରୋ**

ରାୟଗଡା ଜିଲ୍ଲା ବିଷମକଟକ ଥାନ ପ୍ରସିଦ୍ଧ ମା' ମର୍କମା ମନ୍ଦିର ଦାନ ହୁଣ୍ଡି ତାଲା ଭାଙ୍ଗି ଚୋରି ହୋଇଥିବା ଦେଖିବାକୁ ମିଳିଛି । ସୂଚନା ଅନୁଯାଇ ଗୁରୁବାର ସକାଳ ମନ୍ଦିର ପୂଜକ ମନ୍ଦିର ଯାଇ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ । ପୂଜକ ଘଟଣା ସମ୍ପର୍କରେ ମନ୍ଦିର ପରିଚାଳନା କମିଟି ଓ ପୋଲିସକୁ ସୂଚନା ଦେଇଥିଲେ । ଅପରାହ୍ନରେ ପୋଲିସ୍ ପହଞ୍ଚି ସନ୍ଧାନ କୁକୁର ସହାୟତାରେ ଯାଞ୍ଚ କରିଥିବା ଦେଖିବାକୁ ମିଳିଥିଲା। ତେବେ ଦୁର୍ବୃତ୍ତ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି କରିଥିବା ଓ ଚୋରି କରି ମନ୍ଦିରରେ ଲାଗିଥିବା ସି.ସି.ଟିଭିକୁ ଅଚଳ କରି ନେଇଯାଇଛନ୍ତି । ଦୁର୍ବୃତ୍ତ ମାନେ ହୁଣ୍ଡିରୁ ପ୍ରାୟ ୪୦ ହଜାର ଟଙ୍କା ଓ ମା'ଙ୍କ ମୁଖରେ ଲାଗିଥିବା ସୁନା, ରୁପା ଓ ପିତଳର ତିଆରି ସାଜ ସଜ୍ଜା ଅଳଙ୍କାରକୁ ଚୋରି କରିଥିବା ଜଣାପଡିଛି। ବିଷମକଟକ ଥାନା ଆଇଆଇସି ସୂର୍ଯ୍ୟ ଚନ୍ଦ୍ର ପାଢି ତଦନ୍ତ କରି ଅପରାଧୀକୁ ଶୀଘ୍ର ଧରାଯିବ ବୋଲି କହିଛନ୍ତି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୦।୮।୨୦୨୪, ଶ୍ରାବଣ ଦି୨୬ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୫।୨୫।୨୯ ଚନ୍ଦ୍ରୋଦୟ- ଦିଘ୧୦।୦୦।୨୦**

**ଷଷ୍ଠୀ**- ଅହୋରାତ୍ର । **ଚିତ୍ରା ନକ୍ଷତ୍ର** - ଅହୋରାତ୍ର । **କନ୍ୟା ଚନ୍ଦ୍ର**- ଦିଘ ୪।୧୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି**- ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । ଦିଘ ୪।୧୮ ଗତେ ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର**- ବୃଷ ରାଶିର । ଦିଘ ୪।୧୮ ପର୍ଯ୍ୟନ୍ତ । **ଶ୍ରାଦ୍ଧନିର୍ଣ୍ଣୟ**- ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- ନିମ ଖାଇବା ମନା । **ଆଜିର ଶୁଭବେଳା**- ଦିଘ ୧୦।୧୬ ଗତେ ଘ ୧।୦୮ ମଧ୍ୟେ । ରାଘ ୮।୩୦ ଗତେ ଘ ୧୦।୪୪ ମଧ୍ୟେ । **ପର୍ବୋତ୍ସବ**- ଡେଙ୍ଗୁ ନିରୋଧକ ଦିବସ ।


**ମେଷ:** ବ୍ୟବସାୟରେ ଲାଭବାନ୍ ହେବେ । ଦେହ ଓ ମନ ଭଲ ରହିବ । ମହିଳାମାନେ ସୁଖୀ ହେବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।


**ବୃଷ:** ଆଜି ଆପଣଙ୍କର ଦିନଟି ସେତେ ଭଲରେ କଟିବ ନାହିଁ । ବନ୍ଧୁଙ୍କ ସହ କଳହ ଦେଖାଦେଇପାରେ । ଆୟ ଅପେକ୍ଷା ବ୍ୟୟର ମାତ୍ରା ବଢ଼ିବ । ଘରେ ଅଶାନ୍ତି ଦେଖାଦେଇପାରେ ।


**ମିଥୁନ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ଆୟ ଯୋଗ ରହିଛି । ଘରେ ଶାନ୍ତିର ବାତାବରଣ ରହିବ । ଭ୍ରମଣ ଯୋଗ ରହିଛି ।


**କର୍କଟ:** ଗୃହେ ସୁଖ ଶାନ୍ତି ରହିବ । ରୋଜଗାର ଭଲ ହେବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ପରୋପକାର କରି ଆନନ୍ଦିତ ହେବେ । ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ ।


**ସିଂହ:** ବିବାଦୀୟ ବିତର୍କ କ୍ଷେତ୍ରରୁ ଦୂରେଇ ରହିବା ଭଲ । ବ୍ୟୟର ମାତ୍ରା ଅଧିକ ହେବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ । ମାନସିକ ଦ୍ୱନ୍ଦ୍ୱ ମନକୁ ଭାରାକ୍ରାନ୍ତ କରିବାର ସୂଚନା ।


**କନ୍ୟା:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ଶରୀର ସୁସ୍ଥ ରହିବ । ଉତ୍ତମ ଭୋଜନ କରିପାରନ୍ତି । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ରୋଜଗାର ମଧ୍ୟମ ଧରଣର ହେବ ।


**ତୁଳା:** ମାନସିକ ଦୁଶ୍ଚିନ୍ତା ଦୂର ହେବ । କର୍ମକ୍ଷେତ୍ରରେ ଶୁଭଫଳ ପାଇବେ। ଆର୍ଥିକ ସ୍ଥିତି ଭଲ ରହିବ । ଘରେ ଆନନ୍ଦ ଦେଖାଦେବ । ଦୂରସ୍ଥାନକୁ ଯାତ୍ରା କରିବାର ସମ୍ଭାବନା ରହୁଛି ।


**ବିଛା:** ଶରୀରରେ ସାମାନ୍ୟ ପୀଡ଼ା ଦେଖାଦେବ । ବ୍ୟବସାୟ କ୍ଷତିରେ ଚାଲିପାରେ । ଏଣୁ ଚିନ୍ତିତ ରହିବେ । ଆୟ ଠାରୁ ବ୍ୟୟ ଅଧିକ ହୋଇପାରେ । ମହିଳାମାନେ ଗର୍ବୀ ହେବେ । ମନ ଅସ୍ଥିର ରହିବ ।


**ଧନୁ:** ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପ୍ରାପ୍ତ ହେବ । ଆୟର ପରିମାଣ ବଢ଼ିବ । ସାଧନାରେ ସିଦ୍ଧି ଲାଭ କରିବେ । ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି ।


**ମକର:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ । ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଦେବ ଦର୍ଶନ ସହ ସେବା ପୂଜାର ସୁଯୋଗ ମଧ୍ୟ ଜୁଟିପାରେ । ଘରେ ସୁଖ ଶାନ୍ତି ବଜାୟ ରହିବ । ଶରୀର ସୁସ୍ଥ ରହିବ ।


**କୁମ୍ଭ:** ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ସୃଷ୍ଟି ହୋଇପାରେ । ଆୟ ଓ ବ୍ୟୟ ସମାନ ରହିବ । ମହିଳାମାନେ ସୁଖୀ ହେବେ । ଘରେ ଅସନ୍ତୋଷ ଦେଖାଦେବ । ମାନସିକ ଦ୍ୱନ୍ଦ୍ୱ ଦେଖାଦେଇପାରେ।


**ମୀନ:** ବ୍ୟବସାୟ ମଧ୍ୟମ ଧରଣର ଚାଲିବ । ଆର୍ଥିକ ସ୍ଥିତି ସ୍ଥିର ରହିବ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ପିଲାମାନେ ପଢ଼ାପଢ଼ଇରେ ଆଗେଇବେ । ଘରେ ଆନନ୍ଦ ଦେଖାଦେବ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୧।୮।୨୦୨୪, ଶ୍ରାବଣ ଦି୨୭ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୨୫।୪୭ ଚନ୍ଦ୍ରୋଦୟ- ଦିଘ୧୦।୪୯।୧୭**

**ମଳ ଷଷ୍ଠୀ**- ପ୍ରାଘ ୫।୪୬ ପର୍ଯ୍ୟନ୍ତ । **ମଳ ଚିତ୍ରା ନକ୍ଷତ୍ର** - ପ୍ରାଘ ୫।୪୯ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର**- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି**- ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର**- ନାହିଁ । **ଶ୍ରାଦ୍ଧନିର୍ଣ୍ଣୟ**- ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- ନିମ ପ୍ରାଘ ୫।୪୬ ପରେ ତାଳ ଖାଇବା ମନା । **ଆଜିର ଶୁଭବେଳା**- ପ୍ରାଘ ୫।୩୦ ଗତେ ଘ ୯।୪୪ ମଧ୍ୟେ । ଦିଘ ୧।୨୭ ଗତେ ଘ ୧।୫୯ ମଧ୍ୟେ ।

ପ୍ରାତ୍ୟହିକ
30 YEARS
ସମ୍ବାଦ କଳିକା

# ଦେଶରେ ଦରଦାମ ସ୍ଥିତି ଅଣାୟତ୍ତ

ଦେଶରେ ଦରଦାମ ସ୍ଥିତି ଏବେ ଅଣାୟତ୍ତ ହେବାରେ ଲାଗିଛି। ଘର ଚଳାଇବା କଷ୍ଟକର ହୋଇପଡ଼ିଲାଣି। ରୋଷେଇ ଘରେ ବ୍ୟବହାର ହେଉଥିବା ପ୍ରାୟ ସବୁ ଅତ୍ୟାବଶ୍ୟକ ସାମଗ୍ରୀର ଦାମ ବଢ଼ିବାରେ ଲାଗିଛି। ଚାଉଳ, ପନିପରିବା, ଗହମ, ଟମାଟୋ, ଡାଲି ଦରବୃଦ୍ଧି ଚିନ୍ତାର କାରଣ ପାଲଟିଥିବା ବେଳେ ଖୁବ୍‌ଶୀଘ୍ର ଚିନି ଓ ଖାଇବା ତେଲ ମଧ୍ୟ ମହଙ୍ଗା ହେବାର ସଙ୍କେତ ମିଳିଛି। ଯଦିଓ ଦରବୃଦ୍ଧି ଲାଗି ଟମାଟୋ ଏବେ ଖବରର ଶିରୋନାମାରେ ରହିଛି, କିନ୍ତୁ ଆହୁରି ଅନେକ ଅତ୍ୟାବଶ୍ୟକ ସାମଗ୍ରୀର ଦାମ ଏତେ ବଢ଼ିଛି ଯାହା ଯେକୌଣସି ପରିବାର ଲାଗି ସମସ୍ୟା ଭାବେ ଉଭା ହୋଇଛି।

ପନିପରିବା ଦରବୃଦ୍ଧିର ମୁକାବିଲା କରିବାକୁ ସଂଘର୍ଷରତ କରୁଥିବା ଭାରତୀୟ ପରିବାର ଉପରେ ଡାଲି ଏବେ ଅତିରିକ୍ତ ବୋଝ। ଆନ୍ତର୍ଜାତିକ ବଜାରରେ ଡାଲି ମହଙ୍ଗା ହେବା ପରେ ଚଳିତ ସପ୍ତାହରେ ଦେଶର ପାଇକାରୀ ବଜାରରେ ଡାଲି ମୂଲ୍ୟ ୨–୩ ପ୍ରତିଶତ ବଢ଼ିଛି। ଭାରତକୁ ଡାଲି ରପ୍ତାନି କରୁଥିବା ଦେଶ ଯଥା କାନାଡା, ମିଆଁମାର, ମୋଜାମ୍ବିକ ଆଦି ଭାରତର ଡାଲି ଚାଷ ଉପରେ ନଜର ରଖିଛନ୍ତି। ଖରିଫ ଋତୁରେ ଡାଲି ଚାଷରେ ୯ ପ୍ରତିଶତ ହ୍ରାସ ଘଟିଥିବା କୁହାଯାଉଛି। ସପ୍ତାହକ ଭିତରେ ବିରି ଡାଲି ଦାମ କେଜି ପିଛା ୩ ଟଙ୍କା ବଢ଼ିଥିବା ବେଳେ ହରଡ଼ ଡାଲିର କ୍ୱିଣ୍ଟାଲ୍ ପିଛା ମୂଲ୍ୟର ୨୦୦–୪୦୦ ଟଙ୍କାର ବୃଦ୍ଧି ଘଟିଛି। ଉଭୟ ବିରି ଓ ହରଡ଼ ଚାଷରେ ଯଥାକ୍ରମେ ୧୪ ଓ ୮ ପ୍ରତିଶତ ହ୍ରାସ ଘଟିଥିବା କୁହାଯାଉଛି। ଘର ଚଳାଉଥିବା ବ୍ୟକ୍ତିଙ୍କ ପାଇଁ ଆଉ ଏକ ବଡ଼ ସମସ୍ୟା ହେଉଛି ଗହମ ଓ ଚାଉଳ। ଗହମର କେଜି ପିଛା ଦାମ ୨୯ ଟଙ୍କା ୫୯ ପଇସାକୁ ବୃଦ୍ଧି ପାଇଥିବା ବେଳେ ଚାଉଳ ଦାମ୍ କେଜି ପିଛା ୪୦ ଟଙ୍କା ୪୨ ପଇସା ହୋଇଛି। ଗହମ ପ୍ରଭାବରେ ଅଟା ମଧ୍ୟ ମହଙ୍ଗା ହେବାରେ ଲାଗିଛି। ଆଗାମୀ ଦିନରେ ଚିନି ଓ ଖାଇବା ତେଲ ଦାମ ବଢ଼ିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅଦିନିଆ ବର୍ଷାରେ ଆଖୁ ଫସଲ ନଷ୍ଟ ହୋଇଥିବାରୁ ଏଥର ଚିନି ଉତ୍ପାଦନ କମ୍ ହୋଇପାରେ। ଯଦି ସେଭଳି ସ୍ଥିତି ସୃଷ୍ଟି ହେବ ତେବେ ଦେଶର ଆବଶ୍ୟକତା ପୂରଣ କରିବା ଲାଗି ସରକାର ଚିନି ରପ୍ତାନି ଉପରେ କଟକଣା ଲଗାଇପାରନ୍ତି । ସେହିପରି ଖାଇବା ତେଲ ମୂଲ୍ୟ ବଢ଼ିବାର ମଧ୍ୟ ଆଶଙ୍କା ରହିଛି । ଏହା ପଛର କାରଣ ହେଉଛି କୃଷ୍ଣ ସାଗର ମଧ୍ୟ ଦେଇ ୟୁକ୍ରେନ୍‌ରୁ ସନଫ୍ଲାୱାର ରପ୍ତାନି ଲାଗି ଯେଉଁ ବୁଝାମଣା ହୋଇଥିଲା ସେଥିରୁ ଋଷ୍ ଓହରିଯାଇଛି। ସେଥିପାଇଁ ଭାରତରେ ସନ୍‌ଫ୍ଲାୱାର ମହଙ୍ଗା ହେଉଥିବା ବେଳେ ଆମେରିକାରେ ଖରାପାଗ ପ୍ରଭାବ ଯୋଗୁଁ ସୋୟାବିନ ତେଲ ମଧ୍ୟ ମହଙ୍ଗା ହୋଇଛି। ୟୁରୋପରେ ମରୁଡ଼ି ଭଳି ସ୍ଥିତି ପାଇଁ ବର୍ଷକ ଭିତରେ ଅଲିଭ ଅଏଲ୍ ଦାମ୍ ୮୦% ବଢ଼ିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ ନାମ ମହାତ୍ମ୍ୟ**



ଶ୍ରୀ ଅଭିରାମ ସରସ୍ୱତୀ

ଦୃଢ଼ତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡ଼ିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସବସ୍ତ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସବସଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ

ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

ଆପଣାର କଲାକର୍ମସ୍ତ
ଜୀବଟି ଭୋଗିବ
ଦୋଷକରି ନିଜେ ସେତ
କର୍ମସ୍ତକୁ ନିନ୍ଦିବ (୧୭୬)

ତେଣୁ କରି ଭକ୍ତଭାଇ
ଇଷ୍ଟକୁ ସୁମରି
ବିବକରେ କର୍ମସ୍ତକର
ନିଷ୍ପେହେବ ପାରି (୧୭୭)

କରାଇବା କରୁଥିବା
ଯେତେ କର୍ମସ୍ତମାନ
ହୃଦୟରେ ବିବେକକୁ
କରିବ ସ୍ମରଣ
(୧୭୮)

(କ୍ରମଶଃ)

## ଏଣୁ ତେଣୁ



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

# କାବ୍ୟ କୌଣ୍ଡିନ୍ୟ–୫୩

## କମ୍ବୁଜ (କମ୍ବୋଡିଆ)ରେ କଳିଙ୍ଗ ରାଜତ୍ୱର ଇତିହାସ ଓ କଳ୍ପନା ମିଶ୍ରିତ ଗୀତିକାବ୍ୟ

## ସୋମାଙ୍କ ଅଭିଷେକ ସଂପାଦନ

ଏ ବିଷୟରେ ନିମ୍ନ ଗୀତଟିର ପ୍ରତିଧାଡିର ପ୍ରଥମ ଅକ୍ଷର ଅ/ଆ ହୋଇଥିବା ବେଳେ ୨ୟ ଅଂଶଟି ସର୍ବଦା 'ସ/ଶ' ହୋଇଅଛି।

ଆଗତ ଶୁଭ ମୁହୂର୍ତ୍ତ ସର୍ବେ ଥିଲେ ଉତ୍କଣ୍ଠିତ
ଅଭିଷେକ ଯେ କିପରି ଶୀଘ୍ର ହେବ ସଂପାଦିତ ।।୧।।
ଆବିର୍ଭାବ ହେବ ନବ ସଂଗଠିତ ସୁଶାସନ
ଅପେକ୍ଷାରତ ପ୍ରଜାଙ୍କ ଶରୀରରେ ଶିହରଣ ।।୨।।
ଆରୋହିବେ ସିଂହାସନେ ସୋମା ଭାବୀ ମହାରାଣୀ
ଆଣି ବିକାଶ କରିବେ ସମଗ୍ର ଦେଶ ଅଗ୍ରଣୀ ।।୩।।
ଆରତୀ ଆଦିର ଅନ୍ତେ ସାଷ୍ଟାଙ୍ଗ ପ୍ରାଣାମ କରି
ଆସିଲେ ଠାକୁର ପାର୍ଶ୍ୱେ ସୋମା ପ୍ରଭୁଙ୍କୁ ସୁମରି ।।୪।।
ଅଭିଷେକ କାର୍ଯ୍ୟାରମ୍ଭ ଶଙ୍ଖନାଦେ କଲେ ବୀର
ଆନ୍ଦୋଳିତ ଚତୁର୍ପାର୍ଶ୍ୱ ସ୍ୱର କି ପଞ୍ଚଜନ୍ୟର ।।୫।।
ଅଗ୍ରଣୀ କାର୍ଯ୍ୟେ କୌଣ୍ଡିନ୍ୟ ସହ ତାଙ୍କ ପୁରୋହିତ
ଆରମ୍ଭିଲେ ମନ୍ତ୍ରଗାନ ସ୍ୱର ଏକେ ଯେ ମିଳିତ ।।୬।।
ଆଭାଦିତ୍ୟ ମୁଖଦୀପ୍ତ ଶ୍ରୀ ପ୍ରକାଶି ମହାବୀର

ଅନର୍ଗଳ ବୋଲୁଥାନ୍ତି
ଅର୍ପଣ କରନ୍ତି ଘୃତ
ଆହ୍ୱାନ ଯେ କରୁଥାନ୍ତି
ଅକ୍ଷତ ଦୁର୍ବା ପୁଷ୍ପାଦି
ଆରାଧନା ଆଦି କାର୍ଯ୍ୟ
ଆବୃତ୍ତି କରିଲେ ମନ୍ତ୍ର
ଅଭିଷେକ କଲେ ସିଚି
ଆଭୂଷିତ କଲେ ଶିରେ
ଅନ୍ତେ ଯେ ଘୋଷଣା କଲେ
ଅସଂଗଠିତ ଅଂଚଳ
ଆଖ୍ୟା ଲାଭ କରିବ ତା'
ଅର୍ଥ କମ୍ବୁ ଶବ୍ଦର ଯେ
ଅର୍ଥ ତେଣୁ କମ୍ବୁଜର
ଆଣି ଖଡ୍ଗ ଧନୁତୀର
ଆଭାର ପ୍ରକଟ କଲେ
ଅବ୍ୟାହତି କାର୍ଯ୍ୟୁ ଲଭି
ଅନ୍ତରାଳେ ଚାଲିଗଲେ

ଶ୍ଳୋକମାନ ସଂସ୍କୃତର ।।୭।।
ସମିଧାଦି ଯଜ୍ଞାନଳେ
ସବୁ ଦେବତା ସେ କାଳେ ।।୮।।
ସାମଗ୍ରୀର ସାହାଯ୍ୟେଣ
ଶେଷେ ହେଲା ସମାପନ ।।୯।।
ସଳିଳ ଯଜ୍ଞ ହସ୍ତେଣ
ସୋମାଙ୍କ ବିପ୍ର କୌଣ୍ଡିନ୍ୟ ।।୧୦।।
ସ୍ୱର୍ଣ୍ଣାଭ ମୁକୁଟ ମଣି
ସୋମା ହେଲେ ମହାରାଣୀ ।।୧୧।।
ସୋମାଙ୍କର ଶାସନରେ
ସଦ୍ୟ କମ୍ବୁଜ ନାମରେ ।।୧୨।।
ସଂସ୍କୃତରେ ଅଟେ ଶଂଖ
ଶଂଖୁଜାତ ଜାଣି ରଖ ।।୧୩।।
ସଜାଇଲେ ସାମ୍ରାଜ୍ଞୀଙ୍କୁ
ସମସ୍ତ ପ୍ରଜାଗଣଙ୍କୁ ।।୧୪।।
ସେ ସମୟ ମଞ୍ଜୁ ବୀର
ସଂଲଗ୍ନ ଗୃହ ଭିତର ।।୧୫।।

ଅବଲୋକି ରାଣୀଙ୍କ ଏ
ଆଚମ୍ବିତ ଉପସ୍ଥିତ
ଅବତରି ଆସୁଛନ୍ତି
ଅବନୀ ଉପରେ ଉଭା
ଅଭିଭୂତ ଅତ୍ୟାନଂଦ
ଅବିଳମ୍ବେ ଉଚ୍ଚସ୍ୱରେ
ଅବିରତ ବହୁକାଳ
ଆସୁଅଛି ଇନ୍ଦ୍ରପୁର
ଅଭିଷେକ ଅନ୍ତେ ଯାହା
ଆସନ୍ତା ଗୀତେ ଲେଖିବ

ସ୍ୱର୍ଗୀୟ ରୂପ ଲାବଣ୍ୟ
ସମସ୍ତ ଯେ ପ୍ରଜାଗଣ ।।୧୬।।
ସତେ କି କେ ଦେବୀ ଏକ
ସ୍ୱର୍ଗପୁରୀ କରି ତ୍ୟାଗ ।।୧୭।।
ସମବେତ ପ୍ରଜାଗଣ
ସର୍ବେ କଲେ ଜୟଗାନ ।।୧୮।।
ସଭାସ୍ଥଳ କମ୍ପମାନ
ସ୍ୱର୍ଗ କି ମେଘ ଗର୍ଜନ ।।୧୯।।
ସବୁ ହେବ ସଂପାଦନ
ସେ ସର୍ବ ଦୁର୍ଗାଚରଣ ।।୨୦।।

**ଶବ୍ଦାର୍ଥ :**

ପଦ (୫), (୭)ରୁ (୧୦) : ପଞ୍ଚଜନ୍ୟ–କୃଷ୍ଣଙ୍କର ଶଂଖ। ଆଭାଦିତ୍ୟ- ଆଦିତ୍ୟ (ସୂର୍ଯ୍ୟ)ଙ୍କର ତେଜ। ମୁଖଦୀପ୍ତ- ମୁହଁ ଝଲକୁଥିବା। ଶ୍ରୀ–ସୌନ୍ଦର୍ଯ୍ୟ। ସମିଧ–ଯଜ୍ଞରେ ବ୍ୟବହୃତ କାଠ। ଯଜ୍ଞାନଳେ–ଯଜ୍ଞର ନିଆଁରେ । ଅକ୍ଷତ -ଅରୁଆ ଚାଉଳ। ଦୁର୍ବା–ଦୁବଘାସ। ସଳିଳ ଯଜ୍ଞ–ଯଜ୍ଞର ପାଣି।

ପଦ (୧୧) ଓ (୧୭) : ସ୍ୱର୍ଣ୍ଣାଭ ମୁକୁଟ ମଣି–ମଣି ଲଗାଯାଇଥିବା ସ୍ୱର୍ଣ୍ଣ ପରି ତେଜବାନ ମୁକୁଟ। ଅବତରି–ଓହ୍ଲାଇ କରି। ଅବନୀ–ପୃଥିବୀ।

# ମହିୟସୀ ନାରୀନେତ୍ରୀ ସରଳାଦେବୀଙ୍କ ଜନ୍ମତାରିଖକୁ ନେଇ ପ୍ରଶ୍ନବାଚୀ !



ହିମାଂଶୁ ଶେଖର ଆଚାର୍ଯ୍ୟ
ଜଗତସିଂହପୁର
ମୋ–୯୯୩୭୧୫୧୦୫୨

ଓଡିଶାର ପ୍ରଥମ ମହିଳା କାରାବନ୍ଦୀ ସେ। ପ୍ରଥମ ମହିଳା ବିଧାୟିକା ବି। ପୁଣି ଓଡ଼ିଶାରେ ନାରୀଜାଗରଣର କର୍ଣ୍ଣଧାର ଥିଲେ ସେ। ସେ ହେଉଛନ୍ତି ଓଡିଶାରେ ଅଗ୍ନିକନ୍ୟା ଭାବେ ପରିଚିତା ସରଳା ଦେବୀ । ଏକାଧାରରେ ସେ ଥିଲେ ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଆଦର୍ଶ ସହଧର୍ମିଣୀ. ସୁଦକ୍ଷା ସଂଗଠିକା,ସୁସାହିତ୍ୟିକା ଓ ସର୍ବୋପରି ଜଣେ ମହୀୟସୀ ଜନନେତ୍ରୀ। ସରଳା ଦେବୀ ୧୯୦୪ ମସିହା ଅଗଷ୍ଟ ୧୯ ତାରିଖରେ ଅବିଭକ୍ତ କଟକ ଓ ବର୍ତ୍ତମାନର ଜଗତସିଂହପୁର ଜିଲ୍ଲା ବାଲିକୁଦା ଅନ୍ତର୍ଗତ ନରିଲୋ ଗ୍ରାମରେ ପିତା ବାସୁଦେବ କାନୁନ୍‌ଗୋ ଓ ମାତା ପଦ୍ମାବତୀଙ୍କ କୋଳମଣ୍ଡନ କରିଥିଲେ। ମାତ୍ର ତାଙ୍କ ପାଳକ ପିତା ଥିଲେ ବାସୁଦେବଙ୍କ ସାନ ଭାଇ ବାଳମୁକୁନ୍ଦ, ଯେକି ତତ୍କାଳୀନ ବ୍ରିଟିଶ୍ ଶାସନର ଥିଲେ ଜଣେ ଡେପୁଟି କଲେକ୍ଟର । ବାଳମୁକୁନ୍ଦଙ୍କ ଚାକିରିରେ ଘନଘନ ବଦଳି ଯୋଗୁଁ ସରଳାଙ୍କ ଆନୁଷ୍ଠାନିକ ଶିକ୍ଷା ବେଶୀ ଦୂର ଯାଇନଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ "ଫାଷ୍ଟ ବୁକ୍ ଅଫ୍ ରିଡିଙ୍ଗ୍"ରୁ ସେ ଇଂରାଜୀ ଶିକ୍ଷା ଆରମ୍ଭ କଲେ । ପରେ ଗୃହ ଶିକ୍ଷକଙ୍କ ଦ୍ୱାରା ସପ୍ତମ ଯାଏ ପଢିଲେ ସରଳା ଦେବୀ। କିନ୍ତୁ ଆନୁଷ୍ଠାନିକ ଶିକ୍ଷାର ଅଭାବ ତାଙ୍କ ଜ୍ଞାନ ଆହରଣର ବାଟ ଉଗାଳି ପାରିନଥିଲା। ପରେ ନିଜସ୍ୱ ଉଦ୍ୟମରେ ପ୍ରଚୁର ପଢାପଢି କରି ସେ ହିନ୍ଦୀ, ବଙ୍ଗଳା ଓ ଇଂରାଜୀ ଭାଷାକୁ ଭଲ ଭାବରେ ଆୟତ୍ତ□ କରିଥିଲେ। ତାଙ୍କର ସୃଷ୍ଟି ସମ୍ଭାର ଦେଖିଲେ ତାଙ୍କ ଜ୍ଞାନର ଗଭୀରତାର ସ୍ପଷ୍ଟ ଆଭାସ ମିଳେ। କିନ୍ତୁ ଗୁଗୁଲ୍‌ରେ ତାଙ୍କ ଜନ୍ମ ଦିନ ଅଗଷ୍ଟ ୯ ତାରିଖ ବୋଲି ଦର୍ଶାଯାଇଛି। ସେହି ଅନୁସାରେ କେତେକ ଖବରକାଗଜରେ ପ୍ରକାଶିତ ସମ୍ପାଦକୀୟରେ ଯେଉଁ ଲେଖା ପ୍ରକାଶ ପାଇଛି ସେଥିରେ ତାଙ୍କ ଜନ୍ମଦିନ ୯ ତାରିଖ ବୋଲି ଉଲ୍ଲେଖ ରହିଛି। ଆମେ ଜାଣିବାରେ ବା ଯେଉଁ ସୂଚନା ରହିଛି ତଦନୁଯାୟୀ ତାଙ୍କ ଜନ୍ମଦିନ ଅଗଷ୍ଟ ୧୯ ତାରିଖ। ତେଣୁ ଏହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହିପରି ଜଣେ ମହିୟସୀ ନାରୀନେତ୍ରୀଙ୍କ ଜନ୍ମ ତାରିଖକୁ ନେଇ ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ସ୍ପଷ୍ଟିକରଣର ଆବଶ୍ୟକତା ରହିଛି। ଏଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଦାବି କରାଯାଇଛି।

୧୯୧୮ ମସିହାରେ ମାତ୍ର ୧୪ ବର୍ଷ ବୟସରେ ଜଗତସିଂହପୁର ଚାଟ୍ରା ଗ୍ରାମର ବିଶିଷ୍ଟ ଜମିଦାର ଚୌଧୁରୀ ଦୁର୍ଗା ଚରଣ ମହାପାତ୍ରଙ୍କ ସୁଯୋଗ୍ୟ ସନ୍ତାନ ଭାଗିରଥି ମହାପାତ୍ରଙ୍କୁ ବିବାହ କରିଥିଲେ ସରଳା। ସରଳା ଦେବୀଙ୍କ ବିଦ୍ରୋହୀ ମନୋଭବର ସୂଚନା ମିଳିଥିଲା ତାଙ୍କ କୈଶୋର ଜୀବନରୁ। ଜମିଦାରବଂଶ ବଧୂ ହୋଇ ସାରିଲା ପରେ ବି ସେ ଘରର ଚାରିକାନ୍ଥ ଭିତରେ ଓଢଣା ପକାଇ ଚୁପ୍‌ଚାପ୍ ବସି ରହିବାକୁ ପସନ୍ଦ କରିନଥିଲେ । ୧୯୧୯ ମସିହାରେ ଜାଲିଆନାୱାଲାବାଗ୍‌ର ନରସଂହାର, ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନ ଓ ସତ୍ୟାଗ୍ରହ ସରଳାଙ୍କ ମନ ଭିତରେ ସୃଷ୍ଟିକଲା ଗଭୀର ଆଲୋଡନ । ସାମନ୍ତୀୟ ଅବଗୁଣ୍ଠନ ହଟାଇ, ଦାମ୍ପତ୍ୟ ପ୍ରେମର ସୁଖକୁ ଏଡାଇ ସରଳାଙ୍କ ପ୍ରାଣରେ ଅଙ୍କୁରିତ ହେଲା ଦେଶପ୍ରେମ ଭାବ । ଅବଶ୍ୟ ସ୍ୱାମୀ ଭାଗିରଥୀ ମହାପାତ୍ର ସରଳାଙ୍କ ଉଚ୍ଚାକାଂକ୍ଷାକୁ ସାକାର କରିବା ପାଇଁ ସୃଷ୍ଟି କରିଥଲେ ପର୍ଯ୍ୟାପ୍ତ ସୁଯୋଗ ଓ ବଢାଇଥିଲେ ସହଯୋଗର ହାତ । ୧୯୨୧ ମସିହାରେ ମହାତ୍ମାଗାନ୍ଧୀ ଅସହଯୋଗ ଆନ୍ଦୋଳନର ଡାକରା ଦେଲେ ଏବଂ ଏହି ଆନ୍ଦୋଳନକୁ ଓଡିଶାରେ ଆଗେଇ ନେବାକୁ ମହାତ୍ମାଗାନ୍ଧୀ ଓଡିଶା ଆସିଥାନ୍ତି । ମହିଳାମାନଙ୍କୁ ସ୍ୱାଧୀନତା ସଂଗ୍ରାମରେ ସାମିଲ କରିବା ଥିଲା ଏହି ଆଗମନର ମୂଳ ଲକ୍ଷ୍ୟ। ତାଙ୍କ ଉଦ୍ୟମ ଓ ପ୍ରେରଣାର ଫଳ ସ୍ୱରୂପ ୪୦ ଜଣ ମହିଳା ସେଦିନ ସଭାରେ ଯୋଗ ଦେଇଥିଲେ। ସବୁଠାରୁ ଉଲ୍ଲେଖଯୋଗ୍ୟ କଥା ଥିଲା ସେଦିନ କାଠଯୋଡି ବାଲିରେ ଅନୁଷ୍ଠିତ ସେହି ସମାବେଶରେ ଗାନ୍ଧିଜୀଙ୍କ ହିନ୍ଦୀ ଭାଷଣକୁ ଓଡିଆରେ ଭାଷାନ୍ତର କରି ଉପସ୍ଥିତ ଜନତାଙ୍କୁ ଚକିତ କରିଦେଇଥିଲେ ସରଳା ଦେବୀ। ୧୯୩୦ ମସିହାର ଐତିହାସିକ ଲବଣ ସତ୍ୟାଗ୍ରହରେ ସରଳାଙ୍କର ଅବଦାନ ବି କିଛି କମ୍ ନଥିଲା । ସେତେବେଳେ ଓଡିଶାରେ ବାଲେଶ୍ୱର ଜିଲ୍ଲାର ଇଞ୍ଚୁଡିଠାରେ ଲୁଣ ମରାହେବା ପାଇଁ ସ୍ଥିର ହୋଇଥାଏ । ପୋଲିସ୍‌ର ଦମନ ଲୀଳାକୁ ଖାତିର ନକରି ସତ୍ୟାଗ୍ରହୀମାନେ ଇଞ୍ଚୁଡି ଅଭିମୁଖେ ଯାତ୍ରା କରିଥିଲେ । ସରଳା ଦେବୀ କେବଳ ଏଥିରେ ସାମିଲ ହୋଇନଥିଲେ ବରଂ ତାଙ୍କ ଦୃଢ ନେତୃତ୍ୱ ଯୋଗୁଁ ଅନେକ ନାରୀ ଏଥିରେ ଯୋଗ ଦେଇଥିଲେ । ସେହିପରି ଗଞ୍ଜାମର ହୁମାଠାରେ ଲବଣ ସତ୍ୟାଗ୍ରହର ନେତୃତ୍ୱ ନେଇ ସେ ଗିରଫ ହେଲେ ଓ ତାଙ୍କୁ ପ୍ରଥମେ ଛତ୍ରପୁର ଓ ପରେ ଭେଲୋରରେ ବନ୍ଦୀ କରି ରଖାଯାଇଥିଲା। ସେ ଥିଲେ ସ୍ୱାଧିନତା ଆନ୍ଦୋଳନରେ ଯୋଗ ଦେଇ କାରାବରଣ କରିଥିବା ପ୍ରଥମ ନାରୀ। ସେହିପରି ଓଡିଶାରେ ନାରୀମୁକ୍ତି ଆନ୍ଦୋଳନର ଇତିହାସ ସରଳାଙ୍କ ବିନା ଲେଖିବା ଅସମ୍ଭବ। ସେ ଥିଲେ ତାର ପ୍ରମାଣ। ସେ କହୁଥିଲେ ନାରୀ ଜାଗିଲେ ପରିବାର ଜାଗିବ ଓ ପରିବାର ଜାଗିଲେ ଦେଶ ଜାଗିବ । ସେଥିପାଇଁ କୁନ୍ତଳା କୁମାରୀ ସାବତ, ବସନ୍ତ କୁମାର ଦେବୀ, ସରୋଜିନୀ ଚୌଧୁରୀ, କୋକିଳା ଦେବୀ ଓ ଜାହ୍ନବୀ ଦେବୀ ସହ ମିଶି ସେ ଗଠନ କରିଥିଲେ "ନିଖିଳ ଉତ୍କଳ ନାରୀ ପରିଷଦ" । ସଭାସମିତିରେ ତାଙ୍କର ଅଗ୍ନିବର୍ଷୀ ଓ ସାରଗର୍ଭକ ଭାଷଣ ସମସ୍ତଙ୍କ ମନରେ ଅପୂର୍ବ ଶିହରଣ ସୃଷ୍ଟି କରିଥିଲା। ଜଣେ ବିଧାୟିକା ଭାବରେ ତାଙ୍କର କାର୍ଯ୍ୟକୁଶଳତା ତାଙ୍କୁ ଚିରଦିନ ଅବିସ୍ମରଣୀୟ କରି ରଖିବ । ବିଧାନସଭାରେ ପ୍ରାଥମିକ ଶିକ୍ଷା, ନାରୀଶିକ୍ଷା, କୃଷକ ଓ ଶ୍ରମିକ ଥଇଥାନ, ମହାଜନୀ କାରବାରର ବିରୋଧ, ଯୌତୁକ ପ୍ରଥା ଉଚ୍ଛେଦ ଆଦି ବିଷୟରେ ସେ ସରକାରଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଥିଲେ । ଯୌତୁକ ବିରୋଧୀ ବିଲ୍ ଆଣି ସେ ଗୋଟିଏ ନୂଆ ପରମ୍ପରା ସୃଷ୍ଟି କରିଥିଲେ। ସମାଜ ସେବା, ଅହିଂସା ସଂଗ୍ରାମ, ସତ୍ୟାଗ୍ରହ ଓ ରାଜନୈତିକ ଜୀବନବୋଧ ଭିତରେ ସାହିତ୍ୟ ସାଧନା ଥିଲା ସରଳାଙ୍କ ଜୀବନର ଅନ୍ତିମ ଲକ୍ଷ୍ୟ। ସରଳାଙ୍କ ଲାଗି ସାହିତ୍ୟ ଏକ ସୌଖୀନ ବିଳାସ ନୁହେଁ, ଥିଲା ସଂଗ୍ରାମର ଆଉ ଏକ ସୀମାନ୍ତ । ସାହିତ୍ୟର ବିଭିନ୍ନ ବିଭାଗ - ଗଳ୍ପ, ଉପନ୍ୟାସ, କବିତା, ଅନୁବାଦ, ଜୀବନୀ, ନାଟକ, ପ୍ରବନ୍ଧ ଏବଂ ସମାଲୋଚନା ପ୍ରଭୃତିରେ ସେ ହାତଦେଇ ଅସାମାନ୍ୟ ସଫଳତା ଅର୍ଜନ କରିଥିଲେ । କିନ୍ତୁ ନିବନ୍ଧ ରଚନାରେ ସେ ଥିଲେ ସିଦ୍ଧହସ୍ତ। ବିଶ୍ୱ ବିପ୍ଳବୀ, ଉତ୍କଳର ନାରୀ ସମସ୍ୟା, ନାରୀର ଦାବୀ ଓ ଭାରତୀୟ ମହିଳା ପ୍ରସଙ୍ଗ ନିବନ୍ଧଗୁଡିକ ତାଙ୍କ ପ୍ରଶସ୍ତ ଅଧ୍ୟୟନ ଓ ଶାଣିତ ବିଶ୍ଳେଷଣର ଗୋଟିଏ ଗୋଟିଏ ନମୁନା। ସେମିତି ନାରୀର ଦାବୀ ନିବନ୍ଧଟି ନାରୀ ସ୍ୱାଧୀନତାର ଆଦ୍ୟ ଇସ୍ତାହାର କହିଲେ ଭୁଲ ହେବନାହିଁ । ସାହିତ୍ୟ ସମାଲୋଚନା କ୍ଷେତ୍ରରେ ତାଙ୍କ ଦକ୍ଷତାକୁ ପ୍ରମାଣିତ କରେ ସମାଲୋଚନା ମୂଳକ ପ୍ରବନ୍ଧ "ସାରଳା ମହାଭାରତରେ ନାରୀ ଚିତ୍ର" ଓ "କୁନ୍ତଳା କୁମାରୀଙ୍କ ନାରୀ ପ୍ରତିଭା" ଗ୍ରନ୍ଥଦ୍ୱୟ। ଜଣେ ଲେଖିକା ଭାବରେ ନାଟକ ରଚନା କରି ସରଳା ଦେବୀ ନିଜପାଇଁ ଏକ ସ୍ୱତନ୍ତ୍ର ଛାପ ଛାଡି ଯାଇଛନ୍ତି । ସେହିପରି ନାଟକ, ଗଳ୍ପ ଓ ଉପନ୍ୟାସ ରଚନାରେ ସରଳା ତାଙ୍କ କଥା ଶୈଳୀର ଚମତ୍କାରିତା ପ୍ରଦର୍ଶନ କରିଛନ୍ତି। ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ସାହିତ୍ୟିକା ଭାବରେ ସରଳା ଦେବୀ ଥିଲେ ଏକ ଅନିର୍ବାଣ ଶିଖା। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନ ଥିଲା ତାଙ୍କ ପାଇଁ ପରୀକ୍ଷା–ନିରୀକ୍ଷାର ପ୍ରୟୋଗଶାଳା । ଏହି ମହାନ୍ ଜନନେତ୍ରୀ ୧୯୮୬ ମସିହା ଅକ୍ଟୋବର ୪ ତାରିଖରେ ଆରପାରିକୁ ଚାଲିଗଲେ ଏବଂ ପଛରେ ଛାଡିଗଲେ ଅଧୁରା ସ୍ୱପ୍ନ। ସେ ସ୍ୱପ୍ନକୁ ଆମକୁ ସାକାର କରିବାକୁ ହେବ।



# ଭୂକମ୍ପ ବଦଳାଏ ଗତି



ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼
ମୋ–୯୪୩୭୬୪୨୯୪୭

ବିଶ୍ୱର ଭୂକମ୍ପ ବିଜ୍ଞାନୀମାନେ ଭୂମିକମ୍ପ ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥଳଭାଗରେ ହେଉଥିବା ଗତିବିଧି ଉପରେ ନିରନ୍ତର ନଜର ରଖିଛନ୍ତି। ଭୂମିକମ୍ପର ପ୍ରଭାବରୁ ଭାରତର ଗଙ୍ଗାନଦୀ ସହିତ ମିଆଁମାରର ଇରାବତୀ, ଚୀନର ୟେଲୋ, ଆମେରିକାର କ୍ଲାମାଥ ଏବଂ ସିରିଆ–ପାଲେଷ୍ଟାଇନ–ଇସ୍ରାଏଲର ସୀମାରେ ପ୍ରବାହିତ ହେଉଥିବା ଜର୍ଡାନ ମଧ୍ୟ ସୁରକ୍ଷିତ ନୁହେଁ। ଗଙ୍ଗା କୂଳର ପ୍ରାକୃତିକ କ୍ଷୟ ହେତୁ ସମୟ ସମୟରେ ଗତିପଥ ପରିବର୍ତ୍ତନ ହୋଇଛି । ଗତ ହଜାର ବର୍ଷ ମଧ୍ୟରେ ଗଙ୍ଗା ଓ ବ୍ରହ୍ମପୁତ୍ର ନଦୀ ଅନେକ ଥର ନିଜର ଗତିପଥ ବଦଳାଇଛନ୍ତି। ନିକଟରେ ନେଦରଲାଣ୍ଡର ୱାଖେନିଗାନ୍ ୟୁନିଭର୍ସିଟିର ଲେଖକ ଏଲିଜାବେଥ ଚେମ୍ବରଲେନ୍ ଏକ ଭୟାନକ ସିଦ୍ଧାନ୍ତ ବାହାର କରିଛନ୍ତି ଯେ, ପ୍ରାୟ ଅଢ଼େଇ ହଜାର ବର୍ଷ ପୂର୍ବେ ଏକ ଉଚ୍ଚ ତୀବ୍ରତାର ଭୂମିକମ୍ପ ଗଙ୍ଗା ମୁହାଣକୁ ୧୮୦ କିଲୋମିଟର ପର୍ଯ୍ୟନ୍ତ ଉଡ଼ାଇ ଦେଇଥିଲା, ଭବିଷ୍ୟତରେ ପୁଣି ଥରେ ସମାନ ଘଟଣା ଘଟିପାରେ। ପୃଥିବୀ ଭିତର କମ୍ପନ ଅନେକ ଥର ନଦୀର ଗତିପଥ ବଦଳାଇ ଦେଇଛି। ନଦୀ ବେଳେବେଳେ ଏହାର ମୂଳ ସ୍ଥାନଠାରୁ ମାଇଲ ଦୂରକୁ ଚାଲିଯାଇଛି । ଏହା କେବଳ ଉପକୂଳବର୍ତ୍ତୀ ସହର ଓ ମହାନଗର ନିର୍ମାଣକୁ ନଷ୍ଟ କରେ ନାହିଁ, ବରଂ ଏକ ବିଶାଳ ଅଞ୍ଚଳର ଚାଷ ଜମିକୁ ମଧ୍ୟ ଜଳମଗ୍ନ କରିଦିଏ। ସବୁଠାରୁ ମାରାତ୍ମକ ଓ ବିନାଶକାରୀ ରୂପରେ ଭୂମିକମ୍ପ ସଡ଼କ ଓ ରାଜପଥକୁ ଭାଙ୍ଗି ସମଗ୍ର ଦୃଶ୍ୟକୁ ବଦଳାଇ ନୂତନ ହ୍ରଦ ସୃଷ୍ଟି କରିପାରେ।

ପୃଥିବୀରେ ୨,୫୦୦ରୁ ଅଧିକ ସ୍ଥାନ ଅଛି ଯେଉଁଠାରେ ସକ୍ରିୟ ବିପଦ ଉପରେ ନଦୀ ପ୍ରବାହିତ ହୁଏ । ଏହା ଏକ ବିପଦପୂର୍ଣ୍ଣ ପରିସ୍ଥିତି। ନଦୀ ଓ ଭୂମିକମ୍ପ କ୍ଷେତ୍ରରେ ପୃଥିବୀ ପୃଷ୍ଠର ପରସ୍ପର ପ୍ରତିକ୍ରିୟାକୁ ଅଧ୍ୟୟନ କରି ଭବିଷ୍ୟତର ପରିବର୍ତ୍ତନକୁ ଅଧିକ ସ୍ପଷ୍ଟ ଭାବରେ ଜାଣିହେବ । ୧୮୩୩ ମସିହାରେ ଯେତେବେଳେ କୁମାଓଁ ଅଞ୍ଚଳରେ ଏକ ବଡ଼ ଧରଣର ଭୂମିକମ୍ପ ହୋଇଥିଲା, ସେତେବେଳେ କୋସି ନଦୀ ପୂର୍ବ ପରିବର୍ତ୍ତେ ଦକ୍ଷିଣ ଦିଗକୁ ପ୍ରବାହିତ ହେବାକୁ ଲାଗିଲା । ବନ୍ୟା ଯୋଗୁଁ ଏକ ଲକ୍ଷରୁ ଅଧିକ ଲୋକ ବିସ୍ଥାପିତ ହୋଇଥିଲେ। ସେହିପରି ୧୫୫୬ ମସିହାରେ ଚୀନ୍‌ର ଶାନ୍ସି ପ୍ରଦେଶରେ ହୋଇଥିବା ଗ୍ରେଟ୍ ଜେନ୍ସେଇ ଭୂମିକମ୍ପ ହଜାର ହଜାର ଲୋକଙ୍କ ଜୀବନ ନେଇ ୟେଲୋ ନଦୀ ଗତିପଥ ବଦଳିବା ପରେ ଏକ ବିଶାଳ ଚାଷ ଜମି ଜଳମଗ୍ନ ହୋଇଥିଲା ଏବଂ ନଦୀ ୩୦୦ ମାଇଲ୍ ଦକ୍ଷିଣରେ ହୁଆଇହୋ ନଦୀରେ ପରିଣତ ହୋଇଥିଲା।

ଜଳବାୟୁ ପରିବର୍ତ୍ତନ ସମୁଦ୍ର ପତ୍ତନକୁ ପ୍ରଭାବିତ କରୁଥିବାରୁ ନଦୀ ପ୍ରଣାଳୀରେ ଭୂମିକମ୍ପ ଜନିତ ବିପର୍ଯ୍ୟୟଜନକ ପରିବର୍ତ୍ତନକୁ ବୁଝିବା ଅପରିହାର୍ଯ୍ୟ ହୋଇପଡିଛି । ପୃଥିବୀ କ୍ରମାଗତ ଭାବରେ ଥରିବାରେ ଲାଗିଛି । ପାହାଡ଼ରେ ଫାଟ ସୃଷ୍ଟି ହୋଇଛି। ବିଶେଷକରି ଗତିପଥ ଓ ପ୍ରବାହରେ ପରିବର୍ତ୍ତନ ପ୍ରତି ନଦୀଗୁଡ଼ିକ ସମ୍ବେଦନଶୀଳ। ଭୂମିକମ୍ପ ଯୋଗୁଁ ନଦୀର ଗତିପଥ ବଦଳିବା ସହ ସମ୍ପତ୍ତି, କୃଷି ଓ ଭିତ୍ତିଭୂମିର ବ୍ୟାପକ କ୍ଷୟକ୍ଷତି ହୋଇଥାଏ । ନିକଟରେ ବିଶେଷଜ୍ଞଙ୍କ ଏକ ଦଳ ସାଟେଲାଇଟ୍ ଫଟୋ ବ୍ୟବହାର କରି ଢାକାଠାରୁ ଶହେ କିଲୋମିଟର ଦକ୍ଷିଣରେ ଥିବା ନଦୀର ପୁରୁଣା ସ୍ରୋତକୁ ଖୋଜିବାହାର କରିବାକୁ ଚେଷ୍ଟା କରିଥିଲେ , ସେହି ଅଞ୍ଚଳରେ ଭୂକମ୍ପ ସଙ୍କେତ ଚିହ୍ନ ଦେଖିବାକୁ ମିଳିଥିଲା। ଏହି ଅଞ୍ଚଳ ଗଙ୍ଗା ଓ ବ୍ରହ୍ମପୁତ୍ର ନଦୀ ନିକଟରେ ଥିବାରୁ ବାରମ୍ବାର ଭୂମିକମ୍ପ ଅନୁଭୂତ ହେଉଛି। ଉଚ୍ଚ ତୀବ୍ରତାର ଭୂମିକମ୍ପ ନଦୀ ପ୍ରବାହକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇପାରେ। କୃତ୍ରିମ ଜଳଭଣ୍ଡାର ଏବଂ ମାନବ ନିର୍ମିତ ଡ୍ୟାମ୍ ଯୋଗୁଁ ମଧ୍ୟ ଭୂମିକମ୍ପ ହୋଇପାରେ ବୋଲି ଅନେକ ଅଧ୍ୟୟନରୁ ଜଣାପଡିଛି । ସମଗ୍ର ବିଶ୍ୱରେ ୯୦ରୁ ଅଧିକ ସ୍ଥାନ ଚିହ୍ନଟ କରାଯାଇଛି ଯେଉଁଠାରେ ଭୂକମ୍ପ ସୃଷ୍ଟି କରିବା ପାଇଁ ଜଳଭଣ୍ଡାର ଉତ୍ତରଦାୟୀ ହୋଇଥାଏ । ଲାଟୁର ଭୂମିକମ୍ପର କାରଣ ହୋଇପାରେ ଭାରତର କିଲାରୀ ଜଳଭଣ୍ଡାର । କୋୟନା ଭୂମିକମ୍ପ ହେଉଛି ସବୁଠାରୁ ବଡ଼ ଏବଂ ସବୁଠାରୁ ଭୟଙ୍କର ଜଳଭଣ୍ଡାର ଜନିତ ଭୂମିକମ୍ପ । ହିମାଳୟ ପାଦଦେଶରେ ଥିବା ୨୬୦ ମିଟର ଉଚ୍ଚ ତେହରି ଡ୍ୟାମକୁ ନେଇ ପ୍ରଶ୍ନ ଉଠିଛି ଏବଂ ଭୂମିକମ୍ପ ପ୍ରତିରୋଧକ କ୍ଷମତା ଜାଣିବା ପାଇଁ ଏହାର 'ଡିଜାଇନ୍' ମାନଦଣ୍ଡ ଉପରେ ପ୍ରଶ୍ନ ଉଠିଛି। ୨୦୦୮ ମେ ମାସରେ ସିଚୁଆନର ଜିପିଙ୍ଗୁ ଡ୍ୟାମ୍ ନିର୍ମାଣ ଯୋଗୁଁ ୭.୯ ତୀବ୍ରତାର ଭୂମିକମ୍ପରେ ୮୦,୦୦୦ ଲୋକ ପ୍ରାଣ ହରାଇଥିଲେ। ଜଳଭଣ୍ଡାରର ଗଭୀରତା ଏବଂ ଜଳର ପରିମାଣ ଭୂମିକମ୍ପ ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ହିମାଳୟ, ଦକ୍ଷିଣ–ପଶ୍ଚିମ ଚୀନ୍, ଇରାନ୍, ତୁର୍କୀ ଓ ଚିଲି ସମେତ ଭୂକମ୍ପ ଜନିତ ସକ୍ରିୟ ଅଞ୍ଚଳରେ ଅନେକ ଡ୍ୟାମ୍ ନିର୍ମାଣ କରାଯାଉଛି, ଯାହାକୁ ମଧ୍ୟ ବିରୋଧ କରାଯାଉଛି। ଏବେ ଗବେଷକଙ୍କ ଏକ ଟିମ୍ ଏଭଳି ଘଟଣାର ଏକ ମଡେଲ୍ ପ୍ରସ୍ତୁତ କରିଛନ୍ତି, ଯାହାର ବିପଦକୁ ଭଲ ଭାବେ ଆକଳନ କରାଯାଇପାରିବ। ସେମାନେ ବର୍ତ୍ତମାନର ତଥ୍ୟକୁ ଐତିହାସିକ ତଥ୍ୟ ସହିତ ତୁଳନା କରି ନଦୀର ଆଚରଣରେ ଅସଙ୍ଗତି, ଯେପରିକି ବଢୁଥିବା ମଇଳା, ଜଳସ୍ତରରେ ଅସ୍ଥିରତା, ପ୍ରବାହ ହାରରେ ଅସ୍ଥିରତା, ତଳ ଭାରରେ ବାଧା ଇତ୍ୟାଦି ଚିହ୍ନଟ କରନ୍ତି । ଭୂକମ୍ପର ଗତିବିଧି ଓ ନଦୀ ପ୍ରବାହ ଉପରେ ତୀକ୍ଷ୍ଣ ନଜର ରଖି ବୈଜ୍ଞାନିକମାନେ ବିଶ୍ୱର ଅନେକ ବିପଦପୂର୍ଣ୍ଣ ଅଞ୍ଚଳକୁ ଚିହ୍ନଟ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି। ସବୁ କିଛି ସତ୍ତ୍ୱେ କୌଣସି ମୁହୂର୍ତ୍ତରେ ଭୂମିକମ୍ପର ପ୍ରକୃତ ମାନଦଣ୍ଡ କିମ୍ବା ନଦୀର ପ୍ରବାହର ପୂର୍ବାନୁମାନ କରିବା ଅସମ୍ଭବ । ମନୁଷ୍ୟ ଜନିତ ଭୂମିକମ୍ପର ବାରମ୍ବାର ତାପମାତ୍ରା ଓ ତୀବ୍ରତା ବୃଦ୍ଧି ପାଉଥିବାରୁ ଗବେଷକମାନେ ଭୂପୃଷ୍ଠ ଜଳ ଓ ଭୂତଳ ଜଳ ଉପରେ ଏହାର ପ୍ରଭାବ ଅନୁସନ୍ଧାନ କରୁଛନ୍ତି। ପାଞ୍ଚ ଦଶନ୍ଧିର ସାଟେଲାଇଟ୍ ଚିତ୍ର ପରେ ହଠାତ୍ କେଉଁଠି ଓ କାହିଁକି ନଦୀଗୁଡ଼ିକର ଗତିପଥ ବଦଳିଯାଏ ସେ ନେଇ ଗବେଷକମାନେ ଏକ ନୂତନ ଗବେଷଣାରେ ନୂଆ ସୂତ୍ର ପାଇଛନ୍ତି। ଏ ଦିଗରେ ନିରନ୍ତର ପ୍ରୟାସ ସତ୍ତ୍ୱେ ନଦୀ ସ୍ଥାନାନ୍ତର ସମ୍ପର୍କିତ ସମୁଦାୟ ତଥ୍ୟ ଏବେ ବି ପର୍ଯ୍ୟାପ୍ତ ନୁହେଁ ବୋଲି ବିବେଚନା କରାଯାଉଛି। ଜଳବାୟୁ ପରିବର୍ତ୍ତନ ମଧ୍ୟ ଭୟଙ୍କର ବନ୍ୟା ସୃଷ୍ଟି କରିପାରେ ଏବଂ ସମୁଦ୍ର ପତ୍ତନ ଓ ନଦୀ ମୁହାଣକୁ ପଛକୁ ଠେଲି ଦେଇପାରେ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**

# ପରିପୂର୍ଣ୍ଣତା



ଅଧ୍ୟାପିକା ବସନ୍ତ ମଞ୍ଜରୀ ମିଶ୍ର



ଲାଇବ୍ରେରୀରେ କିଛି ଘଣ୍ଟା କଟେଇଦେଲେ ଭାରି ହାଲୁକା ଲାଗେ । ଅନିଲ ବାବୁଙ୍କର ମନଟା ସତରେ ତିନି ଦିନ ହେଲାଣି ବିଭୁତି ପଟ୍ଟନାୟକଙ୍କ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ, ମହିଷାସୁରର ମୁହଁ ବହିଟି ପଢୁଛନ୍ତି ଯେ ସାରି ପାରି ନାହାନ୍ତି । ଆଜି ଯେମିତି ହେଲେ ସାରିବେ । ହଠାତ୍ ବହି ଭିତରୁ ପାଇଲେ ଚାରି ଭାଙ୍ଗ ହୋଇଥିବା ଖଣ୍ଡେ କାଗଜ । ସମୟର ଚାପରେ ହେଉ ଅବା ପରିସ୍ଥିତିର ବଶବର୍ତ୍ତୀ ହୋଇ କାଗଜଟି ମଳିନ ପଡିଯାଇଥିଲା ।

ତାହା ଥିଲା ଗୋଟିଏ ତାଲିକା । ସକାଳୁ ଶୀଘ୍ର ଉଠିବା, ଚ୍ୟବନ୍‌ପ୍ରାସ୍, ଗଜା ମୁଗ ଓ ଭିଜା ବାଦାମ୍ ଖାଇବା ଠାରୁ ଆରମ୍ଭ କରି ଶୀଘ୍ର ଶୋଇ ଶୀଘ୍ର ଉଠିବା ପର୍ଯ୍ୟନ୍ତ ଦୈନିକ ଦିନଚର୍ଯ୍ୟାର ନିର୍ଦ୍ଦେଶ ଦେଇଥିଲା କେହି ଜଣେ । କିଏ ସେ ?

ହଠାତ୍ ଅନ୍ୟ ମନସ୍କ ହୋଇଗଲେ ଅନିଲ ବାବୁ । ସ୍ମୃତିର ଆଇନାରେ ଜଳ ଜଳ କରି ଦେଖାଗଲା ସେଇ ଆଖି ଦୁଇଟି । ନା....ନା..... ସେ ତାଙ୍କ ପ୍ରେମିକା ନଥିଲା । ତାହାଲେ କିଏ ସେ, କ'ଣ ଥିଲା ତାଙ୍କର ସମ୍ପର୍କ । କିନ୍ତୁ ତା କଥା ଭାବୁ ଭାବୁ ମନେ ପଡିଗଲା ଗାଁ ଆମ୍ବ ତୋଟା, ଆଉ ରଜ ଦୋଳିର ମଜା । ସେଦିନ କଞ୍ଚା ଆମ୍ବରେ ଲୁଣ ଲଙ୍କା ଗୁଣ୍ଡ ଲଗେଇ କଡ଼କଡ଼ କରି ଚୋବାଉ ଚୋବାଉ ଅନିଲ, ଅସୀମାକୁ କହିଲା, ଏଇ ଆମ୍ବ ଗୁଡା ଭାରି ମିଠା, ସେଇ ଆମ୍ବ ଠାରୁ ଜିଭକୁ ବାହାରକୁ କାଢି ସୁ ସୁ ହଉ ହଉ ଅସୀମା କହିଲା, ଚାଲ ଯିବା ଏଥର ବୋଉ ଖୋଜିବଣି ମୋତେ ।

ନିପଟ ମଫସଲି ଝିଅ ଟିଏ ଅସୀମା । ହେଲେ କଥାରେ କାମରେ ଭାରି ବିଚକ୍ଷଣ । ପାଠ ପଢ଼ା ସହ ଘର କାମରେ ବି ଖୁବ୍ ନିପୁଣ । ବୋଉର ସବୁ କାମରେ ହାତ ମିଶେଇ ଚୁଟ୍‌କୀରେ ସମ୍ପନ୍ନ କରିବା କଳା ତାକୁ ଭଲ ଭାବରେ ଜଣାଥିଲା ।

ବାପା ବୋଉ ଜେଜେମା' ସମସ୍ତଙ୍କ ଆଖିର ତାର ଥିଲା ସେ । ଗାଁର ପିଲା ଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କର ସେ ଥିଲା ଅତି ପ୍ରିୟ । ଖୁଦୁରୁକୁଣୀ ଓଷାରେ କଇଁ ଫୁଲ ତୋଳିବା ଠାରୁ ଆରମ୍ଭ କରି ଗଣେଶ ପୂଜା ଚାନ୍ଦା ସଂଗ୍ରହ କରିବା ପର୍ଯ୍ୟନ୍ତ ସବୁ କାମ ଅନାୟାସରେ କରି ଦଉଥିଲା ସେ, ଆଉ ସେଇଥିପାଇଁ ବୋଧେ ଗାଁର ସଭିଙ୍କର ପ୍ରିୟ ଥିଲା ସେ ।

ସେଦିନ ତ ପ୍ରିୟ ସାଙ୍ଗ ଅନିଲ, ଅନ୍ଧାରରେ ଠିଆ ହୋଇ ବିଡି ଟାଣୁଥିବାର ଦେଖି ତା ମୁଣ୍ଡକୁ ପିତ ଚଢ଼ିଗଲା । ଦୌଡ଼ି ଯାଇ ତା ହାତରୁ ବିଡି ଛଡେଇ ଆଣି ତଳେ ବାଲିରେ ପକାଇ ଚକଟି ପକେଇ କହିଲା, କ'ଣ କିରେ... ଆଜିକାଲି ସହରିଆଙ୍କ ଭଳି ବିଡି ଟାଣିଲୁଣି ରହ, କହିବି ତୋ ବାପାଙ୍କୁ । ରାଗ ଗର ଗର ହୋଇ ଅନିଲ କହିଲା, ତୋର କଣ ଗଲା ? ମୋ ଇଚ୍ଛା । ଆଜି କ'ଣ ହୋଇଛି କି .... ଏମିତି ଜବାବ୍ ଦେଉଛୁ ମୋତେ ପାଖକୁ ଲାଗି ଆସି କହିଲା ଅସୀମା ।

କାହିଁକି ଆଠ ଦିନ ହେଲା କୁଆଡେ ଯାଇଥିଲୁ କି ? ଆଜି ଭଣ୍ଡାରୀ ଦେଖିଲେ ନଖ କଅଁଳୁଛି । ବୁଝେଇବାକୁ ଯାଇ କହିଥିଲା ଅସୀମା, ଶୁଣ ଅନିଲ, ମୋତେ ରାଗିବୁନି । ମୋର କେତେ କାମ ଜାଣିଛୁ । ଦେଖ ଅନିଲ .... ତୁ ମାନେ କି ନ ମାନେ କିନ୍ତୁ ତୁ ମୋର ଜଣେ ଭଲ ସାଙ୍ଗ ହିସାବରେ ତୋତେ ସଚେତନ କରେଇବା ନିହାତି ଆବଶ୍ୟକ । ନିଜର ତ୍ୟାଗ ଓ ସମର୍ପଣର ଭାବ ଯୋଗୁଁ ଦିନକୁ ଦିନ ଅସୀମା ସମସ୍ତଙ୍କର ପ୍ରିୟ ହୋଇଯାଉଥିଲା । ଦେଖିବାକୁ ଯଦିଓ ଏତେ ସୁନ୍ଦର ନଥିଲା ମନଟା କିନ୍ତୁ ଥିଲା ଖୁବ୍ ସୁନ୍ଦର ।

ବେଳେବେଳେ ଗାଁ ମୁଣ୍ଡ ଗ୍ରାମଦେବତୀଙ୍କ ପାଖରେ ଗୁହାରି କରି କହୁଥିଲା ଅସୀମା, ମା'ଲୋ, ତୋ ପଣତ କାନିରେ ଘୋଡେଇ ରଖିଥା ସମସ୍ତଙ୍କୁ । କିନ୍ତୁ ନିଜ ପାଇଁ କେବେ କିଛି ମାଗୁ ନଥିଲା । ସର୍ବଦା ଅନ୍ୟ ପାଇଁ ଉତ୍ସର୍ଗୀକୃତ ଥିଲା ତାର ପ୍ରତିଟି ପ୍ରାର୍ଥନା ।

ଧୀରେ ଧୀରେ କିନ୍ତୁ ସମୟ ଓ ପରିସ୍ଥିତିର ଡାକରାରେ ଅନିଲ ଓ ଅସୀମାଙ୍କ ବନ୍ଧୁତ୍ୱରେ ଦୂରତ୍ୱ ଆସିଗଲା । ଗାଁ ସ୍କୁଲ୍‌ରୁ ପାଠ ପଢ଼ା ସାରିବା ପରେ ଦୁହେଁ ପରସ୍ପର ଠାରୁ ବହୁତ ଦୂରକୁ ଚାଲି ଯାଇଥିଲେ । ସବୁ ପିଲାଳିଆମୀ ବଦଳି ଯାଇଥିଲା ଦାୟିତ୍ୱର ଆହ୍ୱାନରେ ।

ପାଠପଢ଼ା ଆଉ ଚାକିରି ପାଇଁ ଅନିଲ ବିଦେଶ ଚାଲିଯାଇଥିଲା । ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ ଏମିତି ଛନ୍ଦି ହୋଇଯାଇଥିଲା ଯେ ଚାହିଁକି ବି ସେଥିରୁ ମୁକୁଳି ପାରୁନଥିଲା । ପୁରା ଜୀବନ ଚାଲିଗଲା ରୋଜଗାର ଆଉ ଖର୍ଚ୍ଚ କରିବାର ଗୋଲକ ଧନ୍ଦା ଭିତରେ । ସଂସାର ଜଞ୍ଜାଳ ଭିତରେ ବୁଡି ରହି ଭୁଲିଗଲା ପ୍ରିୟ ବାନ୍ଧବୀ ଅସୀମାକୁ । ଆଜି ଏତେ ବର୍ଷ ପରେ ବହି ଭିତରୁ ଅସୀମାର ହାତ ଲେଖା ସେଇ କାଗଜ ଖଣ୍ଡିକ ତାକୁ ବ୍ୟତିବ୍ୟସ୍ତ କରିପକେଇଲା ।

ଚାକିରିରୁ ଅବସର ନେବା ପରେ ଖୁବ୍ ଏକୁଟିଆ ହୋଇଯାଇଥିଲା ସେ । କାରଣ ପତ୍ନୀ ଆରତୀଙ୍କର ଦେହାନ୍ତ ହୋଇଯାଇଥିଲା ଆଉ ସାରା ଜୀବନ ଯେଉଁ ପିଲାମାନଙ୍କ ପାଇଁ ଏତେ ବ୍ୟସ୍ତ ରହୁଥିଲା, ସେମାନେ ଡେଣା ପାଇ ଉଡି ଯାଇଥିଲେ ନିଜ ଗନ୍ତବ୍ୟ ପଥରେ । ତାଛଡା ବୟସ ବଢିବା ସହିତ ବିଭିନ୍ନ ରୋଗ ମାନଙ୍କର ଚରାଭୂଇଁ ପାଲଟି ଯାଇଥିଲା ଶରୀରଟା । ବେଳେବେଳେ ଅନିଲ ଭାବୁଥିଲା, ଯେଉଁ ଧନ ରୋଜଗାର କରିବାକୁ ସାରା ଜୀବନ ସଂଘର୍ଷ କରିବାକୁ ପଡେ, ଜୀବନର ଶେଷ ଅବସ୍ଥାରେ ସେଇ ଧନର ଅର୍ଦ୍ଧେକ ଡାକ୍ତରଙ୍କୁ ଦେବାକୁ ପଡେ । ଆଉ ସେଇ ଧନ ଧୀରେ ଧୀରେ ମୂଲ୍ୟହୀନ ହୋଇପଡେ ନିଜ ପାଇଁ । ତଥାପି ମଣିଷ ସବୁ ସମ୍ପର୍କକୁ ଭୁଲି ପାଗଳଙ୍କ ଭଳି ଧନ ରୋଜଗାର ନିଶାରେ ନିଜକୁ ବି ଭୁଲିଯାଏ । ଏଟା ଖାଇବନି ସେଟା ଖାଇବନି, ଗଦିରେ ଶୋଇବନି, ଓଜନିଆ ପୋଷାକ ପିନ୍ଧିବନି.... ଏସବୁ ନିୟମ କାନୁନ୍ ମାନୁ ମାନୁ ଆପେ ଆପେ ଚାଲି ଆସିଥିଲା ଅସୀମାର ସ୍ମୃତି । ଦିନ ଥିଲା ଅସୀମା ତାକୁ ପ୍ରତ୍ୟେକ କଥାରେ ଏମିତି ତାଗିଦ୍ କରୁଥିଲା । ବିନା ମତ୍‌ଲବ୍‌ରେ ପରସ୍ପର ପରସ୍ପରକୁ ଖୁବ୍ ଭଲ ପାଉଥିଲେ । ବେଳେ ବେଳେ ତ ସେ ଅସୀମାକୁ କହୁଥିଲା, କେବେ ଟିକେ ନିଜ କଥା ଭାବେ... ଅସୀମା ସବୁବେଳେ ଅନ୍ୟମାନଙ୍କ ପାଇଁ ଚିନ୍ତା କରୁଛୁ ।

ଫିକ୍ କରି ହସି ଦେଇ ଅସୀମା କହୁଥିଲା, ଆରେ ନା ନା...... ତୁ ମୋର ବହୁତ ଭଲ ସାଙ୍ଗ ବୋଲି କହୁଛି ନା ... ସ୍ୱାସ୍ଥ୍ୟ ହିଁ ସମ୍ପଦ ଆଉ ମୁଁ ଚାହେଁ ମୋ ପ୍ରିୟ ସାଙ୍ଗ ସବୁବେଳେ ସୁସ୍ଥ ଆଉ କର୍ମଠ ରହୁ ।

ଆଜି କାହିଁକି ଅନିଲର ଖୁବ୍ ମନେ ପଡୁଥିଲା ଅସୀମାର ସ୍ମୃତି । କେଉଁଠି ଅଛି କେମିତି ଅଛି ଜାଣିବାକୁ ବି ଚେଷ୍ଟା କରି ନଥିଲା ଅନିଲ ନିଜ ବ୍ୟକ୍ତିଗତ ଜୀବନରେ ବୁଡି ରହି ।

ହଠାତ୍ ବ୍ୟସ୍ତ ବିବ୍ରତ ଲାଗିଲା ଅନିଲକୁ । ଗାଁକୁ ବାହାରିଲା ସେ ଅସୀମାର ଠିକଣା ଖୋଜିବାକୁ । ଗାଁ ଲୋକଙ୍କ ପାଇଁ କିଛି କରିବାର ସ୍ୱପ୍ନ ନେଇ । ଗାଁରେ ଛୋଟ ସ୍କୁଲ୍‌ଟିଏ ଖୋଲିଥିଲା ଅସୀମା । ସ୍କୁଲ୍‌ରେ ପହଞ୍ଚି ଅସୀମାକୁ ଦେଖି ଖୁବ୍ ଖୁସି ହୋଇଯାଇଥିଲା ଅନିଲ ।

ଚିରାଚରିତ ଢଙ୍ଗରେ ମୁରୁକି ହସି ଅସୀମା ପଚାରିଥିଲା, କେମିତି ଅଛ ଅନିଲ ? ସବୁ ଠିକ୍‌ଠାକ୍ ତ !

ଅନିଲ କିଛି କହିବା ପୂର୍ବରୁ ଭାବୁଥିଲା, କେତେ ଉଦାରଶୀଳ ଏଇ ଅସୀମା । ସେଦିନ ଯେମିତି ଥିଲା ଆଜି ବି ଠିକ୍ ସେମିତି । ସେଇ ହସ ଆଉ ସେଇ ଚାହାଣି । ଅସୀମାର ମଥାରେ ଥିବା ଛୋଟ ସିନ୍ଦୁର ଟୋପାରୁ ଜଣାପଡୁଥିଲା ସେ ବିବାହିତା । ଆଉ ତା ଓଠରେ ଉକୁଟି ଥିବା ସେଇ ଅମଳିନ ହସ ହିଁ ଥିଲା ତା ସୁଖୀ ଜୀବନର ଦସ୍ତଖତ ।

ଏତେ ଧନ ରୋଜଗାର କରି, ଏତେ ବିଳାସ ବ୍ୟସନରେ ବୁଡି ରହି ମଧ୍ୟ କେମିତି ଗୋଟେ ଶୂନ୍ୟତା ଭରି ରହିଥିଲା ଅନିଲ ଭିତରେ । କିନ୍ତୁ ଅସୀମା ଏତେ ଖୁସି ରହୁଥିଲା କେମିତି...

ଆଜିବି ଠିକ୍ ଚାଳିଶ ବର୍ଷ ତଳର ସେଇ ହସ ଆଉ ଚାହାଣି ଅଳ୍ପରେ ସନ୍ତୁଷ୍ଟ ହୋଇ ଅନ୍ୟ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ଜୀବନର ଯେଉଁ ମୂଲ୍ୟବୋଧ ଅସୀମା ଶିଖିଯାଇଥିଲା, ନାଁ, ଯଶ ପ୍ରତିପତ୍ତି ଥାଇବି ଅନିଲ ସେଥିରୁ ବଞ୍ଚିତ ହୋଇଯାଇଥିଲା, ତାର ଅଧିକରୁ ଅଧିକ ପାଇବାର ଲାଳସା ଯୋଗୁଁ ।

ବିଦେଶରେ ରହି ଉଚ୍ଚ ଶିକ୍ଷା ଲାଭ କରିଥିବା ଅନିଲ ନିଜେ ଛୋଟ ହୋଇଯାଇଥିଲା ନିଜ ବାନ୍ଧବୀ ଅସୀମାର ବିଶାଳ ହୃଦୟ ନିକଟରେ । ଧନ ଯଶ ପ୍ରତିପତ୍ତି ନୁହେଁ ବରଂ ଅନ୍ୟ ପାଇଁ ଜୀବନକୁ ଉତ୍ସର୍ଗ କରିପାରିଲେ ହିଁ ମିଳେ ପରିପୂର୍ଣ୍ଣତା ଲାଳସା ନୁହେଁ ସନ୍ତୁଷ୍ଟି ହିଁ ସଫଳତାର ବୀଜ ମନ୍ତ୍ର ।

*ତାଳଚେର ଥର୍ମାଲ*

*ଫୋନ-୯୮୬୧୧୯୨୪୪୫*

## ପାଇଛୁ... ପଢ଼ିଛୁ...

### ଅପରୂପ ଶ୍ରୀଜଗନ୍ନାଥ



ପୀତବାସ ରାଉତରାୟଙ୍କ ସଂପାଦନାରେ ପ୍ରକାଶ ପାଇଛି ଜଗନ୍ନାଥ ଏବଂ ଜଗନ୍ନାଥ ପ୍ରେମୀଙ୍କ ଭକ୍ତି ବିହ୍ୱଳ ଭାବ ସମନ୍ୱିତ ପୁସ୍ତକ 'ଅପରୂପ ଜଗନ୍ନାଥ'। ଏହି ସିରିଜର ଏହା ତେଇଶତମ ପୁସ୍ତକ। ବାଇଶ ପାହାଚ ପରେ ଆଉ ସାତ ପାହାଚ ପାଇଁ ସମର୍ପିତ ପୁସ୍ତକର ଏହା ଅୟମାରମ୍ଭ। ଏହି ପୁସ୍ତକର ନାମକରଣ ଠାରୁ ତାର ପ୍ରତିଟି ବିଭାଗ ବିଷୟରେ ଜାଣିବା ପାଇଁ ମନରେ ଉତ୍କଣ୍ଠା ଜାଗିଥାଏ। ପ୍ରତ୍ୟେକଥର ସଂପାଦକ ପୀତବାସ ରାଉତରାୟ ପୁସ୍ତକର ନାମ 'ଅ'ଅକ୍ଷରରେ ଆରମ୍ଭ କରି ନାମକରଣ କରିଥାନ୍ତି । ଏହି ନାମ ଗୁଡିକ ଯେମିତି ଜଗନ୍ନାଥଙ୍କ ଦ୍ୱାରା ପ୍ରେରିତ ହୋଇ ଆସିଥାଏ। ପୁସ୍ତକଟି ବିଶିଷ୍ଟ ଲେଖକଙ୍କ ଜଗନ୍ନାଥଙ୍କୁ ନେଇ ଭିନ୍ନ ଭିନ୍ନ ଅନୁଭୂତିର ସୁନ୍ଦର ଭାବ, ଭାଷା, ଚିତ୍ରଣରେ ଭରପୁର। ଏଥିରେ ବିଭିନ୍ନ ବିଭାଗ ଦ୍ୱାରା ଲେଖା ସବୁକୁ ନାମିତ କରାଯାଇଛି ଯାହା ପାଠକଙ୍କୁ ପଢିବାକୁ ସୁବିଧା ହେବ। ଯେପରି-ପ୍ରଚ୍ଛଦ ପ୍ରସଙ୍ଗ, ସ୍ମୃତି ନିବେଦନ, ନୂଆ ଦିଗ୍‌ଦର୍ଶନ, ସାକ୍ଷାତକାର ସମ୍ଭାଷଣ, ଶ୍ରୀମନ୍ଦିର ପ୍ରଶାସକଙ୍କ ବୟାନ, ପ୍ରାକ୍ତନ ପ୍ରଶାସକଙ୍କୁ ପ୍ରଣାମ, ଉତ୍ତରାଖଣ୍ଡର ଅପୂର୍ବ ଦର୍ଶନ, ସ୍ମୃତି ନିବେଦନ, ପୁରସ୍କୃତ ପ୍ରତିଭାଙ୍କ ବୟାନ, ତିନି ସଂପାଦକଙ୍କ କଥନ, ପ୍ରବନ୍ଧେ ପୁରୁଷୋତ୍ତମ( ୧ ), ସାତ ପାହାଚର ସାତୋଟି ଅପୂର୍ବ ସ୍ପନ୍ଦନ, ମହାପ୍ରସାଦର ମହିମା ମହାନ, ପତ୍ରେ ନିବେଦନ, ଅନ୍ୟ ଗ୍ରନ୍ଥରେ ଶ୍ରୀଜଗନ୍ନାଥ ଚିନ୍ତନ, ପ୍ରବନ୍ଧେ ପୁରୁଷୋତ୍ତମ( ୨ ), ଅନନ୍ୟ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ, ଭକ୍ତଙ୍କ ପୀଠ ଦର୍ଶନ, ଚିତ୍ରଶିଳ୍ପୀଙ୍କ ଚିତ୍ରେ ନିବେଦନ, ଗପ ହେଲେ ବି ସତ୍ୟ କଥନ, ପୁରସ୍କୃତ ଗାଳ୍ପିକଙ୍କ ଗଳ୍ପ ଚୟନ, ଶ୍ରୀଜଗନ୍ନାଥଙ୍କୁ ନେଇ ସ୍ତୁତିଚାରଣ, ପରିକ୍ରମାମାର୍ଗ ଦର୍ଶନ, ବଙ୍ଗଳା ପୁସ୍ତକରେ ଶ୍ରୀଜଗନ୍ନାଥ କଥନ, ଶ୍ରୀଜଗନ୍ନାଥଙ୍କୁ ଦଶ ସୁମନ, ଘୋଷଯାତ୍ରା ସମୟର ସ୍ମୃତିଚାରଣ, ବାଇଶି ପାହାଚର ବାଇଶିଟି ଅନ୍ତରଙ୍ଗ ବୟାନ, ଶ୍ରୀକ୍ଷେତ୍ର ପରିକ୍ରମା, ଶ୍ରୀକ୍ଷେତ୍ରରେ ଥିବା ମୁଖ୍ୟ ଆଶ୍ରମ, ସେବକ ଦର୍ପଣ, ଶ୍ରୀକ୍ଷେତ୍ରେ ତୀର୍ଥଜଳ ସିଞ୍ଚନ, ବୈଷ୍ଣବ ପରମ୍ପରାର ସ୍ପନ୍ଦନ, ଶ୍ରୀକ୍ଷେତ୍ରେ ହନୁମାନ, ଶ୍ରୀକ୍ଷେତ୍ରେ ମହାଦେବ ଦର୍ଶନ ଏବଂ ଶ୍ରୀକ୍ଷେତ୍ରେ ଅବସ୍ଥିତ ଦେବୀଙ୍କୁ ପ୍ରଣାମ ପ୍ରଭୃତି। ପ୍ରତିଟି ବିଭାଗ ସୁନ୍ଦର ଭାବେ ସଂପାଦିତ ହୋଇଛି । ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ଏହି ପୁସ୍ତକଟି ପାଠକଙ୍କ ନିକଟରେ ବିଶେଷ ଆଦରଲାଭ କରିବ ଏଥିରେ ସନ୍ଦେହ ନାହିଁ।

## କୋଲପ ପଡିଛି ଦୁଆର

*ନୃସିଂହ ଷଡ଼ଙ୍ଗୀ*

ଅଶ୍ରୁ ହେଉ ବା ଅନଳ, ଆଉ କିଛି ବାକି ଅଛିକି ?
ରୌଦ୍ର ହେଉ ବା ରୁଦ୍ରାକ୍ଷ ପାରିନାହିଁ ମତେ ଜିତିକି
ଅପୋଡା ପିଣ୍ଡର ଜୀବନ ସହେ ଯେତେ ଝାଂଜି ବତାସ,
ପ୍ରେମର ପୀଡାରେ ଜୀବନ ସରି ସରେ ନାହିଁ କାହିଁକି ?

ଆଉ ଫେରନାହିଁ ସହର କୋଲପ ପଡିଛି ଦୁଆର,
କାଠ ପାଷାଣ ଏ ଜୀବନ ଯେଉଁଠୁ ଫଗୁଣ ଫେରାର
ଏବେ ମୁଁ ଆସାମୀ ତୁମର ସମୟର ବଡ ଘାତକ,
ଫେରି ଚାହଁ ନାହିଁ ପଛକୁ ନୀରବି ଯାଇଛି ସହର

ବିଳମ୍ବିତ ରାତି ହଜିଛି ଚଇତି ପ୍ରଣୟ ପୀଠରେ,
କେବେଠୁଁ ସରିଛି ସଂପର୍କ ସଂଦେହ ସାପର ଚୋଟରେ,
କବିତାରେ ଏଠି ଗପର ଆସର କଲାଣି ସହର
କେତେବେଳେ ବାଟ ଭୁଲିଲେ ଝୁଣ୍ଟିପାର ମଝିଦୁଆରେ

ଆଉ ଲେଖିନାହିଁ ପତର ନୀଳଲଫାପାରେ ପଠେଇ,
ଏବେ ଏ ବୟସ ଲାଗୁଛି ନୀଳରଂଗ ଫିକା ଚଟେଇ ।



## ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ

*ଡ. ଚତୁର୍ଭୁଜ ଭୂୟାଁ*

ଯେତେଥର ତୋତେ ଦେଖେରେ କାଳିଆ
ଆଖି ରହିଯାଏ ଲାଖି,
ରତ୍ନବେଦୀ ପରେ ଭକ୍ତିରେ ଚାହିଁଲେ
ଦିଶେ ତୋର ଚକାଆଖି

ପୁଣ୍ୟ ବଡଦାଣ୍ଡୁ ଯେବେ ଚାହିଁଦିଏ
ଦିଶେ ନୀଳଚକ୍ର ନେତ,

ବଡଦାଣ୍ଡ ଧୂଳି ମୁଣ୍ଡେ ବୋଳିଦେଲେ
ଯୋଡିଯାଏ ବେନିହାତ

ପୁଣ୍ୟ ଶ୍ରୀକ୍ଷେତ୍ରର ଦିବ୍ୟ ଶ୍ରୀମନ୍ଦିରେ
ବିଜେ ପ୍ରଭୁ କୃପାସିନ୍ଧୁ,
ଭାଇ ଭଉଣୀଙ୍କୁ ସାଙ୍ଗରେ ଧରିଣ
ଢାଳୁଛ କରୁଣା-ସିନ୍ଧୁ

ଅରୁଣ ସ୍ତମ୍ଭକୁ ଶ୍ରଦ୍ଧାରେ ଛୁଇଁଲେ
ଅହଂର ହୁଏ ବିନାଶ,
ବାଇଶି ପାହଚେ ପାଦ ଥାପିଦେଲେ
ସର୍ବ ପାପ ତାପ ନାଶ

ତୋ ଗରୁଡସ୍ତମ୍ଭ ପଛରୁ ଦେଖୁଛି
ତୋ କଳା ଶ୍ରୀମୁଖ କାନ୍ତି,
ରତ୍ନ ସିଂହାସନେ ଦର୍ଶନ କରିଲେ
ମିଳେ ଭବ୍ୟ ଶାନ୍ତି ତୃପ୍ତି

ରତ୍ନ ସିଂହାସନ ଆଗରୁ ବାରୁଛି
ତୁଳସୀ ଚନ୍ଦନ ବାସ୍ନା,
ଆନନ୍ଦବଜାରେ ଅନ୍ତରେ ଜାଗଇ
ଶ୍ରୀମହାପ୍ରସାଦ ତୃଷ୍ଣା

ଭାବର ଠାକୁର ଭାବ ବିନୋଦିଆ
ଶୁଣ ଭକ୍ତର ଗୁହାରୀ,
ଆହେ ଦୀନବନ୍ଧୁ ଆହେ କୃପାସିନ୍ଧୁ
ଦିଅ କରୁଣାର ବାରି

ଜଗତର ନାଥ ପ୍ରଭୁ ଜଗନ୍ନାଥ
ପଦରେ କରେ ମିନତି,
ଶେଷେ ସ୍ୱର୍ଗଦ୍ୱାରେ ସ୍ଥାନଦିଅ ପ୍ରଭୁ
ପ୍ରାପ୍ତ ହେଉ ଗତି ମୁକ୍ତି ।

## ନିଶବ୍ଦ ରଜନୀ

*ଶରତ ଦାଶ*

ଏବେ ବି ନିଥର ନିଶବ୍ଦ ରଜନୀ
ବିତେ ସ୍ମୃତି ରୋମନ୍ଥନେ
ସେଦିନ କାହାଣୀ ସଜୀବ ହୁଅଇ
ମାନସର କେଉଁ କୋଣେ
ମନେପଡେ ଭାରି ଯେବେ ପ୍ରୀତିକରି
ବିତିଥିଲା ସୁସମୟ
କାହିଁ ଗଲା ହଜି ସେଇ ସୁଖରାଜି
ଭାବିଲେ ଉଠଇ କୋହ
ସମୟ ସ୍ରୋତରେ ଭାସିଯାଏ କେତେ
ପ୍ରୀତିସିକ୍ତ ଅନୁଭବ
ଯେତେ ଝୁରିଲେ ବି ଅତୀତକୁ ଆଉ
ଫେରିବା ନୁହେଁ ସମ୍ଭବ
ନିର୍ଜନ ବେଳାରେ ବସି ବେଳାପରେ
ଭାବନାରେ ଗଲେ ହଜି
ନୟନୁ ଲୋତକ ଝରିପଡେ ଧୀରେ
ବିଗତ ଦିନକୁ ଖୋଜି
ଥରେ ଖସିଗଲେ ସମୟ ହାତରୁ
ଆଉ ଦିଏ ନାହିଁ ଧରା
ଥରେ ପ୍ରଣୟରେ ଖସିଗଲେ ପାଦ
ସ୍ମୃତି ରହେ ଅପାଶୋରା

ଏବେ ବି ଝୁରୁଛି ତୋ ପ୍ରୀତି ସଖିରେ
ଏବେ ବି ଆକୁଳ ପ୍ରାଣ
ବାହୁର ବନ୍ଧନେ ବାନ୍ଧିବାକୁ ଇଚ୍ଛା
ହାରିଲେ ହାରି ବି ରଣ
ପର ବୋଲି ତତେ ଭାବିନି କେବେ ବି
କରିନି ପ୍ରେମରେ ଊଣା
ତଥାପି କାହିଁକି ହେଲୁ ତୁ ନିଷ୍ଠୁରା
କାହା ପ୍ରେମ କଲା ବଣା
ମିଳନର ସୁଖ ଏବେ ବି ଜୀବିତ
ମାନସର ପ୍ରତି କୋଣେ
ତାର ରୋମନ୍ଥନ ଅତୀବ ଦାରୁଣ
ଭାବନା ଆଣଇ ପ୍ରାଣେ
ପାଇଲେ ପାଇବୁ ଭଲରେ ସଜନୀ
ନ ପାଇଲେ ଅଭିଯୋଗ
ନାହିଁ ଲେଶମାତ୍ର ମନରେ ମୋହର
ନାହିଁ ରାଗ ବା ବୈରାଗ୍ୟ
ସୁଖେ ଥିଲେ ତୁହି ସୁଖୀ ହେବି ମୁହିଁ
ଦୁଃଖରେ ପଡ଼ିବି ଭାଜି
ମନେ ରଖିଥିବୁ ଭୁଲିବୁନି କେବେ
ଏତିକି ମିନତି ଆଜି ।

*ଭୁବନେଶ୍ୱର*



## ଛଳ

*ଦୁର୍ଗାଚରଣ ଷଡ଼ଙ୍ଗୀ*



ତମ ଛଳ ଭୁଲେଇ ଦିଏ
କେଉଁ ଯୁଗ ସନ୍ଧିରୁ ସବାର ହୋଇଥିବା
ମୋ ଅଭିମାନ ।
କେଜାଣି କାହିଁକି ସବୁ ଭୁଲିଯାଏ ମୁଁ
ଦିନ ମାସ ବର୍ଷ
ପାହାନ୍ତାର କାକୁସ୍ଥ ପ୍ରତୀକ୍ଷା
ସଂଜର ନୀରବତା,
କାହାକୁ ମୁଁ ଖୋଜୁଥାଏ
ଏକାକାର କରି
କାଳେ ଡାକିଦେବ କି ଅବେଳରେ
ଆସ ଆସ ବୋଲି ନାଁ ଧରି !

ଅଥଚ ମୁଁ ଜଗିରହି ଥାଏ ତମର ସେ ଛଳ ଡାକକୁ
ଜାଣି ଜାଣି ତଥାପି ଏବେବି ।

ତମ ଛଳରେ ପ୍ରେମ ନଥାଏ
କେମିତି କହିବି ?
କେମିତି କହିବି ଭୋଗିନିକି
ତମ ଅନୁକମ୍ପାର ଆଲିଙ୍ଗନ ହଜାରେବାର
କାକର ଚୋପାଏରେ
କଅଁଳି ଯାଇନି କି ଦୁବଘାସ !
ତମ ସ୍ତନବୃନ୍ତରେ ପହଁରି ଯାଉଥିବା ଉଲ୍ଲାସ ପରି
ଭୋଗିନି କି ବର୍ଷ ବର୍ଷର ରୋମାଞ୍ଚ
ନିଜ ଲୋକପରି !!

ଆହାଃ କି ଆନନ୍ଦ !
ପାଇଛି ତ କାଲକ
ଆଜି ପାଇନି ବୋଲି କେମିତି ବା ମନା କରିଦେବି ?

ହୁଏତ ଥିବି କି ନଥିବି ମୁଁ ତମ ଆଖ ପାଖରେ
ସରାଗ ନମେଣ୍ଟୁ ପଛେ
ତମ ଡାକ ଅସାର ନହେଉ
ମୁଁ ସେମିତି ହିଁ ଆଜ୍ଞାକାରୀ ହୋଇରହିଥାଏ
ଜାଣିଛି, ଉଚ୍ଛନ୍ନ ହୋଇ ତମେ
ଏମିତି ହିଁ ଡାକ ବେଳେ ବେଳେ
ହଉ, ଆଜି ନମିଳୁ ନାହିଁ
ମିଳିବନି କି ନିଶ୍ଚେ କାଲିକି !!

ତମ ଛଳରେ ଖୁନ୍ଦି ହୋଇଥାଏ
ଅନେକ ପୂର୍ଣ୍ଣଚ୍ଛେଦ, କମା, ପ୍ରଶ୍ନବାଚୀ
ଅନେକ ଫରମାସୀ
କେତେଯେ ଭୋଗେ ସେ ପାଇଁ ମଧରୁ ଯନ୍ତ୍ରଣା
ସବୁ ଜାଣେ,
ସେଇ ଲୋଡ଼ିବା ପଣରେ
ବିଲ୍ୱ ମଙ୍ଗଳ ସାଜେ ମୁଁ
ନଈ ପହଁରେ - ପାଚେରି ଡିଏଁ
ଅବିରତ ଭୋଗୁଥାଏ ନାନାଦି ନିନ୍ଦା ଅପବାଦ
ଏ ଦେହସାରା ।

ଏତେ ପରାଭବ ପାଏ ତଥାପି
ସଂସାରକୁ ଆଡ଼କରେ
ଉଭାନ ହୋଇଯାଏ ବେଳେ ବେଳେ
ମାନ ମହତ ଭୁଲେ ତମ ମିଛ ଛଳରେ
ଆଉଟୁ ପାଉଟୁ ହୁଏ କୂଳଛଡ଼ା
ଅଝାଳ ନାଆ ପରି
କାହିଁକି କେଜାଣି !

ଶୃଙ୍ଗାରର ସବୁ କମକୁଟ ତମେ ହିଁ
ଶିଖାଇଛ ହାତ ଧରି ।
ଦେହରୁ ଉଡ଼େଇ ଦେଇଛ ଲାଜ
ସଂଭ୍ରମତାର ଓଢ଼ଣି, ମାଲ୍ୟାଣି ପରି
ମୁଁ ତରଳି ଯାଇଛି
ଡେଇଁ ଆସିଛି ବି ଅପବାଦର ତୁଚ୍ଛା ତିନିଗାର
ତମେ ଭୈରବୀ,
ମାୟା ଯୋଗିନୀର ମନ୍ତୁରା ପାଣିରେ
ବାରମ୍ବାର ଦେହ ପଖାଳିଛି
ଛଳ ଜାଣିନି ବୋଲି ତ ବଞ୍ଚି ରହିଛି ।

ଆଜି ଭାବୁଛି
ସେ ସବୁ ଥିଲା ଗୋ ତମର ଛଳ,
ଦେହ ରଙ୍କୁଣୀର ମିଛ ଖେଳ ।
ମିଛ ଶୃଙ୍ଗାର
ସବୁ କିଛି ମିଛ ମିଛର ଭୁଲାଣ
ଠିକ୍ ଯେମିତି ଚିନ୍ତାମଣିର ବିଲ୍ୱମଙ୍ଗଳ
ତମ ରାସ୍ତା ତମର
ମୋ' ରାସ୍ତା ଏବେ ମୋର !

ତମ ଛଳ
ତମକୁ ଉଲ୍ଲାସ ଦେଉ ମନା ନାହିଁ !
ଅଥଚ କହିପାରିବକି
ସେଇ ଉପର ସୁନ୍ଦର ଭୂଇଁରେ
ମୁଁ କ'ଣ ନଈ ବଢ଼ି ହୋଇ
କେବେ ତମ ଛଳନାର ବନ୍ଧ ଭାଙ୍ଗିନାହିଁ !

*ଭ୍ରାମ୍ୟଭାଷ: ୯୪୩୮୫୩୫୫୭୭*



## ଆଶା ବଇଶାଖୀ ଝାଞ୍ଜି ପିଟୁଛି...

*ଲକ୍ଷ୍ମୀପ୍ରିୟା ପୃଷ୍ଟି*

ଜୀବନ ତ ଏବେ ଗୋଧୂଳି ଲଗନ
ତୁଚ୍ଛା ଛାୟା ମାୟା ଘେରା
ଜଣାନାହିଁ ଆହା କେମିତି ସରିବ
ମୁଗ୍ଧ ଜୀବନ ଅନ୍ତରା

ପ୍ରହେଳିକାମୟ ସଂସାର ସାଗରେ
ସହସ୍ର ଭଉଁରୀ କାଟିଛି
ତଥାପି ଜୀବନ ବାଟବଣା ହୋଇ
ଫେରନ୍ତି ରାସ୍ତା ଖୋଜୁଛି

ପ୍ରତ୍ୟୁଷ ସୂରୁଜ ନାହିଁ ଆଉ ପାଶେ
ଦେବାକୁ ଭରସା ଟିକେ

ଆଶା ବଇଶାଖୀ ଝାଞ୍ଜି ପିଟୁଛି
ଦେବାକୁ ମେଲାଣି ମୋତେ

ବୟସ ଡେଣାର ପକ୍ଷ ଆହତ
ଉଡ଼ିବାକୁ ନାହିଁ ଶକ୍ତି
ବୁଜିଦେଲେ ଆଖି ଦିଶୁଛି ପାହାନ୍ତି
ସପନକୁ କରି ଇତି

ଲୁହ ଜର ଜର ସମୟରେ ଦିଶେ
ସୁଖର ଅଳକାପୁରୀ
ଜୀବନ ତ ଏବେ ଗୋଧୂଳି ଲଗନ
ଅତୀତକୁ ହୁଏ ଝୁରି ।

*ଅଧ୍ୟାପିକା, ଦଶରଥପୁର, ଯାଜପୁର- ୭୫୫୦୦୬*

*ଫୋନ- ୭୩୭୭୩୧୮୭୮୯*

## ଦୁଃଖିନୀ ବୋଉ

*ଧର୍ମାନନ୍ଦ ମହାରଣା*

ଆଖିରେ ତା' ଲୁହ ଜୀବନରେ କୋହ
ହୃଦୟେ ଅପାମ ସ୍ନେହ
ପୁଅ-ନାତି-ଘର ପରିବାର ପାଇଁ
ନିତି ବଢ଼େ ତା'ର ମୋହ

ସ୍କୁଲ ଯାଇନାହିଁ ମୂରୁଖ ସିନା ସେ
ଆକାଶେ ତା ଅନୁଭୂତି
ଭଲମନ୍ଦ ସବୁ ନିତି ବୁଝାଏ ସେ
ମୋ ହୃଦ ବେଦୀର ଦେବୀ

ବିଦୁଷୀ, ରୂପସୀ କେତେ ମୁଁ ଦେଖିଛି
ଧରାର ଅନେକ କୋଣେ
ଅପାଠୁଆ ସେଇ ମହତୀ ନାରୀର
ଚରଣ ଧୂଳି ମୁଁ ଲୋଡେ

ପରର ଦୁଃଖରେ ଅନ୍ତର ତା' କାନ୍ଦେ
ବାହୁନି ବାହୁନି କେତେ
ସ୍ନେହ ଶ୍ରଦ୍ଧା ପାଇ ଦୈନିକ ଆସନ୍ତି
ପିଲା, ବୁଢ଼ାବୁଢ଼ୀ ଯେତେ

ବାରିପଟେ ବସି ସୁଖ ଦୁଃଖ ବାଣ୍ଟେ
ଆବାଳବୃଦ୍ଧଙ୍କ ସଙ୍ଗେ
ନିଜ କୋହ ଚାପି ଦୁଃସ୍ଥ, ନିଉନଙ୍କ
ଦୁଃଖ ଆଣେ ଭାଗେ ଭାଗେ

ଚାରିଗୋଟି ପୁତ୍ର ଆକାର ଦେଇଛି
ନାନା ଦୁଃଖ କଷ୍ଟ ସହି
ସ୍ୱାମୀ ଗଉରବ ଜାଣି ନ ଜାଣିଛି
ବିଧବା କରିଛି ବିହି



ତଥାପି ମନରେ ତିକ୍ତତା ନାହିଁ ତା'
ନିଜ କଷ୍ଟ ମନେ ମାରେ
ସଭିଙ୍କର ଅଳି- ଅରଦଳି ବୁଝେ
ଉଠିବା ବସିବା ବେଳେ

ପିତା-ହୀନ ଆମେ ହୋଇଗଲୁ ସିନା
ଅଭାବ ଜାଣିନୁ ଦିନେ
ସ୍ନେହର ମାଆ ମୋ ଘର-ଛାତ-ଆମ
ନୁହଁ ସେ ଦେବୀଠୁ ଭିନ୍ନେ

ପିଲାଦିନ ଅଳି ସ୍ମରଇ ନିଇତି
ଚାରିଅଣା ଦେଏ ବୋଉ
ଖୁଦ ଭଜା ଗୁଣ୍ଡ ଚିନି ସହ ଦିଏ
ଖୁସିମନେ ଖାଇଯାଉ

ସ୍ତନ-ଶାକ-ଖୁଦ ଦେଇ ବଢ଼ାଇଛି
ଅଧମ ମଣିଷ ମୁହିଁ
କି ଦେଇ ଶୁଝିବି ଏତେ ସବୁ ଋଣ
କି ପାରେ ଜୀବନ ଦେଇ ?

ଜନନୀର ସ୍ନେହ ଧରାରେ ଅଶୁଝା
ପାଦରେ ମଥା ଲୋଟଇ
ତା'ର ପାଦ ଧୂଳି ଜୀବନଟା ଯାକ
ନିତି କପାଳେ ଲେପଇ ।

*ଗଞ୍ଜାମ*

*ଦୂରଭାଷ- ୮୯୧୭୪୪୬୪୪୧*

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୦ ଅଗଷ୍ଟ, ଶନିବାର, ୨୦୨୪


# ଭିନେଶ ଫୋଗଟଙ୍କୁ ମିଳିପାରେ ରୌପ୍ୟ ପଦକ : ସିଏଏସ୍

**ନୂଆଦିଲ୍ଲୀ**

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଅଯୋଗ୍ୟତା ପ୍ରସଙ୍ଗରେ ଭିନେଶ ଫୋଗଟ୍ ଆବେଦନ କରିଥିଲେ। ତାଙ୍କ ମାମଲାକୁ ନେଇ କୋର୍ଟ ଅଫ ଆର୍ବିଟ୍ରେସନ ଫର୍ ସ୍ପୋର୍ଟସ ସିଏଏସ୍ ଏକ ଗୁରୁତ୍ୱପୂର୍ଣ୍ଣ ଅପଡେଟ୍ ଦେଇଛି। ଅଲିମ୍ପିକ୍ସ ଶେଷ ହେବା ପୂର୍ବରୁ ଭିନେଶଙ୍କ ମାମଲା ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ସିଏଏସ୍ ଏହାର ଅଫିସିଆଲ ୱେବ୍‌ସାଇଟ୍ ମାଧ୍ୟମରେ ସୂଚନା ଦେଇଛି। ଏହି ପ୍ରସଙ୍ଗରେ ଶୁଣାଣି ହେବ କିନ୍ତୁ ନିଷ୍ପତ୍ତି ପାଇଁ ଅପେକ୍ଷା କରିବାକୁ ପଡ଼ିପାରେ।ସିଏଏସ୍ ଏହାର ୱେବସାଇଟରେ ଲେଖିଛି, ଶୁକ୍ରବାର ଏହାର ଶୁଣାଣି ହେବ ଏବଂ ଅଲିମ୍ପିକ ଗେମ୍ସ ଶେଷ ହେବା ପୂର୍ବରୁ ନିଷ୍ପତ୍ତି ନିଆଯିବ। ଏହା ଏପରି ଏକ ବିଷୟ ଯେ ଏକ ଘଣ୍ଟା ମଧ୍ୟରେ ନିଷ୍ପତ୍ତି ନିଆଯାଇପାରିବ ନାହିଁ। ଭିନେଶ ଏହି ବିଷୟରେ ଶୀଘ୍ର ନିଷ୍ପତ୍ତି ପାଇଁ ଅନୁରୋଧ କରିନଥିଲେ। କିନ୍ତୁ ତଥାପି ପ୍ରକ୍ରିୟା ବହୁତ ଶୀଘ୍ର କରାଯିବ।ଅଯୋଗ୍ୟ ହେବା ପରେ ଭିନେଶ ସିଏଏସ୍‌ରେ ଆବେଦନ କରିଥିଲେ। ଭିନେଶଙ୍କ ଓଜନ ନିୟମଠାରୁ ଅଧିକ ଥିଲା ୧୦୦ ଗ୍ରାମ୍। ଓଜନ ତାଙ୍କ ଉପରେ ଭାରୀ ହୋଇଗଲା। ଓଜନ ହ୍ରାସ କରିବାକୁ ଭିନେଶ ସବୁକିଛି ସମ୍ଭବ ଚେଷ୍ଟା କରିଥିଲେ। ସେ କେଶ ମଧ୍ୟ କାଟିଥିଲେ। ଏହା ସହିତ ପୋଷାକ ମଧ୍ୟ ଛୋଟ କରାଯାଇଥିଲା। କିନ୍ତୁ ତଥାପି ସଫଳତା ହାସଲ ହୋଇପାରିଲା ନାହିଁ। ଏହି କାରଣରୁ ସେ କୋର୍ଟଙ୍କ ନିକଟକୁ ଯାଇଥିଲେ।

# ଜୁନିୟରର ପୁରୁଷ ହକି ଦଳର ମୁଖ୍ୟ କୋଚ୍ ହେଲେ ଶ୍ରୀଜେସ୍

**ପ୍ୟାରିସ୍**




ଭାରତୀୟ ହକି ଦଳର ପ୍ରାଚୀର ଭାବରେ ଜଣାଶୁଣା ଗୋଲକିପର ପିଆର୍ ଶ୍ରୀଜେଶ ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ବ୍ରୋଞ୍ଜ ପଦକ ଜିତିବା ପରେ ଅବସର ନେଇଛନ୍ତି। ତଥାପି ସେ ଦଳ ସହ ଜଡ଼ିତ ରହିବେ। ଶୁକ୍ରବାର ହକି ଇଣ୍ଡିଆ ଭେଟେରାନ ଖେଳାଳିଙ୍କୁ ଜୁନିୟର ପୁରୁଷ ହକି ଦଳର ମୁଖ୍ୟ କୋଚ୍ ଭାବରେ ନିଯୁକ୍ତ କରିଛି। ଭବିଷ୍ୟତର ଆହ୍ୱାନ ପାଇଁ ସେ ବର୍ତ୍ତମାନ ଯୁବ ଦଳ ପ୍ରସ୍ତୁତ କରିବେ।

ସ୍ପେନ୍‌କୁ ୨-୧ରେ ପରାସ୍ତ କରି ଭାରତ ବ୍ରୋଞ୍ଜ ପଦକ ଜିତିଛି। ଏବଂ ଏହି ଶ୍ରୀଜେଶ ହକିକୁ ବିଦାୟ ଦେଇଛନ୍ତି। ଶ୍ରୀଜେଶ ଦୀର୍ଘ ଦିନ ଧରି ଭାରତୀୟ ହକି ଦଳର ଜଣେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ରହିଆସିଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସରେ ଶ୍ରୀଜେଶ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଥିଲେ ଏବଂ ବିପକ୍ଷ ଦଳ ସାମ୍ନାରେ କାନ୍ଥ ଭାବରେ ଠିଆ ହୋଇଥିଲେ। ସ୍ପେନ୍ ବିପକ୍ଷରେ ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ମଧ୍ୟ ଶ୍ରୀଜେଶ ଶେଷ କ୍ୱାର୍ଟରରେ ଚମତ୍କାର ରକ୍ଷା କରିଥିଲେ ଏବଂ ସେମାନଙ୍କୁ ଅଗ୍ରଣୀ ନେବାକୁ ବାରଣ କରିଥିଲେ। ଏହିପରି ଦଳ ବିଜୟ ସହ ଶ୍ରୀଜେଶଙ୍କୁ ବିଦାୟ ଦେଇଛି।

ଶୁକ୍ରବାର ଶ୍ରୀଜେଶଙ୍କ ଅବସର ପରେ ପ୍ରଶଂସକମାନେ ତାଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ଦାବି କରୁଥିଲେ। ଏ ବାବଦରେ ସେ କହିଛନ୍ତି, ବିଦାୟ ନେବା ପାଇଁ ଏହା ହେଉଛି ଉପଯୁକ୍ତ ସମୟ। ମୁଁ ଭାବୁଛି ପଦକ ସହିତ ଅଲିମ୍ପିକ ଗେମ୍ସକୁ ବିଦାୟ ଦେବା ପାଇଁ ଏହା ହେଉଛି ଉପଯୁକ୍ତ ଉପାୟ। ଆମେ ଖାଲି ହାତରେ ଘରକୁ ଯାଉନାହୁଁ, ଯାହା ଏକ ବଡ଼ କଥା। ମୁଁ ଲୋକଙ୍କ ଭାବନାକୁ ବୁଝିପାରୁଛି। ମୁଁ ଲୋକଙ୍କୁ ସମ୍ମାନ କରେ। କିନ୍ତୁ ଠିକ୍ ସମୟରେ ନିଷ୍ପତ୍ତି ନେବା ମୋର ନିଷ୍ପତ୍ତିରେ ପରିବର୍ତ୍ତନ ଆଣିବ ନାହିଁ ଏବଂ ଏହି ମ୍ୟାଚ୍‌କୁ ସ୍ମରଣୀୟ କରିଦେବ। ଏହା ଆମ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଟେ। ଏହା ଆମକୁ ଆତ୍ମବିଶ୍ୱାସ ଦେଇଛି ଯେ ଆମେ ଅଲିମ୍ପିକ୍ସରେ ପଦକ ଜିତି ପାରିବା।

# ସ୍ୱର୍ଣ୍ଣ ଜିତିବା ପରେ ଅର୍ଶଦ ନଦୀମଙ୍କ ପାଇଁ ୫ କୋଟି ଟଙ୍କା ପୁରସ୍କାର ଘୋଷଣା କଲେ ସିନ୍ଧ ସରକାର




**ନୂଆଦିଲ୍ଲୀ**

ପ୍ୟାରିସ୍ ଅଲିମ୍ପିକ୍ସରେ ପାକିସ୍ତାନ ପାଇଁ ଅର୍ଶଦ ନଦୀମ ପ୍ରଥମ ବ୍ୟକ୍ତିଗତ ସ୍ୱର୍ଣ୍ଣ ଜିତିଥିବା ପରେ ଦେଶରେ ଉତ୍ସବର ମାହୋଲ ଦେଖିବାକୁ ମିଳିଛି। ଶେଷଥର ପାଇଁ ୧୯୮୪ ଲସ୍ ଏଞ୍ଜେଲସରେ ହକି ଟିମ୍ ସ୍ୱର୍ଣ୍ଣ ଜିତିଥିବା ବେଳେ ୨୭ ବର୍ଷୀୟ ଅର୍ଶଦ ନଦୀମ ବିଶାଳ ୯୨.୯୭ ମିଟର ଜାଭେଲିନ ଫିଙ୍ଗି ପାକିସ୍ତାନକୁ ପୁଣିଥରେ ଗୌରବାନ୍ୱିତ କରିଛନ୍ତି। ପିଲାଠୁ ବୟସ୍କ ଯାଏ ରାସ୍ତାକୁ ଆସି ଏହି ସଫଳତାକୁ ପାଳନ କରିଥିଲା ବେଳେ ସରକାର ଅର୍ଶଦଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି।

କରାଚିର ବିଭିନ୍ନ ସ୍ଥାନରେ ଲୋକେ ସେଲିବ୍ରେସନ କରିଥିବା ବେଳେ ଏନେକ ସ୍ଥାନରେ ଏପରି ଦୃଶ୍ୟ ଦେଖିବାକୁ ମିଳିଥିଲା, ଯାହା ପାକିସ୍ତାନ କ୍ରିକେଟ ଟିମ୍ ବିଶ୍ୱକପ ଏବଂ ଚାମ୍ପିଅନ୍ସ ଟ୍ରଫି ଜିତିବା ବେଳେ ଦେଖିବାକୁ ମିଳି ନ ଥିଲା। ଏହାବ୍ୟତୀତ ଅର୍ଶଦଙ୍କ ନିଜ ରାଜ୍ୟରେ ମଧ୍ୟ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଘର ବାହାରକୁ ଆସି ପାକିସ୍ତାନ ପତାକା ହାତରେ ଧରି ଖୁସି ମନାଇଥିଲେ। ଏଥିସହିତ ପାକିସ୍ତାନର ଅନେକ ବିଶିଷ୍ଟ ଲୋକେ ନଦୀମଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହାରି ମଧ୍ୟରେ ସବୁଠୁ ବଡ଼ ଖୁସି ଖବର ଦେଇଥିଲେ ମେୟର ମୁର୍ତ୍ତାଜା ୱାହାବ। ଏହି ସୁବର୍ଣ୍ଣ ମୁହୂର୍ତ୍ତକୁ ଆହୁରି ଖୁସିରେ ଭରି ଦେଇଥିଲେ। ସିନ୍ଧ ରାଜ୍ୟ ସରକାରଙ୍କ ତରଫରୁ ଅର୍ଶଦଙ୍କ ପାଇଁ ୫ କୋଟି ଟଙ୍କାର ଆର୍ଥିକ ପୁରସ୍କାର ଘୋଷଣା କରିଥିଲେ।

# ପ୍ରତ୍ୟେକ ଖେଳାଳିଙ୍କର ନିଜସ୍ୱ ଦିନ ଅଛି, ଏହା ମୋ ଦିନ ନ ଥିଲା : ନୀରଜ ଚୋପ୍ରା

**ପ୍ୟାରିସ୍**

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଭାରତର ଗୋଲଡେନ ବୟ ନୀରଜ ଚୋପ୍ରାଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଏହାପୂର୍ବରୁ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ନୀରଜ ଏଥରର ନିଜ ପ୍ରଦର୍ଶନରେ ଖୁସି ନାହାନ୍ତି। ପଦକ ଜିତିବା ପରେ ନୀରଜ କହିଛନ୍ତି, ଯଦିଓ ଆମ ଜାତୀୟ ସଂଗୀତ ଆଜି ବାଜି ପାରି ନାହିଁ, ଭବିଷ୍ୟତରେ ଏହା ନିଶ୍ଚିତ ଭାବରେ ଅନ୍ୟ ଏକ ସ୍ଥାନରେ ବଜାଯିବ।

ନୀରଜ ଚୋପ୍ରା କହିଛନ୍ତି, ପ୍ରତିଯୋଗିତା ଚମତ୍କାର ଥିଲା। ପ୍ରତ୍ୟେକ ଖେଳାଳିଙ୍କର ନିଜସ୍ୱ ଦିନ ଅଛି, ଆଜି ଅର୍ଶଦଙ୍କ ଦିନ ଥିଲା। ଟୋକିଓ, ବୁଦାପେଷ୍ଟ ଓ ଏସୀୟ ଗେମ୍ସର ନିଜସ୍ୱ ଦିନ ଅଛି।

ନୀରଜ ଆହୁରି କହିଛନ୍ତି, ଯେତେବେଳେ ବି ଆମେ ଦେଶ ପାଇଁ ପଦକ ଜିତୁ, ଆମେ ସମସ୍ତେ ଖୁସି ଥାଉ। ବର୍ତ୍ତମାନ ଥ୍ରୋକୁ ସୁଧାରିବା ପାଇଁ ସମୟ ଆସିଛି। ମୋତେ ମୋର ଆଘାତ ଉପରେ କାମ କରିବାକୁ ପଡ଼ିବ। ତ୍ରୁଟିଗୁଡିକୁ ସୁଧାରିବାକୁ ଚେଷ୍ଟା କରିବି।

ନୀରଜ ଚୋପ୍ରା ଜାଭେଲିନ ୮୯.୪୫ ମିଟର ଫିଙ୍ଗି ରୌପ୍ୟ ପଦକ ଜିତିଛନ୍ତି। ଏହା ନୀରଜଙ୍କ




ଚଳିତ ସିଜିନ୍‌ର ଶ୍ରେଷ୍ଠ ସ୍କୋର। ସେହିଭଳି ପ୍ରତିଯୋଗିତାରେ ପାକିସ୍ତାନର ଅର୍ଶଦ ନଦିମ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୯୨.୯୭ ମିଟର ଥ୍ରୋରେ ଅର୍ଶଦ ସ୍ୱର୍ଣ୍ଣ ହାସଲ କରିଥିଲେ। ଅର୍ଶଦଙ୍କ ଏହି ଥ୍ରୋ ମଧ୍ୟ ଏକ ଅଲିମ୍ପିକ ରେକର୍ଡରେ ପରିଣତ ହୋଇଥିଲା।

ନୀରଜ ଚୋପ୍ରା କହିଛନ୍ତି, ଯେତେବେଳେ ବି ମୁଁ ଥ୍ରୋ କରିବା ନିମନ୍ତେ ଦୌଡ଼ିବା ଆରମ୍ଭ କରୁଥିଲି। ମୁଁ ମୋର ଶ୍ରେଷ୍ଠ ପ୍ରଦର୍ଶନ କରି ପାରୁ ନ ଥିଲି। କାରଣ ମୋର ୭୦% ଧ୍ୟାନ ମୋର ଆଘାତ ଉପରେ କେନ୍ଦ୍ରୀଭୂତ ହେଉଥିଲା। ଆଜି ମୋ ସ୍ପିଡ୍ ଠିକ୍ ନ ଥିଲା। ତେଣୁ ମୁଁ ଯାହା ପ୍ରଦର୍ଶନ କରିଛି। ନିଜ ଯନ୍ତ୍ରଣା ସହ ସଂଘର୍ଷ କରି କରିଛି। କାରଣ ମୋ ପାଖରେ ଅଲମ୍ପିକ୍ସ ନିମନ୍ତେ ପ୍ରସ୍ତୁତି ମଧ୍ୟରେ ସର୍ଜରୀ ପାଇଁ ସମୟ ନ ଥିଲା।

ପ୍ରତିଯୋଗିତାରେ ପାକିସ୍ତାନର ଅର୍ଶଦ ନଦିମ ୯୨.୯୭ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହା ଉପରେ ପ୍ରତିକ୍ରିୟା ଦେଇ ନୀରଜ କହିଛନ୍ତି, ୨୦୧୦ ମସିହାରୁ ମୁଁ ଅର୍ଶଦଙ୍କ ବିରୋଧରେ ଖେଳୁଛି। ଆଉ ଏବେ ପ୍ରଥମ ଥର ତାଙ୍କଠୁ ହାରର ସମ୍ମୁଖୀନ ହୋଇଛି। ଏହା ହେଉଛି ଖେଳ ଓ ଆମକୁ ଜିତିବା ଓ ହାରିବାକୁ ସ୍ୱୀକାର କରିବାକୁ ପଡ଼ିବ। ଏହା ମୋ ଦିନ ନ ଥିଲା, ଅର୍ଶଦଙ୍କ ପାଇଁ ଏହା ଖାସ୍ ଥିଲା।

ଶରୀରରେ ଦମ୍ ଥିବା ପର୍ଯ୍ୟନ୍ତ ନିଜ ଶକ୍ତି ପ୍ରଦର୍ଶନ କରିବି। ଏପରି ସ୍ଥିତିରେ ସକରାତ୍ମକ ମାନସିକତାର ସହ ଖେଳିବା ଉଚିତ ବୋଲି କହିଛନ୍ତି ନୀରଜ।

# ନୀରଜ ଚୋପ୍ରାଙ୍କୁ ନେଇ ଆସିଲା ବଡ଼ ଅପଡେଟ୍

**ନୂଆଦିଲ୍ଲୀ**

ପ୍ୟାରିସ୍ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିବା ଭାରତର ଷ୍ଟାର ଜାଭେଲିନ ଥ୍ରୋଅର ନୀରଜ ଚୋପ୍ରାଙ୍କୁ ନେଇ ଆସିଛି। ଏକ ବଡ଼ ଅପଡେଟ୍ ଦୀର୍ଘ ଦିନ ଧରି ହାର୍ନିଆ ଜନିତ ସମସ୍ୟା ଦେଇ ଗତି କରୁଥିବା ନୀରଜଙ୍କର ଖୁବ୍‌ଶୀଘ୍ର ହେବ ଅପ୍ରେସନ।

ହାର୍ନିଆ ଯୋଗୁ ନୀରଜ ତାଙ୍କ ଜଙ୍ଘର ସନ୍ଧି ଜାଗାରେ ଯନ୍ତ୍ରଣା ଅନୁଭବ କରୁଥିଲେ। ଡାକ୍ତର ତାଙ୍କୁ ଗତ ବର୍ଷରୁ ଅପ୍ରେସନ କରିବା ପାଇଁ ପରାମର୍ଶ ଦେଇଥିଲେ। ତେବେ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଅଭ୍ୟାସ କରୁଥିବା ଯୋଗୁ ସେ ଏହାକୁ ଏଡ଼ାଇ ଚାଲିଥିଲେ।

ଫାଇନାଲ ପରେ ନୀରଜ



ଚୋପ୍ରା କହିଥିଲେ, ମୁଁ ଅସୁସ୍ଥ ଥାଇ ସୁଦ୍ଧା ୨୦୨୨ରେ ୮୯.୯୪ ଦୂରତାକୁ ଜାଭେଲିନ ଫିଙ୍ଗିଥିଲି ଯେତେବେଳେ ମୁଁ ଜାଭେଲିନ ଫିଙ୍ଗେ ମୋର ୫୦ ପ୍ରତିଶତ ଦୃଷ୍ଟି ମୋର ସେହି ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ନିବଦ୍ଧ ଥାଏ। ଗତ ବର୍ଷ ଅପରେସନ କରିବାକୁ ଡାକ୍ତର ପରାମର୍ଶ ଦେଇଥିବା ବେଳେ ମୁଁ ଏତେ ବାଟ ଚଳେଇ ଦେଲିଣି ଅବଶ୍ୟ ସେବଠାରୁ ଚିକିତ୍ସା ଚାଲିଛି। କିନ୍ତୁ ଏବେ ଆମକୁ ଏକ ବଡ଼ ନିଷ୍ପତ୍ତି ନେବାକୁ ହେବ। କାରଣ ଏହା କ୍ରୀଡ଼ା ପାଇଁ ଠିକ ନୁହେଁ ଲମ୍ବା କ୍ୟାରିୟର ପାଇଁ ଫିଟ ଓ ସୁସ୍ଥ ରହିବାକୁ ପଡ଼ିବ।

ପ୍ୟାରିସ ଅଲିମ୍ପିକ୍ସରେ ଜାଭେଲିନ ଥ୍ରୋରେ ନୀରଜ ଚୋପ୍ରା ତାଙ୍କର ଦ୍ୱିତୀୟ ସର୍ବଶ୍ରେଷ୍ଠ ଥ୍ରୋ କରିଥିଲେ। ସେ ୮୯.୪୫ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ଥିଲେ। ତେବେ ଏହା ସ୍ୱର୍ଣ୍ଣ ପଦକ ହାସଲ ପାଇଁ ଯଥେଷ୍ଟ ନଥିଲା। ପାକିସ୍ତାନର ଅର୍ଶଦ ନଦୀମ ୯୨.୯୭ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ସହିତ ଅଲିମ୍ପିକ୍ସରେ ତାଙ୍କର ଏହି ଥ୍ରୋ ରେକର୍ଡ ହୋଇଗଲା। ପୂର୍ବରୁ କୌଣସି ଅଲିମ୍ପିକ୍ସରେ କେହି ଏତେ ଦୂର ଜାଭେଲିନ ଫିଙ୍ଗି ନଥିଲେ।

# ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତୀୟ ହକି ଦଳର ବିଜୟ : କଳିଙ୍ଗ ଷ୍ଟାଡିୟମରେ ଉତ୍ସବର ପରିବେଶ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଗୁରୁବାର ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତ ପୁରୁଷ ଦଳର ବ୍ରୋଞ୍ଜ ପଦକ ହାସଲ ପରେ ମୁଖ୍ୟମନ୍ତ୍ରୀ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ହକି କ୍ରୀଡ଼ାବିତ୍‌ମାନଙ୍କ ସହିତ ଭାରତର ବିଜୟ ଉତ୍ସବ ପାଳିଛନ୍ତି। କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଉଚ୍ଚ ପଦାଧିକାରୀମାନେ ଏହି ଉତ୍ସବରେ ଯୋଗ ଦେଇଥିଲେ।

ବାଜା ଓ ବାଣ ସହିତ ମୁଖ୍ୟମନ୍ତ୍ରୀଙ୍କ ସହିତ ତାଳ ଦେଇ ଶହ ଶହ ପିଲା ଜୟ ଜଗନ୍ନାଥ ଧ୍ୱନିରେ ଷ୍ଟାଡିୟମକୁ ପ୍ରକମ୍ପିତ କରିଥିଲେ। ମୁଖ୍ୟମନ୍ତ୍ରୀ କେକ କାଟି ପିଲା ମାନଙ୍କୁ ଖୋଇ ଦେଇ ଉତ୍ସବ ମନାଇ ଥିଲେ।

ସୂଚନା ଯୋଗ୍ୟ ଯେ ଗତକାଲି ଭାରତୀୟ ଦଳର ବ୍ରୋଞ୍ଜ ବିଜୟ ପରେ ମୁଖ୍ୟମନ୍ତ୍ରୀ ଫୋନ ଯୋଗେ ଖେଳାଳିମାନଙ୍କ ସହିତ କଥା ହୋଇ ଅଭିନନ୍ଦନ ଜଣାଇଥିଲେ। ପ୍ରତ୍ୟେକ ଖେଳାଳିମାନଙ୍କ ପାଇଁ ୧୫ ଲକ୍ଷ ଟଙ୍କା ଲେଖାଏଁ ଏବଂ ପ୍ରତ୍ୟେକ ସହାୟକ କର୍ମଚାରୀଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା କରିଥିଲେ। ଓଡ଼ିଆ ଖେଳାଳି ଅମିତ ରୋହିଦାସଙ୍କ ପାଇଁ ସ୍ୱତନ୍ତ୍ର ଭାବେ ୪ କୋଟି ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ଶୁକ୍ରବାର ଏହି ବିଜୟ ଉତ୍ସବ ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜିର ଏ କାଂସ୍ୟ ପଦକ, ଦୃଢ଼ନିଷ୍ଠ-ସ୍ୱର୍ଣ୍ଣିମ ଭବିଷ୍ୟତର ଶୁଭାରମ୍ଭ ପାଇଁ ଏକ ଆହ୍ୱାନ।

ସେ ପୁଣି କହିଥିଲେ ଯେ ଗୁରୁବାର ଆମ ଭାରତୀୟ ପୁରୁଷ ହକି ଦଳ ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ରଚିଲା ଇତିହାସ। ଅଲମ୍ପିକ୍ସରେ ଭାରତର ଚମତ୍କାର ପ୍ରଦର୍ଶନରେ ବିଶ୍ୱବାସୀ ହେଲେ ଅଭିଭୂତ। ସମଗ୍ର ଓଡ଼ିଶା ତରଫରୁ ମୁଁ ଭାରତୀୟ ହକି ଦଳର ପ୍ରତ୍ୟେକ ଖେଳାଳିଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଉଛି।

ସେମାନେ ରାଜ୍ୟ ତଥା ଦେଶକୁ ଗର୍ବିତ କରିଛନ୍ତି ଏବଂ ଲକ୍ଷ ଲକ୍ଷ ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରେରଣା ଦେଇଛନ୍ତି। ଓଡ଼ିଆ ହକି ତାରକା ଅମିତ ରୋହିଦାସଙ୍କୁ ଅଶେଷ ଅଶେଷ ଧନ୍ୟବାଦ, ଭାରତୀୟ ହକିରେ ଯାହାଙ୍କ ଅବଦାନ ସମସ୍ତଙ୍କ ପାଇଁ ଏକ ଆଦର୍ଶ ଏବଂ ପ୍ରେରଣାର ଉତ୍ସ।

ବିଶ୍ୱମଞ୍ଚରେ ଭାରତୀୟ ହକି ଦଳର ସଫଳତା ଏବଂ କ୍ରମାଗତ ବିଜୟ ସେମାନଙ୍କ ଦୃଢ଼ ନିଷ୍ଠା ଏବଂ ଅକ୍ଳାନ୍ତ ପରିଶ୍ରମର ପ୍ରମାଣ ପ୍ରଦାନ କରିଛି। ଆମ ଭାରତୀୟ ହକି ଦଳକୁ ସମସ୍ତ ପ୍ରକାରର ସାହାଯ୍ୟ ସହଯୋଗ ଯୋଗାଇ ଦେବାରେ ଓଡ଼ିଶା ସରକାର ତତ୍ପର ଏବଂ ପ୍ରତିଶ୍ରୁତିବଦ୍ଧ।

ଆମେ ଆମର ଖେଳାଳିମାନଙ୍କ ପାଇଁ ସବୁବେଳେ ଛିଡ଼ା ହେବା ସହ ସେମାନଙ୍କୁ ତୃଣମୂଳସ୍ତରରୁ ବିଶ୍ୱମଞ୍ଚକୁ ଯିବାରେ ସାହାଯ୍ୟ କରିବୁ। ଆମ ସରକାର ଆଗକୁ ଆସି ଏହା ସୁନିଶ୍ଚିତ କରାଇବେ ଯେ ଆମ ରାଜ୍ୟର ଖେଳାଳିମାନେ ରାଜ୍ୟ ତଥା ଦେଶ ପାଇଁ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ସୁନାମ ଆଣିବେ।

ମୁଁ ଆପଣମାନଙ୍କ ମଧ୍ୟରେ ଦେଖିପାରୁଛି ଜଣେ ଜଣେ ଅମିତ ରୋହିଦାସ, ଦୀପ ଗ୍ରେସ ଏକ୍କା, ଲଜାରୁସ ବାର୍ଲା, ଦିଲ୍ଲୀପ ତିର୍କୀ ସେଦିନ ଆଉ ଦୂର ନାହିଁ ଯେବେ ଏଇଠି ବସିଥିବା ପିଲାମାନଙ୍କ ମଧ୍ୟରୁ ଜଣେ ଭାରତୀୟ ହକି ଦଳର ଅଧିନାୟକ ବା ଅଧିନାୟିକା ହୋଇ ବାହାରିବେ; ବିଶ୍ୱମଞ୍ଚରେ ଭାରତ ପାଇଁ ପଦକ ଜିତିବେ ଏବଂ ଚମତ୍କାର ପ୍ରଦର୍ଶନ ବଳରେ ଆମ ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିବେ। ଯେତେ ବାଧାବିଘ୍ନ ଆସୁ ଆମେ ଯଦି ଅଟଳ ରହିବା ତାହେଲେ ବିଜୟ ଆମର ହିଁ ହେବ – ଭାରତୀୟ ହକି ଦଳ ଏହାର ଏକ ଜ୍ୱଳନ୍ତ ଉଦାହରଣ। ଆଗାମୀ ଭବିଷ୍ୟତ ପାଇଁ ମୁଁ ଆପଣମାନଙ୍କୁ ବହୁତ ବହୁତ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

# ଅତାବିରା ବ୍ଲକସ୍ତରୀୟ ଫୁଟବଲ ପ୍ରତିଯୋଗିତା

# ଜିଲ୍ଲାସ୍ତରକୁ ମନୋନୀତ ହେଲେ ୩୨ ଛାତ୍ରଛାତ୍ରୀ

**ରେଙ୍ଗାଲି, ନ୍ୟୁଜ୍‌ବ୍ୟୁରୋ**



ଅତାବିରା ନୋଡାଲ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅତାବିରା ବ୍ଲକ ସ୍ତରୀୟ ୧୭ ବର୍ଷରୁ କମ୍ ଛାତ୍ରଛାତ୍ରୀମାନଙ୍କର ଫୁଟବଲ ପ୍ରତିଯୋଗିତା ହୋଇଥିଲା ଅତିରିକ୍ତ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ କ୍ରୀଡା ପତାକା ଉତ୍ତୋଳନ କରିବା ପରେ କ୍ରୀଡ଼ା ପ୍ରତିଯୋଗିତାର ଆରମ୍ଭ ହୋଇଥିଲା। ବ୍ଲକ କ୍ରୀଡ଼ା ସମ୍ପାଦକ ସୁଦୀପ୍ତ କୁମାର ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ କ୍ରୀଡ଼ା ନିୟମାବଳୀ ଓ ଏହାର ଉପଯୋଗିତା ତଥା ଖେଳର ଶୃଙ୍ଖଳା ଉପରେ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିଥିଲେ। ବ୍ଲକ କ୍ରୀଡା କାର୍ଯ୍ୟକାରୀ କମିଟିର ଉପସଭାପତି ମନୋଜ ହରପାଲ, ପୂର୍ବତନ କ୍ରୀଡା ସମ୍ପାଦକ ଲବ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୂର୍ବତନ ଶାରୀରିକ ଓ କ୍ରୀଡା ନିରୀକ୍ଷକ ତ୍ରୈଲୋକ୍ୟ ନାୟକ ଖେଳ ପରିଚାଳନା କରିଥିଲେ। ଏଥିରେ ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୧୧୫ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସେଥିମଧ୍ୟରୁ ବାଳକ ବିଭାଗରୁ ୧୬ ଜଣ ଓ ବାଳିକା ବିଭାଗରୁ ୧୬ ଜଣ ମୋଟ ୩୨ ଜଣଙ୍କୁ ଜିଲ୍ଲା ସ୍ତରରେ ଖେଳିବା ପାଇଁ ମନୋନୀତ କରାଯାଇଛି। ଗାଇସିଲେଟ ବ୍ଲକରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଏମାନେ ଅଂଶଗ୍ରହଣ କରିବେ ବୋଲି କ୍ରୀଡା ସମ୍ପାଦକ ସାହୁଙ୍କଠାରୁ ସୂଚନା ମିଳିଛି। ଏହି ପ୍ରତିଯୋଗିତାରେ ବ୍ଲକର ୨୭ ଜଣ କ୍ରୀଡା ଶିକ୍ଷକ ନିଯୁକ୍ତ ହୋଇଥିଲେ। ଜିଲ୍ଲା ସ୍ତରରେ ଏହି ପ୍ରତିଯୋଗୀମାନେ କୃତିତ୍ୱ ହାସଲ କରି ବ୍ଲକ ପାଇଁ ଗୌରବ ଅର୍ଜନ କରିବା ଲାଗି କୃତି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହିତ ଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସନ୍ନ୍ୟାସ ପରେ ବି ପୁଣି ମ୍ୟାଚ୍‌କୁ ଫେରିବେ କାର୍ତ୍ତିକ୍

**ନୂଆଦିଲ୍ଲୀ**

ଭାରତୀୟ ଦଳର ପୂର୍ବତନ ଖେଳାଳି ତଥା ୱିକେଟ କିପର ଦୀନେଶ କାର୍ତ୍ତିକ ଆଇପିଏଲ ୨୦୨୪ ସିଜନରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳ ପାଇଁ ଖେଳିବା ପରେ ଅବସର ଘୋଷଣା କରିଥିଲେ। ବର୍ତ୍ତମାନ କାର୍ତ୍ତିକଙ୍କୁ ଅନ୍ତର୍ଜାତୀୟ ଟି-୨୦ ଲିଗରେ ନଜର ଆସିବେ। ଆସନ୍ତା ବର୍ଷ ଅନୁଷ୍ଠିତ ହେବାକୁ ଥିବା ଦକ୍ଷିଣ ଆଫ୍ରିକାର ଫ୍ରାଞ୍ଚାଇଜ ଆଧାରିତ ଟି-୨୦ ଲିଗ ଏସ୍‌ଏ୨୦ ରେ ପାରଲ ରୟାଲ୍ସ ଦଳ ପକ୍ଷରୁ ସେ ଖେଳିବେ। ଏହି ଟି-୨୦ ଲିଗର ପରବର୍ତ୍ତୀ ସିଜିନ ୨୦୨୫ ଜାନୁଆରୀ ୯ ରୁ ଖେଳାଯିବ। ଯେଉଁଥିରେ କାର୍ତ୍ତିକ ବିଦେଶୀ ଖେଳାଳି ଭାବରେ ରୟାଲ୍ସ ଦଳରେ ରହିବେ। ଏସ୍ ଏ୨୦ରେ ଖେଳିଥିବା ଭାରତର ପ୍ରଥମ ଖେଳାଳି ଦୀନେଶ କାର୍ତ୍ତିକ ହେବେ। ଆଇପିଏଲର ୧୭ତମ ସିଜନ ଶେଷ ହେବା ପରେ ସେ ତାଙ୍କ ଜନ୍ମଦିନରେ ଅବସର ଘୋଷଣା କରିଥିଲେ। ଦୀନେଶ କାର୍ତ୍ତିକ ଭାରତୀୟ ଦଳ ପାଇଁ ଅନ୍ତର୍ଜାତୀୟ କ୍ରିକେଟରେ ମୋଟ୍ ୧୮୦ଟି ମ୍ୟାଚ୍ ଖେଳିଛନ୍ତି। ଏଥି ସହିତ ଆରସିବି ଦଳ ତାଙ୍କୁ ୨୦୨୫ ଆଇପିଏଲ ସିଜିନ୍ ପାଇଁ ନିଜ ଦଳର ମେଣ୍ଟର ତଥା ବ୍ୟାଟିଂ କୋଚ୍ ଭାବରେ ନିଯୁକ୍ତ କରିଛି।

# ଏସ୍‌ସିବିରେ ନିର୍ମାଣାଧୀନ କାମରେ ନିୟୋଜିତ କ୍ରେନ୍ ଭାଙ୍ଗିଲା, ୩ ଶ୍ରମିକ ଗୁରୁତର

**କଟକ, ନ୍ୟୁଜ୍‌ବ୍ୟୁରୋ**



ବଡ଼ମେଡିକାଲରେ ଶୁକ୍ରବାର ବଡ଼ ଦୁର୍ଘଟଣା ଘଟିଛି। ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ଏକ କ୍ରେନ୍ ଭାଙ୍ଗିପଡ଼ିଛି। ଫଳରେ ଘଟଣାସ୍ଥଳରେ ୩ ଜଣ ଶ୍ରମିକ ଆହତ ହୋଇଥିବା ସୂଚନା ମିଳିଛି। ଏସ୍‌ସିବି ସେକେଣ୍ଡ କ୍ୟାମ୍ପସରେ ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ କେଉଁ କାରଣରୁ କ୍ରେନ୍‌ଟି ଭାଙ୍ଗି ପଡ଼ିଛି, ସେନେଇ ସ୍ପଷ୍ଟ ଜଣା ପଡ଼ିନି। ଆଶଙ୍କା କରାଯାଉଛି କି ଓଭର ଲୋଡ୍ ଯୋଗୁଁ ଟାୱାର କ୍ରେନ୍ ଭାଙ୍ଗି ପଡ଼ିଛି। ତେବେ ଘଟଣାସ୍ଥଳରେ ଉଦ୍ଧାକାରୀ ଟିମ୍ ପହଞ୍ଚିଥିବା ଖବର ମିଳିଛି। କଟକସ୍ଥିତ ଏସ୍‌ସିବିର ନୂଆ ପରିସର ପାଇଁ କିଛି ବର୍ଷ ହେଲା କାମ ଚାଲିଛି। ନିର୍ମାଣ କାମ ଦ୍ରୁତଗତିରେ ଆଗେଇ ଥିବା ବେଳେ ଶୁକ୍ରବାର ଅପରାହ୍ଣରେ ଅଘଟଣ ଘଟିଛି। କୌଣସି କାରଣରୁ କ୍ରେନ୍ ଭାଙ୍ଗିଯିବାରୁ ଏଥିରେ ଥିବା ୩ ଜଣ ଶ୍ରମିକ ଗୁରୁତର ହୋଇଛନ୍ତି। ଗୁରୁତରମାନଙ୍କୁ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ଏହି ଘଟଣା ସଂପର୍କରେ ପୁଲିସ ଅବଗତ ହୋଇଛି। ଠିକା ସଂସ୍ଥାର କର୍ମଚାରୀଙ୍କୁ ପଚରାଉଚରା କରୁଛି। ଅନ୍ୟପଟରେ ଏହି ଅପ୍ରୀତିକର ଘଟଣାକୁ ନେଇ ଭିନ୍ନଭିନ୍ନ ଚର୍ଚ୍ଚା ହେଉଛି।

# କେନ୍ଦୁଝରଠାରେ ଯୁଗ୍ମ ଅଭିଯୋଗ ଶୁଣାଣି : ୨୨୬ ପଞ୍ଜିକୃତ

**କେନ୍ଦୁଝର, ନ୍ୟୁଜ୍**



ସୋମବାର ଦିନ ଜିଲ୍ଲାପାଳ ବିଶାଳ ସିଂହଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ୍ ୨୨୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୫୨ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ସମୁଦାୟ ଅଭିଯୋଗ ମଧ୍ୟରୁ ୨୮ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୧୯୮ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା। ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ସହାୟତା ପାଇଁ ୧୧ଟି ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଲଳିତ ସୋରେଙ୍ଗ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଟକୋ କୁଜୁର, ଜିଲ୍ଲାପରିଷଦର ଭାରପ୍ରାପ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ମଲିକ, ଏସ୍.ଡି.ପି.ଓ ମହେନ୍ଦ୍ରନାଥ ମୁର୍ମୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ କିଶୋର କୁମାର ପୃଷ୍ଟି, କେନ୍ଦୁଝର ଉପଜିଲ୍ଲାପାଳ ଉମାଶଂକର ଦଳାଇ, ସଦର ବିଡିଓ ତିଲୋତ୍ତମା ପୃଷ୍ଟି, କେନ୍ଦୁଝର ତହସିଲଦାର ଶୁଭେନ୍ଦୁ ସାହୁ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ ଏବଂ ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗ ଦେଇଥିଲେ। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ୪ ଗୋଟି ମୋଟର ଚାଳିତ ହୁଇଲଚେୟାର ପ୍ରଦାନ କରାଯାଇଥିଲା।

# ସ୍ୱର୍ଣ୍ଣ ଜିତିବା ପରେ ନିଜକୁ ରୋକିପାରିଲେନି ନଦୀମ୍, ଭୋ ଭୋ ହୋଇ କାନ୍ଦିଲେ

**ପ୍ୟାରିସ୍**

ପ୍ୟାରିସର ଅଲିମ୍ପିକ୍ସ ୨୦୨୪ରେ ସ୍ୱର୍ଣ୍ଣ ପଦକ ଜିତି ପାକିସ୍ତାନର ଅର୍ଶଦ ନଦୀମ ଇତିହାସ ସୃଷ୍ଟି କରିଛନ୍ତି। ଅଲିମ୍ପିକ୍ସର ପୁରୁଷ ଜାଭେଲିନ ଥ୍ରୋ ଇଭେଣ୍ଟରେ ଅର୍ଶଦ ୯୨.୯୭ ମିଟର ଥ୍ରୋ ସହ ସ୍ୱର୍ଣ୍ଣ ଜିତିଛନ୍ତି। ଏହା କରି ସେ ପାକିସ୍ତାନ ପାଇଁ ପ୍ରଥମ ଅଲିମ୍ପିକ ପଦକ ଜିତିଛନ୍ତି। ୯୨.୯୭ ମିଟର ଫିଙ୍ଗିବା ସହିତ ଅର୍ଶଦ ଏକ ଅଲିମ୍ପିକ ରେକର୍ଡ ମଧ୍ୟ କରିଛନ୍ତି। ସ୍ୱର୍ଣ୍ଣ ଜିତିବା ପରେ ଅର୍ଶଦ ନିଜକୁ ନ ରୋକିପାରି ଜୋରରେ କାନ୍ଦିବାକୁ ଲାଗିଥିଲେ। ସୋସିଆଲ ମିଡିଆରେ ଅର୍ଶଦଙ୍କ କାନ୍ଦିବାର ଭିଡିଓ ଭାଇରାଲ ହେଉଛି। ଭାରତର ନୀରଜ ଚୋପ୍ରାଙ୍କୁ ପରାସ୍ତ କରି ଅର୍ଶଦ ସ୍ୱର୍ଣ୍ଣ ଜିତିଛନ୍ତି। ସ୍ୱର୍ଣ୍ଣ ପଦକ ଜିତିବା ପରେ ଅର୍ଶଦ ପ୍ରଥମେ ଭିଡ଼ ଆଡ଼କୁ ଯାଉଥିବାର ଦେଖାଯାଇଥିଲା। ଏହା ପରେ ସେ କାନ୍ଦୁଥିବା ଦେଖିବାକୁ ମିଳିଥିଲା।

# ଅନୁସୂଚିତ ଜାତି ଓ ଜନଜାତିଙ୍କ ସଂରକ୍ଷଣ ବ୍ୟବସ୍ଥା ପାଇଁ ରାଷ୍ଟ୍ରପତିଙ୍କୁ ଦାବିପତ୍ର

**କେନ୍ଦ୍ରପଡ଼ା, ନ୍ୟୁଜ୍‌ବ୍ୟୁରୋ**



ମୂଳ ନିବାସୀ ୟୁନାଇଟେଡ୍ ଫୋରମ୍ ଓଡ଼ିଶା କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ତରଫରୁ ଅନୁସୂଚିତ ଜାତି ଓ ଜନଜାତିଙ୍କ ମୌଳିକ ଅଧିକାର ସଂରକ୍ଷଣ ଅକ୍ଷୁଣ୍ଣ ରଖିବା ପାଇଁ ସୁପ୍ରିମକୋର୍ଟଙ୍କ ବହୁଜନ ବର୍ଗୀୟକରଣ ରାୟ ପ୍ରତିବାଦରେ ଦେଶବ୍ୟାପୀ ଭାରତ ବନ୍ଦକୁ ଫୋରମ୍ ତରଫରୁ ଓଡ଼ିଶାରୁ ସମର୍ଥନ କରାଯାଉଛି। ମୂଳବାସୀ ସମାଜକୁ ମୁଖ୍ୟ ସ୍ରୋତକୁ ଆଣି ସାମାଜିକ, ଆର୍ଥିକ, ରାଜନୈତିକ, ଧାର୍ମିକ ଓ ସାଂସ୍କୃତିକ ପରିବର୍ତ୍ତନ ପାଇଁ ଭାରତବର୍ଷର ମୁକ୍ତିଦାତା ସମ୍ବିଧାନ ପ୍ରଣେତା ବାବା ସାହେବ ଡଃ ଭୀମରାଓ ଆମ୍ବେଦକରଙ୍କ ସମ୍ବିଧାନରେ ବହୁ ବର୍ଷ ସଂଘର୍ଷ କରି ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ଅନୁଚ୍ଛେଦ ୧୭ ଧାରା ଅନୁଯାୟୀ ଦେଶରେ ଯେପର୍ଯ୍ୟନ୍ତ ହିନ୍ଦୁ ଧର୍ମର କଳୁଷିତ ଜାତିପ୍ରଥାରେ ଅସ୍ପୃଶ୍ୟତା ଥିବ ସେପର୍ଯ୍ୟନ୍ତ ଏହି ବର୍ଗକୁ ବିକାଶ ସୁରକ୍ଷା ସହ ଆତ୍ମ ମର୍ଯ୍ୟାଦା ସ୍ୱାଭିମାନ ପାଇଁ ଏହା ମୌଳିକ ଅଧିକାର ଭାବେ ବଳବତର ରହିବ। ସୁପ୍ରିମକୋର୍ଟଙ୍କ ସମ୍ବିଧାନିକ ବେଞ୍ଚ୍ ପ୍ରଥମେ ପଛୁଆ ବର୍ଗଙ୍କୁ ନିଯୁକ୍ତି ଓ ପରେ ପଦୋନ୍ନତିରେ ସଂରକ୍ଷଣରୁ ବଞ୍ଚିତ କଲା। ତାପରେ ରାଷ୍ଟ୍ରାୟାତ ସଂସ୍ଥାକୁ ଘରୋଇ କରଣ କରି ଶିଳ୍ପ କଳ କାରଖାନା, ବେସରକାରୀ ସଂସ୍ଥା, ଠିକା ଏଜେନ୍ସି ମାନଙ୍କରେ ଏସ୍‌ସି, ଏସ୍‌ଟି ବର୍ଗଙ୍କୁ ନିଯୁକ୍ତିରୁ ହଟାଇ ଦିଆଗଲା। ସଂରକ୍ଷଣ ବ୍ୟବସ୍ଥାକୁ ୨୦୦୪ ମସିହାରୁ ଆରମ୍ଭ ହୋଇଥିବା ଷଡ଼ଯନ୍ତ୍ର ୨୦ ବର୍ଷ ପରେ ମନୁବାଦୀ ସରକାର ଚଞ୍ଚକତା ଭାବେ ମୂଳ ନିବାସୀ ସମାଜର ଅନୁସୂଚିତ ଜାତି ଓ ଜନଜାତିଙ୍କୁ ବିଭାଜନ କରି ମୌଳିକ ଅଧିକାରକୁ ଜାତି ଭିତରେ ଉପଜାତି ସୃଷ୍ଟି କରିଛନ୍ତି। ଉପଜିଲ୍ଲାପାଳ ରବିନ୍ଦ୍ର କୁମାରଙ୍କୁ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ ସମୟରେ ଭୀମ ଆର୍ମିର ଜିଲ୍ଲା ସଭାପତି ନଗେନ୍ଦ୍ର ଜେନା, ସଂପାଦକ ଦିଲିପ କୁମାର ମଲିକ, ଏ.ଆଇ.ଏସ. ଏସ.ଡି.ର ସଭାପତି ଖଗେଶ୍ୱର ମଲିକ, ଅଇନଜୀବୀ ଅପୂର୍ବ ରଂଜନ ସେଠୀ, ବିଳାଶୁଣି ମଲିକ, ସୁପ୍ରଭା ମଲିକ, ମନୋରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



# ଓଡ଼ିଆ ଭାଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ
# ଓଡ଼ିଆ ଭାଷାର ଭୂମିକାକୁ ସ୍ମରଣ କରି ଗର୍ବ ମନେକରିବା ଉଚିତ୍ : ସୂର୍ଯ୍ୟବଂଶୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଓଡ଼ିଆ ଭାଷା ପ୍ରତିଷ୍ଠାନ ଆନୁକୂଲ୍ୟରେ ୫ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପ୍ରଶିକ୍ଷଣ ଶିବିର ଶୁକ୍ରବାର ସଂସ୍କୃତି ଭବନସ୍ଥିତ ସମ୍ମିଳନୀ କକ୍ଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ତା.୦୫.୦୮.୨୪ ରିଖରୁ ତା.୦୯.୦୮.୨୪ ରିଖ ପର୍ଯ୍ୟନ୍ତ ଚାଲୁ ରହିଥିଲା। ଏହି ପ୍ରଶିକ୍ଷଣ ଶିବିରରେ ଓଡ଼ିଶା ସରକାରଙ୍କ ଅଧୀନରେ ଥିବା ମୋଟ୍ ୧୩ଟି ବିଭାଗର ୧୧୦ ଜଣ ପ୍ରଶିକ୍ଷାର୍ଥୀ ଯୋଗଦାନ କରିଥିଲେ।

କାର୍ଯ୍ୟକ୍ରମକୁ ଉଦ୍‌ଯାପନ କରି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନିଜର ଅଭିଭାଷଣରେ ସମସ୍ତ ପ୍ରଶିକ୍ଷାର୍ଥୀ ଓ ବିଶେଷଜ୍ଞମାନଙ୍କୁ ସାଧୁବାଦ ଜଣାଇଥିଲେ। ଓଡ଼ିଆ ଅସ୍ମିତା ପ୍ରତିଷ୍ଠାନରେ ଓଡ଼ିଆ ଭାଷାର ଭୂମିକାକୁ ସ୍ମରଣ କରି ଓଡ଼ିଆ ଭାବେ ଗର୍ବ ମନେକରିବା ଉଚିତ୍ ବୋଲି ସେ ମତପ୍ରକାଶ କରିଥିଲେ।

ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ ସମସ୍ତଙ୍କୁ ସ୍ୱାଗତ କରିବା ସହ ଓଡ଼ିଆ ଭାଷା ଏକ ମୌଳିକ ଓ ବିଜ୍ଞାନସିଦ୍ଧ ଭାଷା ହୋଇଥିବାରୁ ଏଥିରେ ସରକାରୀ କାର୍ଯ୍ୟ କରିବା ଅତ୍ୟନ୍ତ ଉପାଦେୟ ବୋଲି ମତ ପ୍ରକାଶ କରିଥିଲେ। ସେ ଓଡ଼ିଆ ଭାଷାର ଶାସ୍ତ୍ରୀୟତା ପାଇଁ ଆମର ପ୍ରାଚୀନ ବୁଦ୍ଧିଜୀବୀ ଓ ସାରସ୍ୱତ ସ୍ରଷ୍ଟାମାନଙ୍କୁ ସାଧୁବାଦ ଜଣାଇଥିଲେ।

ଓଡ଼ିଆ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଶୁକ୍ରବାର କାର୍ଯ୍ୟକ୍ରମରେ ଯୋଗଦାନକରି ଓଡ଼ିଆ ଭାଷାର ସୁପ୍ରାଚୀନ ପରମ୍ପରା ଓ ସମୃଦ୍ଧ ଐତିହ୍ୟ ବିଷୟରେ ନିଜର ଅଭିଭାଷଣ ରଖିଥିଲେ।

ଏହି ଉଦ୍‌ଯାପନ ସମାରୋହରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ ପ୍ରଶିକ୍ଷଣ ପୁସ୍ତିକା, ଭାଷାପତ୍ର, ପ୍ରଥମ ଓଡ଼ିଆ ବ୍ୟାକରଣ, ପଣ୍ଡିତ ବିନାୟକ ମିଶ୍ର ଓ ଶ୍ୟାମସୁନ୍ଦର ରାଜଗୁରୁ ପ୍ରଭୃତି ପୁସ୍ତକମାନ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ପ୍ରଶିକ୍ଷାର୍ଥୀମାନଙ୍କୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ପୁରସ୍କୃତ ମଧ୍ୟ କରାଯାଇଥିଲା।

ପ୍ରଶିକ୍ଷଣରେ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ, ଡକ୍ଟର ରମେଶଚନ୍ଦ୍ର ମଲ୍ଲିକ, ଡକ୍ଟର ହରପ୍ରସାଦ ମିଶ୍ର, ବୈଷ୍ଣବ ଚରଣ ମହାନ୍ତି, ଡକ୍ଟର ସୀତାଂଶୁ କୁମାର ଦାଶ, ଡକ୍ଟର ଦେବାଶିଷ ମହାପାତ୍ର, ଡକ୍ଟର ସନ୍ତୋଷ କୁମାର ରଥ, ଡକ୍ଟର ବିଜୟଲକ୍ଷ୍ମୀ ଦାଶ, ସୁରେନ୍ଦ୍ର କୁମାର ଦାଶ ଓ ଭର୍ଚ୍ୟୁଆଲ ଏକାଡ଼େମୀର କର୍ମକର୍ତ୍ତାମାନେ କିପରି ସହଜ ଓ ସରଳ ଭାବରେ ପ୍ରଶାସନିକ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ହୋଇପାରିବ ସେ ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରକଳ୍ପ ପରାମର୍ଶଦାତା ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଟିକେଟ୍ ବୁକିଂ କାଉଣ୍ଟରରେ କ୍ୟୁଆର କୋଡ୍ ଡିସପ୍ଲେ ଡିଭାଇସ୍ ସଂସ୍ଥାପିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଡିଜିଟାଲ ପେମେଣ୍ଟକୁ ଉତ୍ସାହିତ କରିବା ପାଇଁ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ଦ୍ୱାରା ଟିକେଟ୍ ବୁକିଂ କାଉଣ୍ଟରରେ କ୍ୟୁଆର କୋଡ୍ (ଛକ ମକ୍ସୟର) ଡିସପ୍ଲେ ଡିଭାଇସ୍ ସଂସ୍ଥାପିତ କରାଯାଉଛି । ଭାରତରେ ଡିଜିଟାଲ୍ ପେମେଣ୍ଟ ଏକ ବଡ ପରିବର୍ତ୍ତନ ହୋଉଛି । ଡିଜିଟାଲ୍ ପେମେଣ୍ଟକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ଦ୍ୱାରା ସମସ୍ତ ରେଳ ଷ୍ଟେସନରେ ଟିକେଟ୍ ବୁକିଂ କାଉଣ୍ଟରରେ କ୍ୟୁଆର କୋଡ୍ ଡିସପ୍ଲେ ଡିଭାଇସ୍, ସ୍ଥାପନ କରାଯାଉଛି । ଏହି ପଦକ୍ଷେପ ଯାତ୍ରୀମାନଙ୍କୁ ନଗଦ ନିୟନ୍ତ୍ରଣକୁ ଏଡ଼ାଇବାରେ ସାହାଯ୍ୟ କରିବ ଏବଂ ସେମାନଙ୍କ ଟିକେଟ୍ କିଣିବା ପାଇଁ ସଠିକ୍ ଖୁଚୁରା ମୁଦ୍ରାର ଉପଲବ୍ଧତା ସମସ୍ୟା ମଧ୍ୟ ସମାଧାନ କରିବ । ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ରେ ଥିବାସମସ୍ତ ବର୍ଗ ରେଳ ଷ୍ଟେସନର ରେ, ଯଥା ୧୧୩ ରେଳ ଷ୍ଟେସନରେ କ୍ୟୁଆର କୋଡ୍ (ଛକ ମକ୍ସୟର) ଡିସପ୍ଲେ ଡିଭାଇସ୍ ଉପକରଣ ସ୍ଥାପନ କରିବା ପାଇଁ କାର୍ଯ୍ୟ ନିଆଯାଇଛି । ଏହି ଡିସପ୍ଲେ ଡିଭାଇସ୍ ଗୁଡିକ, ୭୫ ଟି ରେଳ ଷ୍ଟେସନରେ, ଯଥା ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା ରୋଡ଼, ବ୍ରହ୍ମପୁର, କଟକ, ଭଦ୍ରକ, ପଲାସା, ଯାଜପୁର କେନ୍ଦୁଝର ରୋଡ଼, ବାଲୁଗାଁ, ସୋମପେଟା, ଇଚ୍ଛାପୁରମ୍, ଢେଙ୍କାନାଳ, ତାଳଚେର, ପାରାଦୀପ, ଦଶପଲ୍ଲା, ଇତ୍ୟାଦିରେ ସଂସ୍ଥାପିତ ହୋଇସାରିଛି, । ଆସନ୍ତା ସପ୍ତାହରେ, ଏହି କ୍ୟୁଆର କୋଡ୍ ଦେୟ ସୁବିଧା, ମଣ୍ଡଳ ରେ ଥିବା ଅବଶିଷ୍ଟ ରେଳ ଷ୍ଟେସନକୁ ବିସ୍ତାର କରାଯିବ । ସଂରକ୍ଷିତ ଏବଂ ଅଣସଂରକ୍ଷୀତ ଟିକେଟ୍ ପ୍ରଦାନ କରୁଥିବା ବୁକିଂ କାଉଣ୍ଟରଗୁଡିକ ରେ, ଏହି କ୍ୟୁଆର କୋଡ୍ ଡିସପ୍ଲେ ଡିଭାଇସ୍ ପ୍ରଦାନ କରାଯାଇଛି ଏବଂ ଯାତ୍ରୀମାନେ ସେମାନଙ୍କର ସ୍ମାର୍ଟ ଫୋନ୍ ସହିତ କ୍ୟୁଆର କୋଡ୍ ସ୍କାନ୍ କରିପାରିବେ ଏବଂ କିଣାଯାଇଥିବା ଟିକେଟ୍ ର ପ୍ରକୃତ ମୂଲ୍ୟ ପାଇଁ ୟୁପିଆଇ (ଟଚଓ) ଦେୟ କରିପାରିବେ । ଲକ୍ଷ୍ୟ ହୋଉଛି, ସମସ୍ତ ଯାତ୍ରୀଙ୍କ ପାଇଁ ଟିକେଟ୍ ପ୍ରକ୍ରିୟାକୁ ଅଧିକ ଦକ୍ଷ ଏବଂ ସୁବିଧାଜନକ କରିବା । ରେଳ ବ୍ୟବହାରକାରୀଙ୍କ ପାଇଁ ଏକ ସୁରକ୍ଷିତ ଏବଂ ଆରାମଦାୟକ ଅଭିଜ୍ଞତା ନିଶ୍ଚିତ କରିବା ପାଇଁ, ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ଦ୍ୱାରା ପ୍ରତ୍ୟେକ ଆଧୁନିକ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରାଯାଉଛି ।

# ବେଦାନ୍ତ ଆଲୁମିନିୟମ୍ ଜୈବ ଇନ୍ଧନ ଦିବସରେ ନିରନ୍ତର ଶକ୍ତି ପ୍ରତି ପ୍ରତିବଦ୍ଧତା ଦୋହରାଛି

**ଝାରସୁଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଏହାର ଝାରସୁଗୁଡ଼ା କାର୍ଯ୍ୟକ୍ଷେତ୍ରରେ ସ୍ଥାୟୀ ଶକ୍ତି ଅଭ୍ୟାସ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଛି । ଭାରତର ସବୁ ଶକ୍ତି ଲକ୍ଷ୍ୟ ଅନୁଯାୟୀ, କମ୍ପାନୀ ଏହାର ଶକ୍ତି ମିଶ୍ରଣରେ ଜୈବ ଇନ୍ଧନକୁ ସମନ୍ୱି କରିବା ଜାରି ରଖିଛି ଏବଂ ଏହାର ସ୍ଥାୟିତ୍ୱ ଅଭିଯାନକୁ ଆଗକୁ ବଢ଼ାଉଛି । ପାରମ୍ପରିକ ଜୀବାଶ୍ମ ଇନ୍ଧନର ଏକ ସ୍ଥାୟୀ ଏବଂ ପରିବେଶ ଅନୁକୂଳ ବିକଳ୍ପ ଭାବରେ ଅଣ-ଜୀବାଶ୍ମ ଇନ୍ଧନର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୦ ତାରିଖରେ ଜୈବ ଇନ୍ଧନ ଦିବସ ପାଳନ କରାଯାଉଛି । ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ହ୍ରାସ କରିବା ଏବଂ ଶକ୍ତି ନିରାପତ୍ତାକୁ ପ୍ରୋତ୍ସାହିତ କରିବାରେ ଜୈବ ଇନ୍ଧନର ଭୂମିକା ଉପରେ ଏହି ଦିବସ ଆଲୋକପାତ କରୁଛି ।

୨୦୨୩-୨୪ ଆର୍ଥିକ ବର୍ଷରେ ବେଦାନ୍ତ ଝାରସୁଗୁଡ଼ା ଏହାର କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ (ସିପିପି)ରେ ୩୧୭ ମେଟ୍ରିକ୍ ଟନ୍ ବାୟୋମାସ୍ ଉତ୍ପାଦନ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି । ଏହି ପଦକ୍ଷେପ ଫଳରେ ଟନ୍ ପିଛା ୩୮୨ ମେଟ୍ରିକ୍ ଟନ୍ ସିଓ୨ ସମକକ୍ଷ (ଟିସିଓ୨ଇ) ହ୍ରାସ ପାଇଛି ଯାହା ଅଭିନବ ଶକ୍ତି ସମାଧାନ ମାଧ୍ୟମରେ ଏହାର କାର୍ବନ ଫୁଟପ୍ରିଣ୍ଟକୁ ହ୍ରାସ କରିବା ପାଇଁ କମ୍ପାନୀର ସମର୍ପଣକୁ ଦର୍ଶାଉଛି ।

ବେଦାନ୍ତ ଝାରସୁଗୁଡ଼ା ମଧ୍ୟ ଏହାର କାର୍ଯ୍ୟରେ ଇଲେକ୍ଟ୍ରିକ୍ ଯାନ (ଇଭି) ଫୋର୍କଲିଫ୍ଟ ନିୟୋଜିତ କରି ଶକ୍ତି ସଂରକ୍ଷଣ ପାଇଁ ପ୍ରୟାସ କରୁଛି । ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ସାମଗ୍ରିକ ଗ୍ରୀନ୍ ହାଉସ୍ ଗ୍ୟାସ ନିର୍ଗମନକୁ ହ୍ରାସ କରିବା ପାଇଁ ବିଦ୍ୟୁତକରଣ ଦିଗରେ ଏହି ପଦକ୍ଷେପ ଏକ ବ୍ୟାପକ ରଣନୀତିର ଅଂଶ ବିଶେଷ । ଏହାବ୍ୟତୀତ, ଆମର କମ୍ କାର୍ବନ ଏବଂ ଅଲଟ୍ରା-ଲୋ କାର୍ବନ ଗ୍ରୀନ୍ ଆଲୁମିନିୟମ୍ ଅକ୍ଷୟ ଶକ୍ତି ବ୍ୟବହାର କରି ଉତ୍ପାଦନ କରାଯାଉଥିବା ରେଷ୍ଟୋରା ଏବଂ ରେଷ୍ଟୋରା ଅଲଟ୍ରା ନିରନ୍ତର ଆଲୁମିନିୟମ ଉତ୍ପାଦନ ପାଇଁ ଶିଳ୍ପରେ ନୂତନ ମାନଦଣ୍ଡ ସ୍ଥାପନ କରୁଛି ।

ବେଦାନ୍ତ ଆଲୁମିନିୟମ ସିଓଓ ତଥା ବେଦାନ୍ତ ଝାରସୁଗୁଡ଼ାର ସିଇଓ ସୁନୀଲ ଗୁପ୍ତା କହିଛନ୍ତି ଯେ, 'ସ୍ଥାୟିତ୍ୱ ପ୍ରତି ଆମ ପ୍ରତିବଦ୍ଧତା ଆମକୁ ସବୁଜ ଶକ୍ତି ବିକଳ୍ପଗୁଡ଼ିକୁ ନିରନ୍ତର ଅନୁସନ୍ଧାନ ଏବଂ ଗ୍ରହଣ କରିବାକୁ ପ୍ରେରଣା ଦେଉଛି । ଆମର ପାୱାର ପ୍ଲାଣ୍ଟରେ ବାୟୋମାସକୁ କୋ-ଫାୟାରିଂ କରି ଆମେ କେବଳ ପାରମ୍ପରିକ ଜୀବାଶ୍ମ ଇନ୍ଧନ ଉପରେ ଆମର ନିର୍ଭରଶୀଳତା ହ୍ରାସ କରୁନାହୁଁ ବରଂ ଆମର ଗ୍ରିନ୍‌ହାଉସ୍ ଗ୍ୟାସ ନିର୍ଗମନକୁ ଯଥେଷ୍ଟ ହ୍ରାସ କରୁଛୁ । ୨୦୫୦ ସୁଦ୍ଧା ନିଟ୍-ଶୂନ୍ୟ କାର୍ବନ ନିର୍ଗମନ ହାସଲ କରିବା ପାଇଁ ଆମର ବ୍ୟାପକ ରଣନୀତିର ଏହି ପ୍ରୟାସ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କୁଟୁମ୍ବ ଯୋଜନାରେ ...

ଆନ୍ଦୋଳନ। ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ, ଧନୀ ଗରିବ ସମସ୍ତେ ଏ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ।

ସେ କହିଥିଲେ ଯେ ଓଡ଼ିଶାରେ ମଧ୍ୟ ଏ ଆନ୍ଦୋଳନର ପ୍ରଭାବ ସର୍ବବ୍ୟାପୀ ଥିଲା। କଟକ ଠାରୁ ଆରମ୍ଭକରି କୋରାପୁଟ ପର୍ଯ୍ୟନ୍ତ, ବାଲେଶ୍ୱରଠାରୁ ଆରମ୍ଭ କରି ବରଗଡ ପର୍ଯ୍ୟନ୍ତ, ଏ ଆନ୍ଦୋଳନ ଓଡିଶାର ପୁରପଲ୍ଲୀରେ ସଂଗ୍ରାମର ଶିଖା ପ୍ରଜ୍ୱଳିତ ହୋଇଥିଲା। ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ବିଶ୍ୱନାଥ ଦାସ, ଆଚାର୍ଯ୍ୟ ହରିହର ଓ ଆହୁରି ଅନେକ ନେତୃବୃନ୍ଦ ଗିରଫ ହୋଇଥିଲେ। କୋରାପୁଟରେ ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ ଜୋରଦାର ଆନ୍ଦୋଳନ ହୋଇଥିଲା। ଶେଷରେ ଲକ୍ଷ୍ମଣ ନାୟକଙ୍କୁ ଚରମ ବଳିଦାନ ଦେବାକୁ ପଡିଥିଲା ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଏ ସଂଗ୍ରାମ, ଏ ତ୍ୟାଗ ବାସ୍ତବରେ ଆଜିର ସମାଜ ପକ୍ଷରେ ଚିନ୍ତା କରିବା ମଧ୍ୟ କଷ୍ଟସାଧ୍ୟ। ସେଇ ମହାପୁରୁଷମାନଙ୍କ ତ୍ୟାଗର ଫଳ ହେଉଛି ଆଜିର ଉଦିତ ଭାରତ। ଆଜି ଆମର ବ୍ୟକ୍ତିଗତ ବା ସାମୂହିକ- ଯେ କୌଣସି କ୍ଷେତ୍ରରେ ଆମେ ଯଦି କିଛି ସଫଳତା ହାସଲ କରୁଛୁ, ଆମେ ଯଦି ଖୁସି ବା ଆନନ୍ଦିତ ହେଉଛୁ, ତେବେ ମନେ ରଖିବା ଦରକାର ଯେ ଆମର ଏ ସଫଳତା, ଖୁସି, ଆନନ୍ଦ ପଛରେ ରହିଛି ଆମର ସଂଗ୍ରାମୀମାନଙ୍କର ମହାନ ତ୍ୟାଗ। ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ଶହୀଦ ମାଧୋ ସିଂହ ଙ୍କ ସଂଗ୍ରାମର କାହାଣୀ ବର୍ଣ୍ଣନା କରିଥିଲେ।

ଆଜି ମଧ୍ୟ ଓଡିଶାରେ ଏକ କ୍ରାନ୍ତି ଆରମ୍ଭ ହେବାକୁ ଯାଉଛି। ଓଡିଆ ଅସ୍ମିତା ଆଜି ଆମର ଜନମାନସକୁ ଆଚ୍ଛାଦିତ କରିଛି। ଅସ୍ମିତାକୁ ସାଥିରେ ଧରି ବିକାଶର ମାର୍ଗରେ ଅଗ୍ରସର ହେବା ପାଇଁ ଓଡିଆ ଜାତି ଏକ ନୂଆ ଯାତ୍ରା ଆରମ୍ଭ କରିଛି।

ସେ କହିଥିଲେ ଯେ ୨୦୩୬ରେ ସ୍ୱତନ୍ତ୍ର ଓଡିଶାର ଶତ ବାର୍ଷିକୀ ପାଳିତ ହେବ । ୨୦୪୭ରେ ସ୍ୱାଧୀନତାର ଶତ ବାର୍ଷିକୀ ମଧ୍ୟ ପାଳିତ ହେବ। 'ବିକଶିତ ଭାରତ' ଏବଂ 'ବିକଶିତ ଓଡିଶା' ଆମର ଲକ୍ଷ୍ୟ। ଏଥିପାଇଁ ଆମେ ରୋଡମ୍ୟାପ ମଧ୍ୟ ପ୍ରସ୍ତୁତ କରୁଛୁ। ବିକଶିତ ଓଡିଶା ପାଇଁ ଆମର ଯାତ୍ରା ଓଡିଶା ଇତିହାସରେ ଆଣିବ 'ବିକାଶର ଏକ ନୂଆ କ୍ରାନ୍ତି'। ସେ କ୍ରାନ୍ତିରେ ପ୍ରତ୍ୟେକ ଓଡିଆ ହେବେ ଜଣେ ଜଣେ ସଂଗ୍ରାମୀ । ଶିକ୍ଷା, ସ୍ୱାସ୍ଥ୍ୟ, ଜ୍ଞାନ ବିଜ୍ଞାନ- ସବୁ କ୍ଷେତ୍ରରେ ଓଡିଆ ହେବେ ଅଗ୍ରଣୀ ବୋଲି ସେ କହିଥିଲେ। ଶେଷରେ ସମସ୍ତେ ଏ ନୂଆ ସଂଗ୍ରାମରେ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ବିକାଶର ଏ ନୂଆ କ୍ରାନ୍ତିରେ ଆମେ ପ୍ରତ୍ୟେକ ନିଜର ବ୍ୟକ୍ତିଗତ ସ୍ତରରେ ଯଥା ସମ୍ଭବ ଅବଦାନ ରଖିବା। ଆମର ଏ କ୍ରାନ୍ତି ନିଶ୍ଚୟ ସଫଳ ହେବ ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ ଯେତେବେଳେ ସମଗ୍ର ଦେଶ ଏକାଠି ହୋଇ ବ୍ରିଟିଶ ସରକାର ବିରୁଦ୍ଧରେ ଲଢିଲେ ସେତେବେଳେ ସ୍ୱାଧୀନତାର ରାସ୍ତା ଫିଟିଥିଲା। ଯେତେବେଳେ ଅନ୍ୟାୟ ଅତ୍ୟାଚାର ବଢିଛି ସେତେବେଳେ କ୍ରାନ୍ତି ଆରମ୍ଭ ହୋଇଛି। ସେ ପ୍ରକ୍ରିୟା ଆଜି ବି ଜାରି ରହିଛି ବୋଲି ସେ କହିଥିଲେ। କ୍ରୀଡା ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ଶହୀଦ ସ୍ତମ୍ଭ ଆଜି ପର୍ଯ୍ୟନ୍ତ ଦେଶବାସୀଙ୍କୁ ପ୍ରେରଣା ଦେଉଛି, ପ୍ରୋତ୍ସାହନ ଦେଉଛି। ଆଜିର ଏଭଳି କାର୍ଯ୍ୟକ୍ରମ ସାମୂହିକ ସ୍ତରରେ ହେବା ଆବଶ୍ୟକ ବୋଲି ସେ କହିଥିଲେ । ଅନେକ ପ୍ରଚ୍ଛଦପଟର ସଂଗ୍ରାମୀମାନଙ୍କୁ ଚିହ୍ନଟ କରିବାର ଦାୟିତ୍ୱ ସଂସ୍କୃତି ବିଭାଗ ଗ୍ରହଣ କରିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ମଧ୍ୟ ଯୋଗ ଦେଇ ଶହୀଦମାନଙ୍କ ସ୍ମୃତିଚାରଣ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ବିରୁପାକ୍ଷ ତ୍ରିପାଠୀ ଓ ଉପେନ୍ଦ୍ର ପାଢୀ ସଂଚାଳନ କରିଥିଲେ।

## ନିଟ୍-ପିଜି ...

ପଡ଼ିଛି, ସେଠାରେ ପହଞ୍ଚିବାକୁ ସେମାନଙ୍କୁ କଷ୍ଟ ହେବ। କାହାର ପରୀକ୍ଷା କେନ୍ଦ୍ର କେଉଁଠାରେ ହେବ, ସେ ନେଇ ଜୁଲାଇ ୩୧ରେ ସୂଚନା ଦେଇଥିଲା। ଏହି ପରୀକ୍ଷା ପରିଚାଳନା କରୁଥିବା ଏନବିଇଏମ୍‌ଏସ୍ ସେହିପରି ରବିବାର ପରୀକ୍ଷା ହେବାକୁ ଥିବା ବେଳେ ତାର ମାତ୍ର ଦୁଇ ଦିନ ପୂର୍ବରୁ ଅର୍ଥାତ ଗୁରୁବାର ପରୀକ୍ଷାର୍ଥୀମାନଙ୍କୁ ସେମାନଙ୍କ ପରୀକ୍ଷାକେନ୍ଦ୍ର ସଂପର୍କରେ ସୂଚନା ଦିଆଯାଇଥିଲା। ଏତେ କମ ସମୟ ମଧ୍ୟରେ ପରୀକ୍ଷାର୍ଥୀମାନଙ୍କୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାରେ ଅସୁବିଧା ହେବାକୁ ଥିବାରୁ ପରୀକ୍ଷାକୁ ଘୁଞ୍ଚାଇ ଦେବାକୁ ସେମାନେ ଦାବି କରିଥିଲେ।

ସେମାନେ ଆହୁରି ଯୁକ୍ତି କରିଥିଲେ ଯେ ଏହି ପରୀକ୍ଷା ଦୁଇଟି ସେସନରେ ହେବ ତେବେ ମାର୍କର ସାମାନ୍ୟକରଣ ବା ନରମାଲାଇଜେସନ କେମିତି କରାଯିବ, ସେ ନେଇ ଏଯାବତ କୌଣସି ସୂତ୍ର କୁହାଯାଇ ନାହିଁ ।

ଅନ୍ୟପକ୍ଷରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ତିନି ଜଣିଆ ବେଞ୍ଚ ଏହାର ଶୁଣାଣି କରି କହିଥିଲେ ଯେ ଆଉ ଦୁଇ ଦିନ ପରେ ନିଟ୍-ପିଜି ପରୀକ୍ଷା ହେବାକୁ ଥିବା ବେଳେ ଏହାକୁ ଘୁଞ୍ଚାଇବାକୁ ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ

ସୁପ୍ରିମକୋର୍ଟ କହିଥିଲେ ଯେ ଆମେ କିଭଳି ଏମିତି ଏକ ପରୀକ୍ଷାକୁ ସ୍ଥଗିତ ରଖିଦେବା। ଯଦି ଆବେଦନକୁ ଗ୍ରହଣ କରି ନିଆଯିବ, ତାହେଲେ ୨ ଲକ୍ଷ ଛାତ୍ରଛାତ୍ରୀ ଓ ୪ ଲକ୍ଷ ଅଭିଭାବକ ହନ୍ତସନ୍ତ ହେବେ। ୫ ଜଣ ଆବେଦନକାରୀଙ୍କ ପାଇଁ ଆମେ ୨ ଲକ୍ଷ ଶିକ୍ଷାର୍ଥୀଙ୍କ କ୍ୟାରିୟରକୁ ବିପଦ ମୁହଁକୁ ଠେଲି ଦେବା ଉଚିତ ହେବ କି ?

## ପଲିଥିନ ପରେ...

ରହିବା ଦ୍ୱାରା ଏହା ନଷ୍ଟ ହୋଇଯାଉଛି । ପତ୍ରଖଲିରେ ଉଈ ଆଦି ଲାଗିଯିବା ଯୋଗୁଁ ଅନେକ ସମୟରେ ତାହା ବ୍ୟବହାର ଉପଯୋଗୀ ହେଉନାହିଁ । ଫଳରେ ବ୍ୟବସାୟୀଙ୍କୁ କ୍ଷତି ସହିବାକୁ ପଡୁଛି । ରାଜଧାନୀରେ ଥିବା ବିଭିନ୍ନ ଦୋକାନରେ ପତ୍ରଖଲି ବଦଳରେ ପ୍ଲାଷ୍ଟିକ ପ୍ଲେଟ ସହଜରେ ଉପଲବ୍ଧ ହେଉଛି। ପ୍ଲାଷ୍ଟିକ ପ୍ଲେଟ୍‌ଗୁଡ଼ିକ ବିଭିନ୍ନ ହୋଟେଲ୍, ବିବାହ, ବ୍ରତ, ରାଜନୈତିକ କାର୍ଯ୍ୟକ୍ରମ, ଭୋଜିଭାତ ଆଦିରେ ବ୍ୟବହାର କରାଯାଉଛି।

ସୂଚନା ଅନୁସାରେ ଗୋଟିଏ ଦିନରେ ରାଜଧାନୀରୁ ୮୦୦ରୁ ୯୦୦ ଟନ ଆବର୍ଜନା ବାହାରୁଥିବା ବେଳେ ଏହି ପ୍ଲାଷ୍ଟିକ ପ୍ଲେଟର ମାତ୍ରା ପ୍ରତିଶତ ରହିଛି । ଏକକ ବ୍ୟବହାର ଯୋଗ୍ୟ ଏହି ପ୍ଲାଷ୍ଟିକ ପ୍ଲେଟଗୁଡ଼ିକ ବାହାରେ ପଡ଼ିଲେ ମଧ୍ୟ ସଂଗୃହିତ ହୋଇ ପୁନଃଚକ୍ରଣ ପାଇଁ ଯାଇ ପାରୁନାହିଁ । ଫଳରେ ଖରା, ବର୍ଷା, ଶୀତ, କାକରରେ ପଡ଼ିରହୁଛି । ସମୟକ୍ରମେ ସେସବୁ ଭାଙ୍ଗି ଛୋଟ ଛୋଟ ଖଣ୍ଡରେ ପରିଣତ ହେଉଛି, ଯାହାକୁ ଆମେ ନାନୋ ପ୍ଲାଷ୍ଟିକ ବା ମାଇକ୍ରୋ ପ୍ଲାଷ୍ଟିକ ବୋଲି କହିଥାଉ। ଏସବୁ ବାୟୁ ଓ ଜଳ ମାଧ୍ୟମରେ ଉଡ଼ି ଆମ ଶରୀରରେ ପ୍ରବେଶ କରିବା ଦ୍ୱାରା ବିଭିନ୍ନ ପ୍ରକାରର ଶ୍ୱାସଜନିତ ସମସ୍ୟା ଦେଖାଦେଉଛି । ଯାହା କର୍କଟ ରୋଗ ସୃଷ୍ଟି କରିବାରେ ସହାୟକ ହୋଇଥାଏ। ସହରାଞ୍ଚଳରେ ଏହିସବୁ ପ୍ଲାଷ୍ଟିକ ଖଲି ପବନରେ ଉଡ଼ି ଡ୍ରେନ୍‌ରେ ପଡ଼ିବା ଦ୍ୱାରା ଜଳନିଷ୍କାସନ ବ୍ୟବସ୍ଥାରେ ବାଧକ ସୃଷ୍ଟି ହେଉଛି ଓ ଜଳବନ୍ଦୀ ସମସ୍ୟା ସୃଷ୍ଟି କରୁଛି ବୋଲି କହିଛନ୍ତି ପରିବେଶବିତ ଜୟକୃଷ୍ଣ ପାଣିଗ୍ରାହୀ।

## ଖଣିଭିତ୍ତିକ ଶିଳ୍ପ ...

ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଖଣିଗୁଡିକର ପାରିପାର୍ଶ୍ୱିକ ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ, ଶୁଦ୍ଧ ପାନୀୟ ଜଳ ଯୋଗାଣ, ଦାରିଦ୍ର୍ୟ ଦୂରୀକରଣ, ସୁଦୃଢ଼ ଗମନାଗମନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ଓଡିଶା ଖଣି ନିଗମର ଚେୟାରମ୍ୟାନ ଓ ପରିଚାଳନା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଏସଆରର ପ୍ରମୁଖ ଅଂଶ ଖଣି ଅଞ୍ଚଳର ଅଧିବାସୀମାନଙ୍କ ଜୀବନଶୈଳୀର ବିକାଶ ଓ ଉନ୍ନତି ପାଇଁ ଖର୍ଚ୍ଚ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ।ସୂଚନା ଯୋଗ୍ୟ ଓଡିଶାର ବିଭିନ୍ନ ଶିଳ୍ପାନୁଷ୍ଠାନ ଯେଉଁ ମାନଙ୍କର ନିଜସ୍ୱ ଖଣି ନାହିଁ ସେମାନଙ୍କୁ ଓଡିଶା ଖଣି ନିଗମ କଞ୍ଚାମାଲ ଯୋଗାଇ ଦେଉଛି। ତେଣୁ ଏହାର ଉତ୍ପାଦନ କ୍ଷମତା ବୃଦ୍ଧି କରିବା ନିତ୍ୟାନ୍ତ ଆବଶ୍ୟକ। କ୍ରୋମର ବଡ ଉତ୍ପାଦକ ସହିତ ଲୁହା ପଥର କ୍ଷେତ୍ରରେ ଦେଶର ଚତୁର୍ଥ ବୃହତ ଉତ୍ପାଦନକାରୀ ନିଗମ ଭାବେ ଓଡିଶା ଖଣି ନିଗମ ମାନ୍ୟତା ପାଇଛି । ଏହି ସମୀକ୍ଷା ବୈଠକରେ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଖଣି ଓ ଇସ୍ପାତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡି.କେ. ସିଂ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଓଡିଶା ଖଣି ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବଲୱନ୍ତ ସିଂ ଉପସ୍ଥିତ ଥିଲେ ।

## ୧୦ ଜିଲ୍ଲାପାଳଙ୍କୁ ...

ଅବବାହିକାର ଥିବା ତଳିଆ ଅଞ୍ଚଳରେ ବନ୍ୟା ପାଣି ପଶିଛି। କଟକ ଜିଲ୍ଲା ଆଠଗଡ଼ର ବଡ଼ଭୂଇଁ ଖଣ୍ଡହତାକୁ ସଂଯୋଗ କରୁଥିବା ବଡ଼ବନ୍ଧିଆଣି ରାସ୍ତା ସହ ପୋଲ ଉପରେ ୨ ଫୁଟ ବନ୍ୟା ପାଣି ପ୍ରବାହିତ ହେଉଛି । ଫଳରେ ଏହି ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଛି । ସେହିପରି ଉତ୍ତରବାଙ୍କୀ ଘୋଡାବରଠାରେ ହୁଲୁହୁଲି ପୋଲ ଦେଇ ମହାନଦୀ ବନ୍ୟା ଜଳ ପଶି ତିଗିରିଆ ଓ ଉତ୍ତରବାଙ୍କୀ ଅଞ୍ଚଳର ହଜାର ହଜାର ଏକର ଚାଷ ଜମି ଜଳମଗ୍ନ ହୋଇଛି।

ସେହିପରି ମହାନଦୀରେ ଦ୍ୱିତୀୟ ବନ୍ୟା ପାଣି ଆସିବାରୁ ଉଛୁଳିଛି ମହାନଦୀର ଶାଖା ରଣ ନଦୀ । ଫଳରେ ବାଙ୍କୀର ତାଳବସ୍ତ ଓ ବିଲିପଡା ରାସ୍ତାରେ ୨ ଫୁଟ ପାଣି ପ୍ରବାହିତ ହେଉଛି । ହେକ୍ଟର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଯାଇଛି । ମହାନଦୀର ଜଳସ୍ତର ବଢୁଥିବାରୁ ଆଗକୁ ଅଧିକ ଅଞ୍ଚଳ ଜଳବନ୍ଦୀ ହେବା ଆଶଙ୍କା ରହିଛି।

## ରାଜ୍ୟସଭା ଅଧ୍ୟକ୍ଷ...

ସହକର୍ମୀ, ମାତ୍ର ଆପଣଙ୍କ ସ୍ୱର ଗ୍ରହଣୀୟ ନୁହେଁ ବୋଲି ଜୟା ବଚ୍ଚନ ରାଜ୍ୟସଭା ଅଧ୍ୟକ୍ଷ ଧନଖଡଙ୍କ ଉଦ୍ଦେଶ୍ୟରେ କହିଥିଲେ।

ଏହାପରେ ଧନଖଡ ଜୟାଙ୍କୁ କହିଥିଲେ, ଯଦି ଆପଣ ଜଣେ ସେଲିବ୍ରିଟି ତେବେ ନିୟମର ମହତ୍ୱକୁ ବୁଝନ୍ତୁ । ଜୟା ଜୀ ଆପଣ ବହୁତ ଖ୍ୟାତି ଅର୍ଜନ କରିଛନ୍ତି ଓ ଏକଥା ଜାଣନ୍ତି ଯେ ଜଣେ ଅଭିନେତା/ଅଭିନେତ୍ରୀ ସର୍ବଦା ନିର୍ଦ୍ଦେଶକଙ୍କ ଅଧୀନରେ ରୁହନ୍ତି । କିନ୍ତୁ ପ୍ରତିଦିନ ମୁଁ ନିଜକୁ ପୁନରାବୃତ୍ତି କରିବାକୁ ଚାହେଁ ନାହିଁ । ପ୍ରତିଦିନ ମୁଁ ଶିଖାଇବାକୁ ଚାହୁଁନି । ଆପଣ ମୋ ସ୍ୱର ବିଷୟରେ କହୁଛନ୍ତି ଏହା ଯଥେଷ୍ଟ ହୋଇଗଲା ବୋଲି ଧନଖଡ କହିଥିଲେ।

## ଉପାନ୍ତ ଅଞ୍ଚଳରେ ...

ଏହି ଉଦ୍‌ଘାଟନ ସମାରୋହରେ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିବା ନବନିର୍ମିତ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ, ଛାତ୍ରଛାତ୍ରୀ, ସରକାରୀ ଅଧିକାରୀ ଓ ଜନପ୍ରତିନିଧିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ କହିଥିଲେ ଯେ, ୮ଟି ଜିଲ୍ଲାର ୧୪ଟି ବ୍ଲକରେ ସ୍ନାତକ ମହାବିଦ୍ୟାଳୟ ସ୍ଥାପନା ହୋଇଛି, ଯାହା ଫଳରେ ଶିକ୍ଷା ସୁବିଧା ଓଡ଼ିଶାର ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ଛାତ୍ରଛାତ୍ରୀମାନଙ୍କ ନିକଟରେ ପହଞ୍ଚି ପାରିଛି। ଏଥି ସହିତ ସେ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ କଠିନ ପରିଶ୍ରମ କରି ଏକ ସୁନ୍ଦର ଭବିଷ୍ୟତ ନିର୍ମାଣ କରନ୍ତୁ ବୋଲି ଉପଦେଶ ଦେଇଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ବଣାଇର ବିଧାୟକ ଲକ୍ଷ୍ମଣ ମୁଣ୍ଡା ଓ ଲକ୍ଷ୍ମୀପୁରର ବିଧାୟକ ପବିତ୍ର ସାଉଁଟା ଯୋଗଦାନ କରି ମହାବିଦ୍ୟାଳୟ ଉଦ୍‌ଘାଟନ ସମାରୋହ ଅବସରରେ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ସରକାରଙ୍କ ଏହି ପଦକ୍ଷେପ ଶିକ୍ଷାକ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ ବୋଲି ମତ ପ୍ରକାଶ କରିଥିଲେ । ଏହା ପରେ ମହାବିଦ୍ୟାଳୟରେ ନବନିଯୁକ୍ତ ଅଧ୍ୟକ୍ଷ ଓ ନୂତନ ଭାବେ ଯୋଗଦେଇଥିବା ଛାତ୍ରଛାତ୍ରୀମାନେ ନିଜର ଅନୁଭୂତି ଜଣାଇବା ସହ ଉଚ୍ଚଶିକ୍ଷା ବିଭାଗର କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ, ଆଭାସୀ ମାଧ୍ୟମରେ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଉପସ୍ଥିତ ଥିଲେ। ଉଚ୍ଚଶିକ୍ଷା ବିଭାଗର ଯୁଗ୍ମସଚିବ ସ୍ନିଗ୍ଧା ଚମ୍ପତିରାୟ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଏଡିଆର ଓ ଭିଏଫଡି ରିପୋର୍ଟ ଦେଶରେ ନିର୍ବାଚନ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି: ବିଜେଡି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ବିଜୁ ଜନତା ଦଳ ମୁଖ୍ୟାଳୟ ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର ନିକଟରେ ଜାତୀୟ ସ୍ତରରେ ପ୍ରକାଶିତ ହୋଇଥିବା ଏଡିଆର ରିପୋର୍ଟ ଓ ଭଏସ୍ ଫର ଡେମୋକ୍ରେସୀ ରିପୋର୍ଟ ଉପରେ ଆଲୋକପାତ କରି ଏହା ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି କହିଥିଲେ।

ସେ କହିଥିଲେ, ନିକଟରେ ଆସୋସିଏସନ ଫର ଡେମୋକ୍ରାଟିକ ରିପୋର୍ଟ ଓ ଭଏସ ଫର ଡେମୋକ୍ରେସି ପରି ଦୁଇ ଜାତୀୟ ସଂସ୍ଥା ଦ୍ୱାରା ପ୍ରକାଶିତ ହୋଇଛି। ଯେଉଁଥିରେ ଭୋଟ ଦିନ ପ୍ରକାଶିତ ହୋଇଥିବା ସମୁଦାୟ ଭୋଟ ଓ ଭୋଟ ଗଣତି ଦିନ ଜଣା ପଡ଼ିଥିବା ସମୁଦାୟ ଭୋଟର ପାର୍ଥକ୍ୟ ପାଞ୍ଚ କୋଟିରୁ ଅଧିକ ରହିଛି। ସମୁଦାୟ ଭୋଟରେ ଏତେ ବଡ଼ ବ୍ୟବଧାନ ନିଶ୍ଚିତ ଭାବେ ଏକ ବଡ଼ ବ୍ୟତିକ୍ରମ ଓ ଆମ ସାମ୍ବିଧାନିକ ବ୍ୟବସ୍ଥା ପାଇଁ ଏକ ପ୍ରଶ୍ନବାଚୀ । ଏହି ରିପୋର୍ଟ ଅନୁଯାୟୀ, ନିର୍ବାଚନ ହୋଇଥିବା ୫୪୧ ସିଟ୍ ମଧ୍ୟରୁ ୫୩୮ଟି ସିଟ୍‌ରେ ଏହି ବ୍ୟତିକ୍ରମ ଦେଖିବାକୁ ମିଳିଛି । ଏହି ରିପୋର୍ଟ ଅନୁଯାୟୀ, ଅନୁନ୍ୟ ୭୯ଟି ଏମ୍‌ପି ଆସନରେ ଏହି ବ୍ୟତିକ୍ରମ କାରଣରୁ ବିଜେପିର ବିଜୟପାଇଁ ସହାୟକ ହୋଇଛି । ସେହିପରି ଓଡ଼ିଶାର ୧୮ଟି ଲୋକସଭା ଆସନରେ ମଧ୍ୟ ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି ବୋଲି ଶ୍ରୀମତୀ ସାମନ୍ତସିଂହାର କହିଥିଲେ।

ସେ ଆହୁରି କହିଥିଲେ, ଏହି ରିପୋର୍ଟକୁ ଅନୁଧ୍ୟାନ କଲେ ଆମ ଦେଶର ସାମ୍ବିଧାନିକ ବ୍ୟବସ୍ଥା ଉପରେ ସ୍ୱାଭାବିକ ଭାବେ ପ୍ରଶ୍ନବୋଚୀ ସୃଷ୍ଟି କରିଛି । ଯଦିଓ ନିର୍ବାଚନ କମିଶନର ଇଭିଏମର ସ୍ୱଚ୍ଛତା ଉପରେ ବାରମ୍ବାର ଦୃଢୋକ୍ତି ପ୍ରକାଶ କରିଛନ୍ତି, ଏହି ରିପୋର୍ଟ ଜନସାଧାରଣଙ୍କ ମନରେ ଇଭିଏମର ସ୍ୱଚ୍ଛତା ଓ ନିରପେକ୍ଷତା ଉପରେ ପ୍ରଶ୍ନ ସୃଷ୍ଟି ହୋଇଛି। ତେଣୁ ଆମ ଦେଶର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ ରଖିବା ପାଇଁ ଏହା ଉପରେ ଏକ ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକତା

# ପ୍ରୋଫାଇଲରେ ଲଗାନ୍ତୁ ତ୍ରିରଙ୍ଗା ଫଟୋ, ହର ଘର ତ୍ରିରଙ୍ଗା ଡଟକମରେ ସେୟାର କରନ୍ତୁ ସେଲଫି-ପିଏମ ମୋଦି

**ନୂଆଦିଲ୍ଲୀ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଦେଶର ନାଗରିକଙ୍କୁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ତ୍ରିରଙ୍ଗା ବାଲା ନିଜ ପ୍ରୋଫାଇଲ ଫଟୋ ଲଗାଇବାକୁ ଅନୁରୋଧ କରିଛନ୍ତି । ସେ ନିଜ ପ୍ରୋଫାଇଲ ଫଟୋ ମଧ୍ୟ ବଦଳାଇଦେଇଛନ୍ତି । ଏହା ବଦଳରେ ସେ ଭାରତୀୟ ପତାକା ଲଗାଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ହର୍ ଘର ତ୍ରିରଙ୍ଗା ଆନ୍ଦୋଳନକୁ ଏକ ସ୍ମରଣୀୟ ଜନ ଆନ୍ଦୋଳନ କରିବା ପାଇଁ ସମସ୍ତଙ୍କୁ ଏଭଳି କରିବାକୁ ଅନୁରୋଧ କରିଛନ୍ତି । ସେ ସମସ୍ତଙ୍କୁ ହର୍ ଘର ତ୍ରିରଙ୍ଗା ଡଟ କମରେ ତ୍ରିରଙ୍ଗା ସହିତ ସେଲ୍ଫି ସେୟାର କରିବାକୁ ଅନୁରୋଧ କରିଛନ୍ତି । ଏକ୍ସ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଚଳିତ ବର୍ଷ ସ୍ୱାଧୀନତା ଦିବସ ଆସୁଛି, ଆସନ୍ତୁ ଆମେ ପୁଣି ଥରେ ହର୍ ଘର ତ୍ରିରଙ୍ଗାକୁ ଏକ ସ୍ମରଣୀୟ ଜନ ଆନ୍ଦୋଳନ ବନାଇବା । ମୁଁ ମୋର ପ୍ରୋଫାଇଲ ଫଟୋ ବଦଳାଇଛି ଏବଂ ମୁଁ ଆପଣ ସମସ୍ତଙ୍କୁ ଅନୁରୋଧ କରୁଛି ଯେ, ଏଭଳି କରିବା ଆମର ତ୍ରିରଙ୍ଗାକୁ ମନାଇବା ପାଇଁ ମୋର ସହଯୋଗ କରନ୍ତୁ । ଏବଂ ହର୍ ଘର ତ୍ରିରଙ୍ଗା ଡଟ କମରେ ନିଜର ସେଲଫି ନିଶ୍ଚିତ କରନ୍ତୁ ।

**CUTTACK MUNICIPAL CORPORATION**
C-397
**"e" PROCUREMENT NOTICE**
**Tender Call Notice No. 5888 (PW) date.08.08.2024**
**Tender ID : 2024_ORULB_103297**

Civil work-3 Nos
Bid Value : **Rs. 3.42 Lakhs to Rs. 42.01 Lakhs**
Date and Time schedule : One calendar Month to Three Calendar Month

| Start | End | Opening |
|---|---|---|
| 11.00 AM on dt. 09.08.2024 | 5.00 PM on dt.17.08.2024 | 11.00 A.M. on dt.22.08.2024 |

Tender Details : can be seen from the procurement portal : **www.tendersorissa.gov.in**

**Sd/- Executive Engineer**
**City Division-II, CMC**
**OIPR-13031/11/0031/2425**

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. **MCSW-Thinclient-24-25-20**
**କାର୍ଯ୍ୟର ନାମ :** ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱରରେ କର୍ମଶାଳା ଅନୁଯାୟୀ ୱାଇଜ୍ ମଡ୍ୟୁଲର କାର୍ଯ୍ୟାନ୍ୱୟନ ପାଇଁ 20ଟି ଥିନ୍ କ୍ଲାଏଣ୍ଟ ପିସି (100 ପର୍ଯ୍ୟନ୍ତ ବିସ୍ତାରଯୋଗ୍ୟ), 01 ସର୍ଭର, ଏସି ସର୍ଭର କ୍ୟାବିନେଟ୍, OFC କନେକ୍ଟିଭିଟି, LAN ସହିତ ସମ୍ବନ୍ଧିତ ଯୋଗାଣ, ସଂସ୍ଥାପନ ଏବଂ କମିଶନ ।
**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** 38,19,188.00, EMD (ଟଙ୍କାରେ): 76,400.00, ଶେଷ ହେବା ଅବଧି : 06 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.12.08.2024ରିଖ,
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :**
ତା.26.08.2024 ରିଖ 1500 ଘଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର **http://www.ireps.gov.in** ରେ ଉପଲବ୍ଧ ଅଟେ ।
ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର,
PR-405/P/24-25 ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
CAD-807
**ଆକାଶ ଶୋଭା ବିଲ୍‌ଡିଂ**
**ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧**
ପତ୍ର ସଂଖ୍ୟା ୨୪୯୩୯ / ଭୁ.ଉ.କ., ଭୁବନେଶ୍ୱର MA-67/78 **ସୂଚନା** ତା ୦୬.୦୮.୨୦୨୪ରିଖ

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନୟାପଲ୍ଲୀ ହାଉସିଂ ସ୍କିମ୍, ନୟାପଲ୍ଲୀ, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-MA-28 କୁ **କମଳା ସାହୁ, ସ୍ୱାମୀ-ଅଭିନ୍ନ ଚନ୍ଦ୍ର ସାହୁ, ଗ୍ରାମ-ଅନୁଗୁଳ ଟାଉନ, ପୋଷ୍ଟ/ଥାନା-ଅନୁଗୁଳ, ଜିଲ୍ଲା-ଅନୁଗୁଳ, ଓଡ଼ିଶାଙ୍କ** ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ **କମଳା ସାହୁ** ଗତ ତା-୦୩.୦୮.୨୦୦୧ ରିଖରେ ମୃତ୍ୟୁବରଣ କରିଅଛନ୍ତି। **(Death certificate No.7726/2024** dated 04.07.2024**).** ଆବଣ୍ଟନଗ୍ରାହୀ **କମଳା ସାହୁଙ୍କ** ସ୍ୱାମୀ-ଅଭିନ୍ନ ଚନ୍ଦ୍ର ସାହୁ ଗତ ତା-୦୮.୦୧.୨୦୨୪ ରିଖରେ ମୃତ୍ୟୁ ବରଣ କରିଅଛନ୍ତି। **(Death certificate No.976/2024** date 24.01.24).

**Legal heir certificate No. E-LHC/2024/78483 dated 07.06.2024** ଅନୁଯାୟୀ **ଅଭିନ୍ନ ଚନ୍ଦ୍ର ସାହୁଙ୍କର** ଉତ୍ତରାଧିକାରୀ (୧) ସୁଜାତା ପ୍ରିୟଦର୍ଶିନୀ (ବିବାହିତା କନ୍ୟା), (୨) ଅମିତାଭ ସାହୁ (ପୁତ୍ର), (୩) ଅମିତା ସାହୁ (ବିବାହିତା କନ୍ୟା) ଅଟନ୍ତି।

ବର୍ତ୍ତମାନ ଅମିତାଭ ସାହୁ ପଞ୍ଜିକୃତ ନାଦାବି ପତ୍ର (Registered deed of Relinquishment Document No.11082405782 dated 21.06.2024) ମାଧ୍ୟମରେ ଉକ୍ତ ଗୃହରେ ଥିବା ନିଜର ଅଧିକାର/ଅଂଶକୁ ସୁଜାତା ପ୍ରିୟଦର୍ଶିନୀ ଓ ଅମିତା ସାହୁଙ୍କୁ ହସ୍ତାନ୍ତର କରିଅଛନ୍ତି।

ସୁତରାଂ ଉକ୍ତ ଗୃହଟି ସୁଜାତା ପ୍ରିୟଦର୍ଶିନୀ ଓ ଅମିତା ସାହୁଙ୍କ ନାମରେ ସମ୍ପୂର୍ଣ୍ଣ ମାଲିକାନା ସତ୍ୱ ପରିବର୍ତ୍ତନ କରାଯିବା ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ୧୫(ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
OIPR-13033/11/0106/2425 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଭୁବନେଶ୍ୱର
୧୦ ଅଗଷ୍ଟ
ଶନିବାର, ୨୦୨୪

RNI Regd. No. : 52640/94
Postal Regd. No. : BN/60/22-24

# ଧାନର ସର୍ବନିମ୍ନ ସହାୟକ ମୂଲ୍ୟ, ମଣ୍ଡିରେ ସ୍ୱଚ୍ଛ ବିକ୍ରୟ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୯।୮: ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ପୂର୍ବାହ୍ନରେ ଲୋକସେବା ଭବନସ୍ଥିତ କନଫରେନ୍ସ ହଲ୍‌ରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମୃଦ୍ଧ କୃଷକ ଯୋଜନା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ଭି.ଭି. ଯାଦବ, କୃଷି ଓ କୃଷକ ସଶକ୍ତିକରଣ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢୀ, ସମବାୟ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧୁରୀ ଓ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ପି-ପାସ୍ ଜରିଆରେ ନିର୍ଦ୍ଧାରିତ ସମୟ ମଧ୍ୟରେ ରବି ଓ ଖରିଫ ଧାନର ସଂଗ୍ରହ, ରକ୍ଷଣାବେକ୍ଷଣ କାର୍ଯ୍ୟକୁ ତ୍ୱରାନ୍ୱିତ ଭାବରେ କରିବା ସହ ମଣ୍ଡି ସହାୟତାରେ ଧାନର ସଂଗ୍ରହ ପାଇଁ ଠିକ୍ ପରିମାଣର ଟୋକନ୍ ସମସ୍ତ ଯୋଗ୍ୟ କୃଷକଙ୍କୁ ମିଳିବା ଆବଶ୍ୟକ। ଏହି ସବୁ କାର୍ଯ୍ୟର ତଦାରଖ ହେବା ସହ ଆଧାର ସଂଯୋଗୀକୃତ କୃଷକଙ୍କ ତଥ୍ୟ ଯାଞ୍ଚ କରି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାର ସର୍ବନିମ୍ନ ସହାୟକ ମୂଲ୍ୟ ଯୋଗାଇଦେବା ପାଇଁ ଶ୍ରୀ ସିଂହଦେଓ ଗୁରୁତ୍ୱାରୋପ କରିଥିଲେ। ମିଲ୍‌ଗୁଡ଼ିକୁ ସେମାନଙ୍କର ଷ୍ଟକ ଯାଞ୍ଚ ସହ ପ୍ରତି ମିଲ୍‌ର କ୍ଷମତା ଅନୁସାରେ ପ୍ରମାଣପତ୍ର ପ୍ରଦାନ କରାଯିବ ଏବଂ ସେହି ପ୍ରମାଣପତ୍ରକୁ ବିଲ୍ ସହ ତୁଳନା କରାଯାଇ ବିଜୁଳି ବିଲ୍‌ରେ ରିହାତି ପ୍ରଦାନ କରାଯିବ। ଧାନ ବିକ୍ରି ପାଇଁ ଦିଆଯାଉଥିବା ଟୋକେନର ଅବଧି ବଢେଇବା ସହ ନବୀକରଣ କରାଇବାକୁ ମଧ୍ୟ ଶ୍ରୀ ସିଂହଦେଓ ପରାମର୍ଶ ଦେଇଥିଲେ।

ଚଳିତ ବର୍ଷ ରାଜ୍ୟ ବଜେଟ୍‌ରେ ସରକାର ୫୦୦୦ କୋଟି ଟଙ୍କା ସମୃଦ୍ଧ କୃଷକ ଯୋଜନା ପାଇଁ ବ୍ୟୟ ବରାଦ କରିଛନ୍ତି। ଶୁକ୍ରବାର ସୁଦ୍ଧା ୮.୫୬ ଲକ୍ଷ କୃଷକ ଉତ୍ପାଦିତ ଫସଲକୁ ମଣ୍ଡି ସହାୟତାରେ ବିକ୍ରି କରିସାରିଛନ୍ତି। ତତ୍ ସହିତ ବିହନ ଯୋଗାଉଥିବା କୃଷକ ସଂସ୍ଥାକୁ ବିହନର ପରିମାଣକୁ ଆଧାର କରି କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ସହାୟତା ପ୍ରଦାନ କରାଯିବ। ଆବଶ୍ୟକ ସ୍ଥଳେ ଯୋଗ୍ୟ କୃଷକଙ୍କୁ ଅଗ୍ରୀମ ଟୋକେନ ଏସ୍‌ଏମ୍‌ଏସ୍ ଜରିଆରେ ଯୋଗାଇ ଦିଆଯିବ। ମଣ୍ଡିରେ ଧାନ ବିକ୍ରୟର ୨୪ ରୁ ୪୮ ଘଣ୍ଟା ମଧ୍ୟରେ ଅନ୍‌ଲାଇନ ମାଧ୍ୟମରେ ସମ୍ପୂର୍ଣ୍ଣ ଦେୟ ପ୍ରାପ୍ତ ହେବ। ଫସଲହାନୀ ଓ ଅସାଧୁ ଉପାୟ ଅବଲମ୍ବନକୁ ପ୍ରତିରୋଧ କରିବା ପାଇଁ ଡିଜିଟାଲ କ୍ରପ ସର୍ଭେର ବ୍ୟବହାର କରାଯାଉଛି। ସରକାରୀ ଅଧିକାରୀମାନେ ଏହି ସର୍ଭେର ପ୍ରତ୍ୟକ୍ଷ ତଦାରଖ କରିବେ। ପାକ୍ସ, ଲ୍ୟାମ୍ପସ ଓ ପାଣି ପଞ୍ଚାୟତଗୁଡିକ ପଞ୍ଜୀକରଣ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଏହା ଛଡ଼ା ସାଟେଲାଇଟ୍ ଜରିଆରେ ମଧ୍ୟ ପି-ପାସ୍ ଗୁଡିକର ସର୍ଭେ କରାଯିବ ବୋଲି ବୈଠକରେ କୁହାଯାଇଥିଲା।



ଭୁବନେଶ୍ୱର : ପୋଲିସର ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି ହେବା ପରିପ୍ରେକ୍ଷୀରେ ବାଣୀବିହାର ଛକ ଠାରୁ ସତ୍‌ସଙ୍ଗ ବିହାର ପର୍ଯ୍ୟନ୍ତ ଜାତୀୟ ରାଜପଥରେ ଟ୍ରାଫିକ୍ ଜାମ୍। (ସମ୍ବାଦ କଳିକା)



ଭୁବନେଶ୍ୱର : ଲୋକସେବା ଭବନରେ ଓରୀ ଏନର୍ଜି ଲିଃର ସିଏମ୍‌ଡି ହିତେଷ ସି ଦୋଷି ଓ ତାଙ୍କ ଟିମ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଆଲୋଚନା କରୁଛନ୍ତି। (ସମ୍ବାଦ କଳିକା)

## ପ୍ରଜାତନ୍ତ୍ରର ୭୭ତମ ଜନ୍ମବାର୍ଷିକୀ

# ଓଡ଼ିଆ ଜାତିର ପ୍ରଗତିରେ 'ପ୍ରଜାତନ୍ତ୍ର'ର ଭୂମିକା ଗୁରୁତ୍ୱପୂର୍ଣ୍ଣ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୯।୮: ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ଓଡ଼ିଶାର ଅନ୍ୟତମ ପ୍ରାଚୀନ ସମ୍ବାଦପତ୍ର 'ପ୍ରଜାତନ୍ତ୍ର' ନିଜର ୭୭ତମ ଜନ୍ମବାର୍ଷିକୀ ଉତ୍ସବ ପାଳନ କରୁଛି ଓ ଏଥିରେ ଯୋଗ ଦେବା ମୋ ପାଇଁ ଅତ୍ୟନ୍ତ ଆନନ୍ଦର ବିଷୟ। ଏହି ଅବସରରେ ଅନେକ ସ୍ମୃତି ମନକୁ ଆନ୍ଦୋଳିତ କରୁଛି। ଓଡ଼ିଆ ଜାତିର ଗତି, ପ୍ରଗତି, ଅର୍ଥନୈତିକ ଓ ସାମାଜିକ ବିକାଶ, ଲୋକସମସ୍ୟାର ଉତ୍ଥାପନ ଆଦି କ୍ଷେତ୍ରରେ ପ୍ରଜାତନ୍ତ୍ର ଭଳି ଏକ ସମ୍ବାଦପତ୍ରର ଭୂମିକା ଯେ କେତେ ଗୁରୁତ୍ୱପୂର୍ଣ୍ଣ ରହିଆସିଛି, ସେସମ୍ପର୍କରେ ଯେତେ କହିଲେ କମ୍ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।



ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ପରିକଳ୍ପନା ଥିଲା ଓଡ଼ିଆ ଲୋକଙ୍କ ସମସ୍ୟାକୁ ବ୍ରିଟିଶ ସରକାରଙ୍କ ଦୃଷ୍ଟିକୁ ଆଣିବା ଏବଂ ଓଡ଼ିଶାରେ ଗାନ୍ଧୀ ଦର୍ଶନର ପ୍ରଚାର ଓ ପ୍ରସାର କରିବା। ୧୯୨୪ ଅକ୍ଟୋବରରେ ଡକ୍ଟର ମହତାବ ଲେଖିଥିଲେ- ପ୍ରଜାତନ୍ତ୍ର କେବେ ହେଁ କାହାର ଖୋସାମତ କରିବ ନାହିଁ କିମ୍ବା ସତ୍ୟରୁ ବିଚଳିତ ହେବ ନାହିଁ। ଗୋଟିଏ ସମ୍ବାଦପତ୍ରର ଭୂମିକାକୁ ଏହିଭଳି ସରଳ ଭାଷାରେ ପ୍ରକାଶ କରିଥିଲେ ଡକ୍ଟର ମହତାବ। ପ୍ରତ୍ୟେକ ସମୟରେ ସମ୍ବାଦପତ୍ରର ଲକ୍ଷ୍ୟ ଓ ଭୂମିକା ଏହିଭଳି ହେବା ଉଚିତ୍। ବେସାଲିସ, ସ୍ୱଚ୍ଛ, ଲୋକାଭିମୁଖୀ ଓ ସତ୍ୟାଶ୍ରୟୀ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ପ୍ରକାଶ ପାଇଥିଲା। ବିପ୍ଳବୀର ଭୂମିକା ସ୍ୱାଧୀନତା ଆନ୍ଦୋଳନର ପୃଷ୍ଠଭୂମି ଉପରେ ଲୋକ ସଚେତନତା ସୃଷ୍ଟି କରିବାରେ ପ୍ରଜାତନ୍ତ୍ର ପାଳିଥିଲା ତତ୍କାଳୀନ ଓଡ଼ିଶାରେ ସଂଗ୍ରାମୀମାନଙ୍କର ପ୍ରମୁଖ ପ୍ରେରଣା। ସଂପାଦକୀୟରେ ପ୍ରକାଶ ପାଉଥିଲା ଗ୍ରାମ ପଞ୍ଚାୟତ, ଦେଶ ମିଶ୍ରଣ, ଜାତୀୟ ଶିକ୍ଷା, ରାଜବନ୍ଦୀ, ଦୁର୍ଭିକ୍ଷ ଓ ତା'ର ନିରାକରଣ, ସ୍ୱରାଜ୍ୟ, ଉତ୍କଳ ସମ୍ମିଳନୀ ଉପରେ ଆଲେଖ୍ୟ। ଏଥି ସହିତ ବିଧବା ବିବାହ, ଛୁଆଁ ଅଛୁଆଁ ଭେଦଭାବ, ମାଦକ ଦ୍ରବ୍ୟ ବ୍ୟବହାର ବିରୁଦ୍ଧରେ ମଧ୍ୟ ପ୍ରଜାତନ୍ତ୍ର ହିଁ ସୃଷ୍ଟି କରିଥିଲା ଅଭୂତପୂର୍ବ ସଚେତନତା।

ପ୍ରଜାତନ୍ତ୍ରର ବିପ୍ଳବୀ ଭୂମିକାକୁ ଲକ୍ଷ୍ୟ କରି ପୁଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀ ଲେଖିଥିଲେ- ପ୍ରଜାତନ୍ତ୍ର ଅତ୍ୟାଚାର ବିରୁଦ୍ଧରେ ପ୍ରଜାଙ୍କ ପକ୍ଷ ସମର୍ଥନ କରୁଛି, ସେହିପରି କରୁଥାଉ। ଓଡ଼ିଆ ଲୋକଙ୍କ ପ୍ରାଣକୁ ଛୁଉଁଥିଲା ପ୍ରଜାତନ୍ତ୍ର ଏବଂ ସ୍ୱାଧୀନତା, ସ୍ୱରାଜ ତଥା ସମାଜ ସଂସ୍କାର ଦିଗରେ ପ୍ରଜାତନ୍ତ୍ରର ସିଂହନାଦ ଅବଦମିତ ପ୍ରଜାଙ୍କ ଭିତରେ ସୃଷ୍ଟି କରିଥିଲା ଅପୂର୍ବ ଜାଗରଣ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ।

## କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି

# ଓଡ଼ିଶାର ୬ଟି ସମେତ ମୋଟ ୮ଟି ରେଳ ପ୍ରକଳ୍ପକୁ ଅନୁମୋଦନ

**ଭୁବନେଶ୍ୱର,୯।୮: ନ୍ୟୁଜ୍‌ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର କ୍ୟାବିନେଟ ଶୁକ୍ରବାର ୮ଟି ପ୍ରମୁଖ ରେଳ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏଗୁଡ଼ିକ ହେଉଛି ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ବିକାଶ ଭିତ୍ତିକ ପ୍ରକଳ୍ପ। ଏହି ୮ଟି ପ୍ରକଳ୍ପ ପାଇଁ ମୋଟ ୨୪,୬୫୭ କୋଟି ଟଙ୍କା ଖର୍ଚ୍ଚ ହେବ। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ନେତୃତ୍ୱରେ କ୍ୟାବିନେଟ ଶୁକ୍ରବାର କିଛି ଐତିହାସିକ ନିଷ୍ପତ୍ତି ନେଇଛି।

ବଜେଟ୍ ୨୦୨୪ରେ ପ୍ରଧାନମନ୍ତ୍ରୀ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ବିକାଶ ପାଇଁ ତାଙ୍କ ପୂର୍ବୋଦୟ ଯୋଜନା ପ୍ରଣୟନ କରିଥିଲେ। ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ ଉତ୍ତର-ପୂର୍ବ ରାଜ୍ୟର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କ୍ୟାବିନେଟର ଏହି ନିଷ୍ପତ୍ତିରେ କୁହାଯାଇଛି। ଏହି ରାଜ୍ୟଗୁଡ଼ିକର ବିକାଶ ପାଇଁ ୮ଟି ରେଳ ପ୍ରକଳ୍ପକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ୮ଟି ପ୍ରକଳ୍ପ ମଧ୍ୟରୁ ୬ଟି ପ୍ରକଳ୍ପ ଓଡ଼ିଶାରେ କାର୍ଯ୍ୟକାରୀ ହେବ। ଓଡ଼ିଶାର ପ୍ରକଳ୍ପଗୁଡ଼ିକ ମଧ୍ୟରେ ଅଛି ଗୁଣୁପୁର-ଥେରୁବାଲି, ଜୁନାଗଡ଼-ନବରଙ୍ଗପୁର, ବାଦାମପାହାଡ଼-କେନ୍ଦୁଝରଗଡ଼, ବାଙ୍ଗିରିପୋଷି-ଗୋରୁମହିଷାଣି, ମାଲକାନଗିରି-ପାଣ୍ଡୁରଙ୍ଗପୁର (ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା) ଓ ବୁରାମରା-ଚକୁଳିଆ (ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ)। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ୬୪ଟି ନୂଆ ରେଳ ଷ୍ଟେସନ ଅନ୍ତର୍ଭୁକ୍ତ ହେବ।



# ବନ୍ୟାଜଳ ସ୍ରୋତରେ ଫସିଲେ ବାଇକ୍ ସହ ୩ ଯୁବକ

**ବାଲେଶ୍ୱର,୯।୮: ନ୍ୟୁଜ୍‌ବ୍ୟୁରୋ**

ପୋଲ ଉପରେ ଚାଲିଛି ୪ ଫୁଟର ପାଣି। ପାଣିରେ ପଡିଛି ସୁଅ। ଅତି ବିପଦସଙ୍କୁଳ ଅବସ୍ଥାରେ ଲୋକେ ପୋଲ ଉପରେ ପାର ହେଉଥିବା ବେଳେ ଘଟିଲା ଅଘଟଣ। ଏକ ବାଇକ୍‌ରେ ଆସି ୩ ଜଣ ଯୁବକ ଉଚ୍ଛୁଳା ନଦୀ ପାଣି ସୁଅରେ ପୋଲ ଉପରେ ପାର ହେଉଥିବା ବେଳେ ପୋଲ ମଝିରେ ପାଣି ସୁଅରେ ଫସିଲେ ୩ ଯୁବକ। ଅଳ୍ପକେ ବର୍ତ୍ତିଗଲା ଜୀବନ। ପୋଲ ଉପରୁ ଭାସିବା ପୂର୍ବରୁ ବଞ୍ଚାଇ ଆଣିଲେ ସ୍ଥାନୀୟ ଯୁବକ। ଏଭଳି ଘଟଣା ଘଟିଛି ଉଦଳା ବ୍ଲକ କଇଁସାରୀ ଠାରେ ଥିବା ଜାମୁଘାଟ ପୋଲରେ।



ଉପରମୁଣ୍ଡରେ ଲଗାଣ ବର୍ଷା ଜାରି ରହିବା କାରଣରୁ ନଦୀର ଜଳସ୍ତର ବୃଦ୍ଧି ପାଇଛି। ଦେଓ ନଦୀ ଫୁଲିଥିବା ବେଳେ ଜାମୁଘାଟ ପୋଲ ଉପରେ ଦେଓ ନଦୀର ୪ ଫୁଟ ଉଚ୍ଚର ପାଣି ପ୍ରବାହିତ ହୋଇଛି। ଯାହାକି ଜାମୁଘାଟ ପୋଲ ବୁଡ଼ିବା ସହିତ ଉଦଳା-ବାଲେଶ୍ୱର ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି। ହେଲେ ଲୋକେ ଉକ୍ତ ପୋଲ ଉପରେ ୪ ଫୁଟ୍ ପାଣିରେ ପଶି ନଦୀ ପାର ହେଉଥିଲେ। ୩ ଜଣ ଯୁବକ ଏକ ବାଇକ୍‌ରେ ଆସି ପାଣିରେ ପଶି ପୋଲ ପାର ହେବାକୁ ଚେଷ୍ଟା କରିଥିଲେ। ୩ ଯୁବକ ନଦୀ ସୁଅରେ ଟଳମଳ ହେବା ସହିତ ଧୀରେ ଧୀରେ ସୁଅ ମୁହଁକୁ ଚାଲିଯାଇଥିଲେ। ସେଠାରେ ୩ ଜଣ ପରସ୍ପରକୁ ଧରି ରଖି ଛିଡା ହୋଇଥିଲେ। ନଦୀର ଜଳସ୍ତର ବୃଦ୍ଧି ପାଉଥିବା ବେଳେ ସ୍ଥାନୀୟ ଯୁବକମାନେ ଯାଇ ନଦୀ ସୁଅରେ ପଶି ୩ ଜଣ ଯୁବକଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ।



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କ ରଚିତ ଶ୍ରୀଗୁରୁ ଭାଗବତର (ଓଡ଼ିଆ) ନବମ ଖଣ୍ଡ ଲୋକାର୍ପିତ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

ଏବେ ବଜାରରେ ଉପଲବ୍ଧ...

'କଥାକଳିକା': ଅଗଷ୍ଟ ସଂଖ୍ୟା-୨୦୨୪




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ପେଟପାଟଣା-ଗଙ୍ଗାଧର ବିଶ୍ୱାଳ
**ସମକାଳର କଥା :** ସୁଖ ସହ ସାମ୍ନା ସାମ୍ନି-ସୁଷମା ପରିଜା, ମହିଷ ମର୍ଦ୍ଦିନୀ-ମନୋଜ କୁମାର ଜେନା, ରୂପାନ୍ତର-ସ୍ମୃତି ପଟ୍ଟନାୟକ, ତୁଳସୀ-ସତ୍ୟରଞ୍ଜନ ସାହୁ।
**ଅନ୍ୟ ଭାଷାର କଥା :** ଭୋଟର ସାବିତ୍ରୀ- ଅଶୋକ କୁମାର ସା
**ଯୁବ ମାନସର କଥା :** ଗୋଟିଏ ଦହିତ ଦୁର୍ଗର କାହାଣୀ, କ୍ଷୀରୋଦ ବିହାରୀ ବିଶ୍ୱାଳ, ଚୋରଣୀ- ପଦ୍ମାଳୟା ପାଢୀ, କ'ଣ ଖୋଜୁଛ- ସବିତାରାଣୀ ବେହେରା, ମୃତ୍ୟୁ ସମ୍ବାଦ-ଆନନ୍ଦ କୁମାର ମାଇତି, ଗ୍ରହଣ-ସ୍ନିଗ୍ଧା ନାୟକ, ଭୁଲ କାହାର-ପ୍ରଜ୍ଞା ମହାନ୍ତି।
ଏବଂ ଶେଷରେ କଥା ସାଗର : ଅନନ୍ୟନାରୀ ଚିତ୍ରପଟ୍ଟ-ଅଶୋକ ବିଶ୍ୱାଳ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# ଜନଜାତି ସମ୍ପ୍ରଦାୟର ବିକାଶ ବିନା ଓଡ଼ିଶାର ବିକାଶ ସମ୍ଭବ ନୁହେଁ : ନବୀନ ପଟ୍ଟନାୟକ

**ଭୁବନେଶ୍ୱର,୯।୮: ନ୍ୟୁଜ୍‌ବ୍ୟୁରୋ**

ବିଜୁ ଜନତା ଦଳର ମୁଖ୍ୟାଳୟ ଶଙ୍ଖଭବନରେ ବିଶ୍ୱ ଆଦିବାସୀ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଇ ଓଡ଼ିଶାର ସମସ୍ତ ଜନଜାତି ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ଜନଜାତି ସମ୍ପ୍ରଦାୟର ବିକାଶ ବିନା ଓଡ଼ିଶାର ବିକାଶ ସମ୍ଭବ ନୁହେଁ ବୋଲି କହିଥିଲେ।



ଶ୍ରୀ ପଟ୍ଟନାୟକ କହିଲେ ଯେ, ଶୁକ୍ରବାର ମଧ୍ୟ ଅଗଷ୍ଟ କ୍ରାନ୍ତି ଦିବସ। ଏହି ଅବସରରେ, ସହିଦମାନଙ୍କୁ ମୋର ଶ୍ରଦ୍ଧାଞ୍ଜଳି। ଓଡ଼ିଶା ପାଇଁ ଆଜି ଦିନର ବିଶେଷ ଗୁରୁତ୍ୱ ରହିଛି। ଆମ ରାଜ୍ୟର ସମୁଦାୟ ଜନସଂଖ୍ୟାର ପ୍ରାୟ ଏକ ଚତୁର୍ଥାଂଶହେଲେ ଆଦିବାସୀ ସମ୍ପ୍ରଦାୟର। ଜନଜାତି ଭାଇଭଉଣୀମାନଙ୍କ କଲ୍ୟାଣ ଏବଂ ସଂସ୍କୃତିର ସୁରକ୍ଷା ପାଇଁ ବିଜେଡି ସରକାର ଅନେକ ପଦକ୍ଷେପ ନେଇଥିଲା। ଶ୍ରୀ ପଟ୍ଟନାୟକ କହିଥିଲେ ଯେ, କୋରାପୁଟରେ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ, କଳାହାଣ୍ଡିରେ ସହିଦ ରେଣ୍ଡୋ ମାଝି ମେଡିକାଲ କଲେଜ, ବାରିପଦାରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ରାଉରକେଲାରେ ଭଗବାନ ବିର୍ଶା ମୁଣ୍ଡା ହକିଷ୍ଟାଡିୟମ ବିଜେଡି ସରକାର କରିଛି। ସେମାନଙ୍କ ସଂସ୍କୃତିର ସୁରକ୍ଷା ପାଇଁ ବିଜେଡି ସରକାର ସ୍ୱେଶିଆଲ ଡେଭେଲପମେଣ୍ଟ କାଉନସିଲ ଗଠନ କରିଥିଲା। ଏହା ଥିଲା ସାରା ଦେଶରେ ଏକ ନୂଆ ପଦକ୍ଷେପ। ଜଙ୍ଗଲଜମି ଅଧିକାର ହେଉ ବା ଶିକ୍ଷାର ପ୍ରସାର ବା ଜୀବିକାର ସୁରକ୍ଷା ବା ସାନ୍ତାଳି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ଏସବୁ କାମ ବିଜେଡି ସରକାର ସମୟରେ ହିଁ ହୋଇଛି।

ସେ ଆହୁରି କହିଥିଲେ, ବିଜେଡିସରକାର ୧୬୯ କମ୍ୟୁନିଟିକୁ ଜନଜାତି ସମ୍ପ୍ରଦାୟର ମାନ୍ୟତା ପ୍ରଦାନ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଲଗାତାର ଦାବିକରି ଆସୁଛି। ସେହିପରି କିଛି ଜନଜାତି ଭାଷା ଯଥା ହୋ, ମୁଣ୍ଡାରୀ, ଭୂମିଜ, ସଉରା ଓ କୁଇ ଇତ୍ୟାଦିକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ବିଜେଡି ଦାବି କରିଆସୁଛି। ଉଭୟ ଦାବିକୁ କେନ୍ଦ୍ରସରକାର ତୁରନ୍ତ ମାନିନେବା ଉଚିତ। ଆଦିବାସୀ ଭାଇଭଉଣୀମାନଙ୍କ ପାଇଁ ଆମେଗର୍ବିତ। ସେମାନଙ୍କ ବିକାଶ ଓ ସ୍ୱତନ୍ତ୍ର ପରିଚୟର ସୁରକ୍ଷା ପାଇଁ ବିଜେଡି ତା'ର ଉଦ୍ୟମ ଜାରି ରଖିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିବା ବେଳେ କୋରାପୁଟର ବିଜେଡ଼ି ସାଂସଦ ପ୍ରାର୍ଥୀ କୌଶଲ୍ୟା ହିକ୍‌କା, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଓ ଅଶୋକ ପଣ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ବିଜୁ ଜନତା ଦଳର ମିଡ଼ିଆ ସଂଯୋଜକ ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଭିନ୍ନଭିନ ଗ୍ରୁପ ଆଦିବାସୀ ନୃତ୍ୟର ତାଳେ ତାଳେ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ଜନଜାତି ସମ୍ପ୍ରଦାୟର ଲୋକମାନେ ଅଂଶଗ୍ରହଣ କରିଥିଲେ। ଏହି ବିଶ୍ୱ ଆଦିବାସୀ ଦିବସରେ ଦେବୀ ପ୍ରସାଦ ମିଶ୍ର (ଚେୟାରମ୍ୟାନ କୋର୍ଡ଼ିନେସନ କମିଟି, ବିଜେଡ଼ି), ସନ୍ତୃପ୍ତ ମିଶ୍ର (ପଲିଟିକାଲସେକ୍ରେଟାରୀ, ସଭାପତି, ବିଜୁଜନତା ଦଳ), ସୁଦାମମାରାଣ୍ଡି (ପୂର୍ବତନ ମନ୍ତ୍ରୀ), ଶ୍ରୀଜଗନ୍ନାଥ ସାରକା (ପୂର୍ବତନ ମନ୍ତ୍ରୀ), ସୁଶାନ୍ତ ରାଉତ (ବିଧାୟକ, ଭୁବନେଶ୍ୱର ଉତ୍ତର), ଅନନ୍ତ ନାରାୟଣ ଜେନା (ବିଧାୟକ, ଭୁବନେଶ୍ୱର ମଧ୍ୟ), ଅଶୋକ ପଣ୍ଡା (ପୂର୍ବତନ ମନ୍ତ୍ରୀ), ସୁଲୋଚନା ଦାସ (ମେୟର, ଭୁବନେଶ୍ୱର) ପ୍ରମୁଖ ଦଳର ବହୁ ବିଶିଷ୍ଟ ନେତା ଓ କର୍ମୀ ଯୋଗ ଦେଇଥିଲେ।

### ଆଳୁ ସଙ୍କଟ: ଦିଦିଙ୍କ ସହ କଥା ହେବେ ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ

**କଟକ,୯।୮: ନ୍ୟୁଜ୍‌ବ୍ୟୁରୋ**

ଦିନକୁ ଦିନ ଆଳୁ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଗୋଟିଏ ପଟେ ଦ୍ରୁତ ବେଗରେ ମୂଲ୍ୟ ବଢୁଥିବା ବେଳେ ଅନ୍ୟପଟେ ରାଜ୍ୟକୁ ଆମଦାନୀ ସ୍ୱାଭାବିକ ହୋଇପାରୁନି। ଆଳୁ ଏକ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀ ହୋଇଥିବାରୁ ଗରିବଙ୍କଠାରୁ ନିମ୍ନ ମଧ୍ୟବିତ୍ତ ପର୍ଯ୍ୟନ୍ତ ଦରବୃଦ୍ଧିକୁ ନେଇ ସମସ୍ତେ ଚିନ୍ତିତ। ଓଡ଼ିଶାରେ ଖୁବ୍ ଶୀଘ୍ର ଆଳୁ ସଙ୍କଟ ଦୂର ହେବ। ଏନେଇ ପଶ୍ଚିମବଙ୍ଗ ଗସ୍ତରେ ବାହାରିଛନ୍ତି ଜଗନ୍ନାଥଙ୍କ ବାଡ଼ଗ୍ରାହୀ ଜଗୁନୀ ମହାପାତ୍ର। ସେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଆଲୋଚନା କରିବେ। ଉଭୟ ସରକାର ଏହାର ସମାଧାନ କରିବା ଉଚିତ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

# ଆଳୁ ସଙ୍କଟକୁ ନେଇ ତାତିଲେ ସାମାଜିକ ସଂଗଠନ
# ଅଟକାଇଲେ ଓଡ଼ିଶା ଦେଇ ଯାଉଥିବା ପଶ୍ଚିମବଙ୍ଗର ଖାଦ୍ୟସାମଗ୍ରୀ ଗାଡ଼ି

**ଚୌଦ୍ୱାର,୯।୮: ନ୍ୟୁଜ୍‌ବ୍ୟୁରୋ**

ଦିନକୁ ଦିନ ଆଳୁ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଗୋଟିଏ ପଟେ ଦ୍ରୁତ ଗତିରେ ମୂଲ୍ୟ ବଢୁଥିବାବେଳେ ଅନ୍ୟପଟେ ରାଜ୍ୟକୁ ଆମଦାନୀ ସ୍ୱାଭାବିକ ହୋଇପାରୁନି। ଆଳୁ ଏକ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀ ହୋଇଥିବାରୁ ଗରିବଙ୍କଠାରୁ ନିମ୍ନ ମଧ୍ୟବିତ୍ତ ପର୍ଯ୍ୟନ୍ତ ଦରବୃଦ୍ଧିକୁ ନେଇ ସମସ୍ତେ ଚିନ୍ତିତ। ଏହି ଆଳୁ ସଂକଟକୁ ନେଇ ତାତିଛନ୍ତି ବିଭିନ୍ନ ସାମାଜିକ ସଂଗଠନ। ପଶ୍ଚିମବଙ୍ଗ ସରକାର ଓଡ଼ିଶାକୁ ଆଳୁ ଗାଡ଼ି ନ ଛାଡିବା ପ୍ରସଙ୍ଗରେ କଟକ ଜିଲ୍ଲା ମଙ୍ଗୁଳି ଛକରେ ପଶ୍ଚିମବଙ୍ଗ ଯାଉଥିବା ଖାଦ୍ୟସାମଗ୍ରୀ ଗାଡ଼ି ଅଟକାଇଛନ୍ତି ବିଭିନ୍ନ ସାମାଜିକ ସଂଗଠନ। ପଶ୍ଚିମବଙ୍ଗ ପର୍ଯ୍ୟାପ୍ତ ଆଳୁ ନ ଛାଡ଼ିବା ପ୍ରତିବାଦରେ ଜୋରଦାର ବିକ୍ଷୋଭ କରିଛନ୍ତି। ଏନ୍‌ଏଚ୍ ୧୬ ମଙ୍ଗୁଳି ଛକରେ ଅଟକି ରହିଛି ବହୁ ଖାଦ୍ୟସାମଗ୍ରୀ ଗାଡ଼ି। ସୂଚନା ଅନୁଯାୟୀ, ସୀମାନ୍ତ ରାସ୍ତା ଦେଇ ଓଡ଼ିଶାକୁ ଆସୁଥିବା ଆଳୁ ଟ୍ରକକୁ ଅଟକାଇବା ପାଇଁ ଜଗି ବସିଛି ପଶ୍ଚିମବଙ୍ଗ ପୁଲିସ। ଗତ ବୁଧବାର ବିଳମ୍ବିତ ରାତିରେ ପଶ୍ଚିମବଙ୍ଗ ସୀମାର ଏକ ଗଳା ବାଟ ଗୋମୁଣ୍ଡାରୁ ଭୋଗରାଇ ବ୍ଲକର ବାଲିମ ରାସ୍ତା ଦେଇ ଏକ ଆଳୁ ବୋଝେଇ ଟ୍ରକ୍ ଆସୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ପଶ୍ଚିମବଙ୍ଗ ପୁଲିସ୍ ଗାଡ଼ି ପଛରେ ଗୋଡ଼େଇ ଥିଲା। ଗାଡ଼ିଟି ଦ୍ରୁତ ଗତିରେ ଓଡ଼ିଶା ଭିତରକୁ ମାତ୍ର ପାଞ୍ଚଶହ ମିଟର ଆସିବା ପରେ କମର୍ଦ୍ଦା ଥାନା ଅନ୍ତର୍ଗତ କଲ୍ୟାଣପୁର ଗାଁ ନିକଟରେ ରାସ୍ତା ପାର୍ଶ୍ୱରେ ଭାରସାମ୍ୟ ହରାଇ ଅଟକି ଯାଇଥିଲା।

# କାଠଯୋଡ଼ି ପୋଲ ଉପରେ ମୋବାଇଲ୍, ଆଧାରକାର୍ଡ ରଖି ନଦୀକୁ ଡେଇଁଲେ ଦମ୍ପତି

**କଟକ,୯।୮: ନ୍ୟୁଜ୍‌ବ୍ୟୁରୋ**

କାଠଯୋଡ଼ି ପୋଲ ଉପରେ ମୋବାଇଲ୍ ଓ ଆଧାରକାର୍ଡ ରଖି ପାଣିକୁ ଡେଇଁଛନ୍ତି ଦମ୍ପତି। ଶୁକ୍ରବାର ସନ୍ଧ୍ୟାରେ କଟକ ଜିଲ୍ଲା ବାରଙ୍ଗ ଥାନା ଅଧୀନ ତ୍ରିଶୁଳିଆ ନିକଟ କାଠଯୋଡ଼ିରେ ଏହି ଅଭାବନୀୟ ଘଟଣା ଘଟିଛି। ଉଭୟ ସ୍ୱାମୀ-ସ୍ତ୍ରୀ ପାଣିରେ ଭାସିଯାଇଥିବା କୁହାଯାଉଛି। ନିଖୋଜ ସ୍ୱାମୀ-ସ୍ତ୍ରୀ ପ୍ରଦ୍ୟୁମ୍ନ ଲେଙ୍କା ଓ ବର୍ଷା ଲେଙ୍କା ବୋଲି କୁହାଯାଉଛି।

ସୂଚନା ଅନୁସାରେ କଟକ ଜିଲ୍ଲା ବାରଙ୍ଗ ଥାନା ଅଧୀନ ତ୍ରିଶୁଳିଆ ପୋଲ ଉପରକୁ ଶୁକ୍ରବାର ସନ୍ଧ୍ୟାରେ ଜିଲ୍ଲାର ବାଙ୍କୀ ଅଞ୍ଚଳର ଦମ୍ପତି ପହଞ୍ଚିଥିଲେ। ସେମାନେ ପୋଲ ଉପରେ ମୋବାଇଲ ଓ ଆଧାରକାର୍ଡ ରଖିଥିଲେ। ଏହା ପରେ ହଠାତ୍ ପାଣିକୁ ଡେଇଁଥିଲେ। ଉଭୟ ପାଣିକୁ ଡେଇଁବାର ଦୃଶ୍ୟ ସ୍ଥାନୀୟ ଲୋକ ଦେଖିଥିଲେ ମଧ୍ୟ ସେମାନେ କିଛି ଭାବିବା ପୂର୍ବରୁ ଅଘଟଣ ଘଟି ସାରିଥିଲା।

ସ୍ଥାନୀୟ ଲୋକଙ୍କର ସୂଚନା ଆଧାରରେ ଘଟଣାସ୍ଥଳକୁ ଅଗ୍ନିଶମ ବାହିନୀ ଓ ପୁଲିସ ପହଞ୍ଚିଥିଲେ। ରିପୋର୍ଟ ଲେଖାଯିବା ବେଳକୁ ସ୍ୱାମୀ ଓ ସ୍ତ୍ରୀ ନିଖୋଜ ଥିଲେ। ଅନ୍ଧାର ହୋଇଯାଇଥିବାରୁ ଉଦ୍ଧାର କାର୍ଯ୍ୟରେ ବାଧା ପ୍ରାପ୍ତ ହୋଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ଅଞ୍ଚଳରେ ନୀଦକୁ ଡେଇଁ ଆତ୍ମହତ୍ୟା କରୁଥିବାରୁ ପୂର୍ବରୁ ଅନେକ ଘଟଣା ଘଟିଯାଇଛି।